₹: 25
www.amarisatya.in
@amarisatya

# ଆମରି ସତ୍ୟ

# AMARI SATYA

# 2024

ଚତୁର୍ଦ୍ଦଶ ବର୍ଷ, ସପ୍ତମ ସଂଖ୍ୟା
ଜାନୁୟାରୀ ୨୦୨୪, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24




ଆଲୋଚନାଚକ୍ର - 'ମାଣବସା ଲକ୍ଷ୍ମୀ ପୁରାଣ' ଏକ ସମୀକ୍ଷା
ତା୧୭.୧୨.୨୦୨୩ରିଖ, ତାଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ବରପଦା, ଜଟଣୀ


Crompton
ରବିନ୍ଦ୍ର ଇଲେକ୍ଟ୍ରିକାଲ ୱାର୍କସ୍
RABINDRA ELECTRICAL WORKS
SitaRam Chhaka, Jatni, Khordha-752050
GST. 21AONPS2330A1ZI
Fans
Lighting
Air Coolers
Water Heaters
Pumps
Chimney

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ସପ୍ତମ ସଂଖ୍ୟା ❖ ଜାନୁୟାରୀ ୨୦୨୪



**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୭୬୭୯୭୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪



**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା
**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


## ଗ୍ରାହକମାନଙ୍କ ପାଇଁ ସୂଚନା


| | | |
|---|---|---|
| ୧. | ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. | ବାର୍ଷିକ ଦେୟ | ଟ.୨୫୦/- |
| ୩. | ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ) | ଟ.୩୦୦୦/- |

ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।



AMARISATYA : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ସତ କହୁଛି ହେ' କାଳିଆ ସାଆନ୍ତେ
ଗରୁଡ଼ ଖମ୍ବ ମୋ' ସାକ୍ଷୀ
ଦେଖି ଦେଲେ ଥରେ ତମ ଚକାଆଖି
ଆଖି ମୋର ଯାଏ ଲାଖି ।।୦।।

ବଡ଼ ଦେଉଳରେ ତମକୁ ଦେଖିଲେ
ଭାବରେ ଯାଏ ମୁଁ ହଜି
ଲାଗିଥାଏ ମୋତେ ଭାବର ଦିଅଁକୁ
ପାଖରେ ପାଇଛି ଖୋଜି
ଭବ ବନ୍ଧନରୁ ମନ ମୋ' ମୁକୁଳି
ରହିଛି ତମକୁ ଚାହିଁ ।।୧।।
ସତ କହୁଛି ହେ'........

ଭକତି ଡୋରରେ ବାନ୍ଧିନିଅ ମୋତେ
ଆହେ ପ୍ରଭୁ ମହାବାହୁ
ଧନ ଜନ ମାନ ଲୋଡାନାହିଁ ମୋର
ଏତିକି କରୁଣା ଥାଉ
ନିଳାଚଳ ଧାମେ ଯାଉ ଏ ଜୀବନ
କଳା ଶ୍ରୀମୁଖକୁ ଦେଖି ।।୨।।
ସତ କହୁଛି ହେ'.........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୨୬୨୮୦

## ଅମର ଲେଖନୀରୁ

ସଂସାର ତୁମୁଳ ରଣ ପ୍ରାଙ୍ଗଣେ,
ଉତ୍କଳର ଜନତନୟଗଣେ,
ପଛରେ କେବେହେଁ ନପଡୁ ଦେବ,
ଶ୍ରୀଛାମୁରୁ ଏହି ଆଦେଶ ହେବ
ଘେନି ଅପୂର୍ବ ଉତ୍ସାହ ଯେ
ଭାରତର ମହାଜାତୀୟତରଙ୍ଗେ
ମିଶୁ ଉତ୍କଳର ପ୍ରବାହ ଯେ।
(ଉତ୍କଳମଣି ଗୋପବନ୍ଧୁ ଦାସ)

## ହିତବାଣୀ

### ଗୀତା

ସଙ୍କରୋ ନରକାୟୈ କୁଳଘ୍ନାନାଂ କୁଳସ୍ୟ ଚ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ।।

କୁଳନାଶକାରୀମାନଙ୍କୁ ତଥା କୁଳକୁ ନରକକୁ ନେଇଯିବା ଲାଗି ହିଁ ବର୍ଣ୍ଣସଙ୍କର ଜାତ ହୋଇଥାଏ। ପିଣ୍ଡକ୍ରିୟା ଓ ଜଳଦାନକ୍ରିୟା ଲୁପ୍ତ ହେବାରୁ ପିତୃଲୋକମାନେ ଶ୍ରାଦ୍ଧ ଓ ତର୍ପଣରୁ ବଞ୍ଚିତ ହୋଇ ଅଧୋଗତି ପ୍ରାପ୍ତ ହୁଅନ୍ତି।

### ଭାଗବତ ବାଣୀ

ଯହିଁ ଅନେକ ଲୋକ ମିଳି। ଅବଶ୍ୟ ଉପୁଜଇ କଳି।।
ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି। ଦେବତା ହୋଇଲେ ମରଇ।।

### ଚାଣକ୍ୟ ନୀତି

ଉତ୍ସବେ ବ୍ୟସନେଚୈବ ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ।
ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ।।

ଉତ୍ସବ ସମୟରେ, ବିପଦ କାଳରେ, ଦେଶରେ ଅରାଜକତା କାଳରେ, ରାଜଦ୍ୱାରରେ ଓ ଶ୍ମଶାନ ଭୂମିରେ ଉପସ୍ଥିତ ରହି ସୁଖଦୁଃଖରେ ସମଭାଗୀ ହୁଏ, ତା'କୁ ହିଁ ପ୍ରକୃତ ବନ୍ଧୁ କୁହାଯାଏ।

### ନୀତିଶ୍ଳୋକ

ବହବୋ ନ ବିରୋଦ୍ଧବ୍ୟା ଦୁର୍ଜୟା ହିଁ ମହାଜନଃ।
ସ୍ଫୁରନ୍ତମପି ନାଗେନ୍ଦ୍ରଂ ଭକ୍ଷୟନ୍ତି ପିପିଲିକାଃ।।

ବହୁଲୋକ ମିଳିତ ହେଲେ ସେମାନେ ଦୁର୍ଜୟ ହୁଅନ୍ତି। ସେମାନଙ୍କର ବିରୋଧୀ ହେବା ଅନୁଚିତ। ମହାସର୍ପ ଫୁତ୍କାର କରୁଥିଲେ ହେଁ ତା'କୁ ପିମ୍ପୁଡିମାନେ ଖାଇଯାଇଥିଲେ।

### ଢଗଢ଼ମାଳି

ଅଧିକ ଆମ୍ବ ଅଧିକ ଧାନ,
ଅଧିକ ତେନ୍ତୁଳି ବନ୍ୟାପ୍ରମାଣ।

ଆମ୍ବ ଅଧିକ ଫଳିଲେ, ଅଧିକ ଧାନ ଅମଳ ହୁଏ ଏବଂ ତେନ୍ତୁଳି ଅଧିକ ଫଳିଲେ ବନ୍ୟା ଆସିଥାଏ ବୋଲି ପ୍ରମାଣସିଦ୍ଧ, ଏହି ଉକ୍ତି ଜନମୁଖରେ ପ୍ରଚଳିତ ଅଛି।

### ରୂଢ଼ି ପ୍ରୟୋଗ

ଅନ୍ଧ ବୁଝାମଣା -
ଚିନ୍ତା ନକରି ସିଦ୍ଧାନ୍ତରେ ପହଞ୍ଚିବା



# ସମ୍ପାଦକୀୟ....

ଆସନ୍ତା ଜାନୁଆରୀ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ଓଡ଼ିଶା ସହ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ଇତିହାସରେ ଯୋଡ଼ିହେବ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ। ପ୍ରଥମ ନିମନ୍ତ୍ରଣ ପତ୍ର ପ୍ରଭୁ ଲିଙ୍ଗରାଜଙ୍କୁ ଦିଆଯାଇଛି।

୨୦୨୧ ଫେବୃୟାରୀ ୨୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଲେ କେମିତି ଦେଖାଯିବ ବଡ଼ ଦେଉଳ ଚତୁଃପାର୍ଶ୍ୱ, ଦର୍ଶନାର୍ଥୀଙ୍କ ପାଇଁ କ'ଣ ରହିବ ସୁବିଧା ସୁଯୋଗ ଏବଂ ବିଶ୍ୱବାସୀଙ୍କ ଦୃଷ୍ଟି ଟାଣିବା ଭଳି କିଭଳି ରହିବ ପରିକ୍ରମା ମାର୍ଗ, ତାହା ଏହି ପ୍ରକଳ୍ପର ସ୍ପଷ୍ଟ ରୂପରେଖ ଥିଲା। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଏବଂ ଏହାର ବିକାଶ ଯୋଜନାକୁ ନେଇ ଯେଉଁ ଆକଳନ କରାଯାଇଥିଲା, ତାହା ଆଜି ସାକାର ହେବାକୁ ଯାଉଛି।

ଶ୍ରୀମନ୍ଦିରର ଚତୁଃପାର୍ଶ୍ୱକୁ ନୂଆରୂପ ଦିଆଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ପ୍ରକଳ୍ପରେ ଭକ୍ତମାନଙ୍କ ସୁବିଧା ପାଇଁ ୯ଟି ପ୍ରବେଶ ପଥ ରହିଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପାର୍ଶ୍ୱରେ ଓ ଏମାର ମଠ ନିକଟରେ ଦୁଇଟି ସ୍ଥାନରେ ୩ ହଜାର ଭକ୍ତଙ୍କ ପାଇଁ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ତିଆରି ହେବ ବୋଲି ନିଷ୍ପତ୍ତି ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରସ୍ତୁତ ହେଉଛି ଐତିହ୍ୟ କରିଡ଼ର। ଏଥିର ରହିବ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଛାପ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ମହାପ୍ରଭୁଙ୍କ ବେଶ, ଲୀଳା, ଶ୍ରୀମନ୍ଦିରରେ ବ୍ୟବହୃତ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଏବଂ ରଥ ନିର୍ମାଣ ସମ୍ପର୍କରେ ଶ୍ରଦ୍ଧାଳୁଙ୍କୁ ଅବଗତ କରାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ଲୋକାର୍ପଣ ଉତ୍ସବ ଅବସରରେ ଜଗନ୍ନାଥ ବଲ୍ଲଭ ପରିସରରେ ବିଭିନ୍ନ ପ୍ରଦର୍ଶନୀ କରାଯିବ। ମହାପ୍ରଭୁଙ୍କ ବିଭିନ୍ନ ଲୀଳାଗୁଡ଼ିକୁ ବାହାରୁ ଆସୁଥିବା ନିମନ୍ତ୍ରିତ ଅତିଥି ତଥା ଭକ୍ତଗଣ ଦେଖିପାରିବେ। ମହାପ୍ରଭୁଙ୍କର ଅନେକ ଭକ୍ତ ଯେପରିକି ଭକ୍ତ ସାଲବେଗ, ଦାସିଆବାଉରୀ ପ୍ରମୁଖ ରହିଛନ୍ତି; ଯେଉଁମାନଙ୍କ ପାଇଁ ମହାପ୍ରଭୁ ନିଜେ ଅଲୌକିକତା ଦେଖାଇଛନ୍ତି, ସେ ସବୁର ପ୍ରଦର୍ଶନ କରାଯିବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦୈନନ୍ଦିନ ନୀତିରେ ବ୍ୟବହୃତ ହେଉଥିବା ଜିନିଷପତ୍ର ଯେପରିକି ହାଣ୍ଡି, କୁଡୁଆ, ଥାଳି, ଘଣ୍ଟି, ଗଡୁ, ଦର୍ପଣ ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହେବ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁ ସମାଜର ଶ୍ରଦ୍ଧାଶୀଳତାର କେନ୍ଦ୍ର। ସାଢେ ୪ କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ହେଲେ ବି ସମସ୍ତ ସନାତନ ବିଶ୍ୱବାସୀଙ୍କର ଆରାଧ୍ୟ ଦେବତା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ; ଏହା ଆମ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ, ଏଥରେ ସନ୍ଦେହ ନାହିଁ।

**।। ଜୟ ଜଗନ୍ନାଥ ।।**

ଡ ପ୍ରସନ୍ନ କୁମାର ଜେନା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | COP-28 ଓ ଭାରତ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୩ | | ୭ |
| ୩. | ଜଳଯୋଦ୍ଧା ଆବିଦ ସୁରତି | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୮ |
| ୪. | ମନ | ପ୍ରଦୀପ କୁମାର ଜେନା | ୧୦ |
| ୫. | ଅମୃତତ୍ୱାୟ କଳ୍ପତେ | ଡ. ଅଭୟ କୁମାର ନାୟକ | ୧୧ |
| ୬. | ମିଛ କହିବାର କାରଣ କ'ଣ ? | ବିଭୂତିଭୂଷଣ ସେନାପତି | ୧୩ |
| ୭. | ସମ୍ପର୍କ | ଦେବାଶିଷ କର | ୧୪ |
| ୮. | ରାତ୍ରି ପ୍ରଭାତ ହୁଏ, ସ୍ୱପ... | ପଣ୍ଡିତ ରମାକାନ୍ତ ମିଶ୍ର | ୧୫ |
| ୯. | ଅଯୋଧ୍ୟା ରାମ ମନ୍ଦିର | | ୧୬ |
| ୧୦. | ବ୍ୟାସକବି ଫକୀର ମୋହନ ସେନାପତି | ଶରଚ୍ଚନ୍ଦ୍ର ମହାପାତ୍ର | ୧୭ |
| ୧୧. | ଅଳିକ ସଂସାରର ବାସ୍ତବ କର୍ମ | ଡ. ବାପି ସାହୁ | ୧୮ |
| ୧୨. | ଭାରତର ଖେଳରତ୍ନ ସାତ୍ୱିକ ଓ ଚିରାଗ | ଆଶିଷ କୁମାର ରାୟ | ୧୯ |
| ୧୩. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୧ |
| ୧୪. | ସମ୍ବାଦ ବିଚିତ୍ରା | | ୨୪ |
| ୧୫. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର | | ୨୫ |
| ୧୬. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |



## ବିଶେଷ ସୂଚନା

ଆପଣଙ୍କ ପ୍ରିୟ ଏହି ସୁପରିଚିତ ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୂଲ୍ୟରେ **'ବିଜ୍ଞାପନ'** ପ୍ରକାଶିତ କରିବାର ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ ।

**ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା)**

**'ଆମରି ସତ୍ୟ'**

**ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ**
**ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା**
**ମୋ : ୯୪୩୭୨୮୧୬୫୫**


# ରହସ୍ୟ ଜଗତ ଡୋର



**ବୈଜ୍ଞାନିକ ଇ. ପ୍ରମୋଦ କୁମାର ନନ୍ଦ**

ମୁହିଁ ଚାଲିଯିବି ମୋହରି ବାଟରେ
ଥିବୁ ତୁହି ଏହା ରହିଁ,
ତୋ ନୀଳ ଆକାଶ ନୀଳ ପାରାବାର
ଅନନ୍ତ ମହିମା ଯହିଁ । (୧)
ସ୍ଥାବର ଜଙ୍ଗମ ଗୋଟି ବିଜେ ଜନ୍ମ
କୋଟି କୋଟି ରୂପାନ୍ତର,
ତୁହି ମହାମାୟୀ ତୁହି ମହାକାଳୀ
ମୁହିଁ ନରାଧମ ଛାର । (୨)
ନାହିଁ ତ ଆକାର ଅଟୁ ନିରାକାର
କୋଟି ଯୁଗ କଳ୍ପାନ୍ତରେ,
ଭକତ ଗହଣେ ସାକାର ଦର୍ଶନ
ଲାବଣ୍ୟରେ ମନ ଭରେ । (୩)
ତୁ ହିଁ ଜାଣିଅଛୁ ତୋର ସୀମା ଅନ୍ତ
ଅନନ୍ତ ଆଲୋକ ବର୍ଷ,
ମୁଁ ଅଟେ ଅଜ୍ଞାନ ତୋହରି ସୁତ
ପାନ କରେ ଭକ୍ତିରସ । (୪)
ପଞ୍ଚମହାଭୂତେ ଶରୀର ଗଠିତ
ଦଶ ଇନ୍ଦ୍ରିୟକୁ ଧରି,
ପଞ୍ଚମନ ଆଉ ପଚିଶି ପ୍ରକୃତି
ଦେହେ ମାୟାକୁ ଆବୋରି । (୫)
ମାୟାର ପରଦା ଘୋଡ଼ାଇ ରଖିଛୁ
ମାୟାମୋହେ ଆତଯାତ,
ଅଛିକେ ସାହାସୀ ପୁଙ୍ଗବ ଋଷି
ଦେଖିବ ପୀରତି ଯାତ । (୬)
କାହିଁ ପ୍ରଜାପତି ଶଙ୍କର ହରି
ସୃଷ୍ଟି ତୋ ଅନନ୍ତ ଗର୍ଭୁ,
ନ ଜାଣି ପାରନ୍ତି ନ ଚିହ୍ନିପାରନ୍ତି
ତୁ ପରା ଅଟୁ ସ୍ୱୟଂଭୁ । (୭)
ଅନନ୍ତ ବ୍ରହ୍ମାଣ୍ଡେ ପ୍ରକୃତିର ଭାଣ୍ଡେ
ଆତ୍ମା ପରମାତ୍ମା ଖେଳ,
କେ ଜାଣି ପାରିବ କେ କଳି ପାରିବ
ରହସ୍ୟ ଜଗତ ଡୋର । (୮)


**(ଆଜୀବନ ସଦସ୍ୟ, ଭାରତୀୟ ବିଜ୍ଞାନ କଂଗ୍ରେସ)**
**ବଡ଼ପାରୀ, ଖୋର୍ଦ୍ଧା-୭୫୨୦୨୩**
**ଦୂରଭାଷ-୮୫୯୬୮୨୩୬୬୪**




ଭଲ ପାଇବା ଦାବୀ କର ନାହିଁ। ଅନ୍ୟକୁ ଭଲ ପାଇବା ଆରମ୍ଭ କର, ତୁମକୁ ତାହା ଆପେ ମିଳିଯିବ। - ଚକ୍ରବର୍ତ୍ତୀ ରାଜ ଗୋପାଳାଚାରୀ

# COP28 ଏବଂ ଭାରତ



୨୦୨୩ରେ ଅନୁଷ୍ଠିତ, ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (UNFCCC), ସାଧାରଣତଃ COP28 ଭାବରେ ଜଣାଶୁଣା। ୨୮ ନଭେମ୍ବରରୁ ୧୨ ଡିସେମ୍ବର ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସର ଏକ୍ସପୋ ସିଟିରେ ୨୮ତମ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଥିଲା। ୧୯୯୨ରେ ପ୍ରଥମ ଜାତିସଂଘ ଜଳବାୟୁ ଚୁକ୍ତି ପରଠାରୁ ପ୍ରତିବର୍ଷ (କୋଭିଡ-୧୯ ମହାମାରୀ କାରଣରୁ ୨୦୨୦ ବ୍ୟତୀତ) COP ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି।

ସାରା ବିଶ୍ୱ ପାଇଁ ଜୀବାଶ୍ମ ଇନ୍ଧନ ବ୍ୟବହାରରୁ ବିରତ ରହିବା ଏକ ମହତ୍ୱପୂର୍ଣ୍ଣ ଆହ୍ୱାନ, ବିଶେଷକରି ବଢୁଥିବା ବିଦ୍ୟୁତ୍ ଚାହିଦା ଯୋଗୁଁ। COP28 ଗ୍ଲୋବାଲ୍ ଷ୍ଟକଟେକ୍ ତଥ୍ୟ ଅନୁସାରେ ଅଧିକାଂଶ ବିତ୍ତଶାଳୀ ଦେଶ, ବିଶେଷକରି ଆମେରିକା, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ ଜୀବାଶ୍ମ ଇନ୍ଧନ ଅପସାରଣକୁ ବିରୋଧ କରିଛନ୍ତି। ବାସ୍ତବରେ, ଏହି ଦେଶଗୁଡିକ ଦ୍ୱାରା ଜୀବାଶ୍ମ ଇନ୍ଧନ ବନ୍ଦ କରିବାରେ ପ୍ରମୁଖତା ଦେଖାଇବାକୁ ପଡିବ। ଏହି ଦେଶଗୁଡିକ ସେମାନଙ୍କର ଅଧିକାଂଶ ପ୍ରାଥମିକ ଶକ୍ତି ଚାହିଦା ପୂରଣ କରିବା ପାଇଁ ଏବଂ ସେମାନଙ୍କର ତୈଳ ଏବଂ ପ୍ରାକୃତିକ ଗ୍ୟାସ ଉତ୍ପାଦନକୁ ବିସ୍ତାର କରିବା ପାଇଁ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରନ୍ତି।



ବିକଶିତ ଦେଶ ସହିତ ବିକାଶଶୀଳ ଦେଶରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଅପସାରଣ ଆଶା କରିବା ଚିନ୍ତା ବଢାଇଥାଏ, ବିଶେଷ ଭାବରେ ବିକାଶଶୀଳ ରାଷ୍ଟ୍ରମାନେ ବିଚାର କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଅବଶ୍ୟ, ଜୀବାଶ୍ମ ଇନ୍ଧନର ଏକ ସଫଳ ବିଶ୍ୱସ୍ତରୀୟ ଅପସାରଣ ପାଇଁ, ବିକଶିତ ଦେଶ ପାଇଁ ଭିନ୍ନ ସମୟସୀମା ଉପରେ ସହମତ ହେବା ଏବଂ ଜଳବାୟୁ ଅର୍ଥନୈତିକ ବୃଦ୍ଧି ପାଇଁ ସୁଦୃଢ ପ୍ରତିଶ୍ରୁତି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିପରି ସହଯୋଗ ବିନା, ପ୍ରସ୍ତାବିତ COP28 ପ୍ରସ୍ତାବ ପ୍ରତି କୌଣସି ପ୍ରତିରୋଧର ଯଥାର୍ଥତା ନାହିଁ।

ଭାରତ ପରି ବିକାଶଶୀଳ ଦେଶ ପାଇଁ ଜୀବାଶ୍ମ ଇନ୍ଧନରୁ ବ୍ୟବହାରରୁ ବିରତ ରହିବା ଏକ ମହତ୍ୱପୂର୍ଣ୍ଣ ଆହ୍ୱାନ, ଯାହା ବଢୁଥିବା ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ ଅକ୍ଷୟ ଉତ୍ସ ଉପରେ ନିର୍ଭରଶୀଳତାକୁ ଦର୍ଶାଉଛି। ଏହା ସତ୍ତ୍ୱେ, ଗତ ଦଶନ୍ଧି ମଧ୍ୟରେ ଭାରତ କ୍ରମାଗତ ଭାବରେ ସ୍ୱଚ୍ଛ ଶକ୍ତି ଆଡକୁ ଗତି କରିଛି। ବିଶ୍ୱରେ ପବନ ଏବଂ ସୌର ଶକ୍ତିର ବୃହତ୍ତମ ସ୍ଥାପିତ କ୍ଷମତା ହିସାବରେ ଭାରତର ସ୍ଥାନ ଚତୁର୍ଥ। ଭାରତ ଏହାର ଅକ୍ଷୟ ଶକ୍ତି କ୍ଷମତାକୁ ବର୍ଷକୁ ୫୦ ଗିଗାୱାଟ ବେଗରେ ବୃଦ୍ଧି କରୁଛି, ଯାହା ବିଶ୍ୱରେ ଦ୍ରୁତତମ ଅଟେ ଏବଂ ୨୦୩୦ ସୁଦ୍ଧା ନିର୍ଗମନ ୪୫ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି, ଯାହା COP28 ଶିଖର ସମ୍ମିଳନୀରେ ଧାର୍ଯ୍ୟ ଲକ୍ଷ୍ୟ ୪୩ ପ୍ରତିଶତକୁ ଅତିକ୍ରମ କରିପାରିବ।

COP28 ବର୍ତ୍ତମାନ ଶେଷ ହୋଇଛି କିନ୍ତୁ ୨୦୨୧ ଗ୍ଲାସ୍‌ଗୋ ଜଳବାୟୁ ଚୁକ୍ତିରେ ଭାରତ ପ୍ରତିଶ୍ରୁତି ଦେଇଥିଲା ଯେ, ୨୦୩୦ ସୁଦ୍ଧା ଆମର ସ୍ଥାପିତ କ୍ଷମତାର ୫୦ ପ୍ରତିଶତ ଅଣ-ଜୀବାଶ୍ମ ଇନ୍ଧନରୁ ଆସିବ, ଆମେ ନିଶ୍ଚିତ ଯେ ୬୫ ପ୍ରତିଶତ ହାସଲ କରିପାରିବା। ଭାରତୀୟ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ, ଅକ୍ଷୟ ଶକ୍ତି ବିକାଶ ଏବଂ ନିୟୋଜନ ପାଇଁ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ସରକାରଙ୍କ ଉଦ୍ୟମ ସହିତ ବେସରକାରୀ ପୁଞ୍ଜି ବିନିଯୋଗ ଏବଂ ରାଜ୍ୟସ୍ତରୀୟ ପଦକ୍ଷେପ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହାର ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତକୁ ପ୍ରୋତ୍ସାହିତ କରିଛି। ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ମୁଖ୍ୟତଃ ପାଣିପାଗ ଉପରେ ନିର୍ଭରଶୀଳ ଏବଂ ବିଭିନ୍ନ ଋତୁ ହିସାବରେ ପରିବର୍ତ୍ତନଶୀଳତା ପ୍ରଦର୍ଶନ କରନ୍ତି, ଜୀବାଶ୍ମ ଇନ୍ଧନଭିତ୍ତିକ ବିଦ୍ୟୁତ୍ ପରି ଯେକୌଣସି ସମୟରେ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ନିୟନ୍ତ୍ରିତ ହୋଇପାରିବ। ମୋଟ ଉପରେ, ବୃହତ ଅକ୍ଷୟ ଉତ୍ସଗୁଡିକ ରଖିବା ପାଇଁ ବିଦ୍ୟୁତ ଗ୍ରୀଡରେ ନମନୀୟତାର ଆବଶ୍ୟକତା ଅଛି। ବର୍ତ୍ତମାନ, ଏହି ନମନୀୟତା ସହାୟତା ଜୀବାଶ୍ମ ଇନ୍ଧନ ଭିତ୍ତିକ ଉଦ୍ଭିଦ ଏବଂ ଅନ୍ତର୍ନିହିତ ଭାବରେ ନମନୀୟ ଜଳ ବିଦ୍ୟୁତ ପ୍ଲାଣ୍ଟ ଦ୍ୱାରା ପ୍ରଦାନ କରାଯାଇଛି। ଅବଶ୍ୟ, ଜୀବାଶ୍ମ ଇନ୍ଧନରୁ ଧୀରେ ଧୀରେ ବିରତ ହେବା ସହିତ ଅକ୍ଷୟ ଶକ୍ତି ମଧ୍ୟବର୍ତ୍ତିତା ପରିଚାଳନା ଧୀରେ ଧୀରେ ଆହ୍ୱାନ ହେବ।



ଭାରତ ସରକାର ୧୨ଟି ରାଜ୍ୟରେ ଅତି କମରେ ୫୦ଟି ସୌର ପାର୍କ ପ୍ରତିଷ୍ଠା କରିବାର ଲକ୍ଷ୍ୟ ନେଇ 'ସୌର ପାର୍କ ଏବଂ ଅଲଟ୍ରା ମେଗା ସୌର ଶକ୍ତି ପ୍ରକଳ୍ପ'ର ବିକାଶ ପାଇଁ ଉତ୍ସର୍ଗୀକୃତ।


ସବୁଜ ଉଦଜାନ ଏବଂ ଏହାର ଉତ୍ପାଦକ ଉତ୍ପାଦନ, ବ୍ୟବହାର ଏବଂ ରପ୍ତାନି ପାଇଁ ଭାରତକୁ ଏକ ମୁଖ୍ୟ ବିଶ୍ୱସ୍ତରୀୟ କେନ୍ଦ୍ର କରିବା ଲକ୍ଷ୍ୟରେ 'ଜାତୀୟ ସବୁଜ ଉଦଜାନ ଅଭିଯାନ' ମଧ୍ୟ ଆରମ୍ଭ କରାଯାଇଛି। ସବୁଜ ଉଦଜାନର ପ୍ରାକୃତିକ ଗ୍ୟାସ ସହିତ ଜୀବାଶ୍ମ ଇନ୍ଧନକୁ ଶକ୍ତି ଉତ୍ସ ଭାବରେ ବଦଳାଇବାର କ୍ଷମତା ଅଛି, ଯାହା ଦ୍ୱାରା ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହେବ। ଏହି ଅଭିଯାନ ଧୂସର ଉଦଜାନର ବିକଳ୍ପ ଭାବରେ ସାର ଉତ୍ପାଦନ, ତୈଳ ବିଶୋଧନ ଇତ୍ୟାଦି ଶିଳ୍ପରେ ପ୍ରତିସ୍ଥାପନ କରିବାକୁ ଯୋଜନା କରିଛି, ଯାହାଦ୍ୱାରା ବାୟୁ ପ୍ରଦୂଷଣ ହ୍ରାସ ହେବ ସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ବହୁଳ ନିର୍ଭରଶୀଳତା ମଧ୍ୟ ହ୍ରାସ ପାଇବ।

ଏହା ବ୍ୟତୀତ, ଅନ୍ୟାନ୍ୟ ସମ୍ଭାବ୍ୟ ବିକଳ୍ପଗୁଡିକ ଏକ ସମୃଦ୍ଧ ପ୍ରଣାଳୀରେ କାର୍ଯ୍ୟକାରୀ ହେବା ଆବଶ୍ୟକ, ଯାହା ଆପାତତଃ ମହଙ୍ଗା। ପାରମ୍ପରିକ ଶକ୍ତିରୁ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତି ପୂରଣ କରିବା ପାଇଁ ସରକାର କ୍ଷୁଦ୍ର ଆଣବିକ ରିଆକ୍ଟର ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ମଧ୍ୟ କାର୍ଯ୍ୟ କରୁଛି। କ୍ଷୁଦ୍ର କ୍ଷମତା ସମ୍ପନ୍ନ ଆଣବିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ଯାହାକୁ ଛୋଟ ମଡ୍ୟୁଲାର୍ ରିଆକ୍ଟର୍ସ କୁହାଯାଏ, ଯାହା ସରଳ ଏବଂ ଉନ୍ନତ ନିରାପତ୍ତା ପରି ବୈଶିଷ୍ଟ୍ୟତା ସମ୍ପନ୍ନ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଗୁଡିକର ପୁନଃ ପ୍ରତିଷ୍ଠା ପାଇଁ ଏକ ଆକର୍ଷଣୀୟ ବିକଳ୍ପ ଭାବରେ ନିଜକୁ ଉପସ୍ଥାପନ କରେ। ସ୍ୱଚ୍ଛ ଶକ୍ତି ଯୋଗ୍ୟ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ସତ୍ତ୍ୱେ ଜୀବାଶ୍ମ ଇନ୍ଧନ ଆସନ୍ତା କିଛି ବର୍ଷ ପାଇଁ ଭାରତର ବିଦ୍ୟୁତ୍ କ୍ଷେତ୍ରର ମୂଳଦୁଆ ହୋଇ ରହିବ।

ଆହୁରି ମଧ୍ୟ, କେବଳ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ, ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବିଦ୍ୟମାନ କର୍ମଚାରୀମାନଙ୍କ ପାଇଁ ଦକ୍ଷତା ବିକାଶ ଆବଶ୍ୟକ ହେବ, ଯାହାଦ୍ୱାରା ସେମାନେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ମଧ୍ୟ ସଫଳତାର ସହ କାର୍ଯ୍ୟରତ ହୋଇପାରିବେ। ଧୀରେ ଧୀରେ ଜୀବାଶ୍ମ ଇନ୍ଧନ ଭିତ୍ତିକ ଉତ୍ସଗୁଡିକରୁ ବିରତ ହେବା ପାଇଁ ସମଗ୍ର ଶକ୍ତି ପ୍ରଣାଳୀ ମିଶ୍ରଣକୁ ପ୍ରଯୁକ୍ତିବିଦ୍ୟା, ପାରଦର୍ଶିତା, ଅର୍ଥ ଏବଂ ସମୟ ଦୃଷ୍ଟିରେ ପୁନଃ ଡିଜାଇନ୍ କରାଯିବା ଆବଶ୍ୟକ। ଏକ ପ୍ରଦୂଷଣ ମୁକ୍ତ ଭବିଷ୍ୟତ ପାଇଁ ଜୀବାଶ୍ମ ଇନ୍ଧନ-ଆଧାରିତ ବିଦ୍ୟୁତରୁ ପର୍ଯ୍ୟାୟକ୍ରମେ ଅପସାରଣର ସମୟ ସୀମା, ଉତ୍ସଗୁଡ଼ିକର ଉପଲବ୍ଧତା ଉପରେ ନିର୍ଭର କରେ। ଭାରତ ଏକ ବିକାଶଶୀଳ ଦେଶ ହୋଇଥିବାରୁ ଜୀବାଶ୍ମ ଭିତ୍ତିକ ବିଦ୍ୟୁତର ଦ୍ରୁତ ଅପସାରଣ ପାଇଁ ସମ୍ବଳ ସଂଗ୍ରହ କରିବା ଆପାତତଃ କଷ୍ଟକର ହେବ।

ଯଦିଓ ଜୀବାଶ୍ମ ଇନ୍ଧନ ଉତ୍ସର ବ୍ୟବହାର ଜାରି ରଖିବା ପାଇଁ 'ଅଙ୍ଗାରକ ଜବତ ଏବଂ ସଂଗ୍ରହ', ଏକ ଉଲ୍ଲେଖନୀୟ ସମାଧାନ, ତଥାପି ଆମକୁ ମନେ ରଖିବାକୁ ହେବ ଯେ ବର୍ତ୍ତମାନର ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା ସ୍ଥାୟୀ ନୁହେଁ ଏବଂ ସଂରକ୍ଷଣ ବିକଳ୍ପ ସୀମିତ ମଧ୍ୟ। 'ଅଙ୍ଗାରକ ଜବତ ଏବଂ ସଂଗ୍ରହ' ପରି ଭବିଷ୍ୟତ ବିଶ୍ୱାସୀ ଅବିଭାଜିତ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭର କରି ହୁଏତ ଆମେ ପ୍ରଦୂଷଣ ମୁକ୍ତି ଲକ୍ଷ୍ୟରୁ ଦୂରେଇ ଯିବା। ଏହି ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ସମ୍ଭାଳିବା ପାଇଁ ଟେକ୍ନୋଲୋଜି, ଅର୍ଥ ଏବଂ ପାରଦର୍ଶିତା ଉପରେ ଅନ୍ତର୍ଜାତୀୟ ସମର୍ଥନ ଏବଂ ସହଯୋଗର ଆବଶ୍ୟକତା ରହିଛି, ବିକଶିତ ଦେଶଗୁଡିକ 'ଅନାବଶ୍ୟକ' ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବା' ଭଳି ଅଭିଯାନ ପଛରେ ଲୁଚି ରହି ନାହାନ୍ତି।

**ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ**





ସବୁ ବର୍ଷ ପରି ଚଳିତ ବର୍ଷ ୨୦୨୩ ପାଇଁ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୪ଟି ଭାଷାରେ ଏହି ସମ୍ମାନଜନକ ବାର୍ଷିକ ପୁରସ୍କାର ଘୋଷଣା କରାଯାଇଛି। ଏଥର ୯ଟି କବିତା ସଙ୍କଳନ, ୬ଟି ଉପନ୍ୟାସ, ୫ଟି କ୍ଷୁଦ୍ରଗଳ୍ପ ସଙ୍କଳନ, ୩ଟି ପ୍ରବନ୍ଧ ଏବଂ ଗୋଟିଏ ସାହିତ୍ୟ ଅଧ୍ୟୟନ ପୁରସ୍କାର ଜିତିଛି। ଆସନ୍ତା ୧୨ ମାର୍ଚ୍ଚ ୨୦୨୪ରେ ଭାରତର ରାଜଧାନୀ ନୂଆଦିଲ୍ଲୀର କପର୍ନିକସ୍ ମାର୍ଗସ୍ଥିତ କମାନି ଅଡିଟୋରିୟମରେ ଏହି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।

ଓଡ଼ିଶାର ବିଶିଷ୍ଟ କବି ଆଶୁତୋଷ ପରିଡା ତାଙ୍କ କବିତା ସଙ୍କଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୩ ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କୁ ଏକ ଶାଲ ଏବଂ ଏକ ତାମ୍ର ସ୍ମାରକୀ ସହ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ମିଳିବ। ବର୍ତ୍ତମାନ ଭୁବନେଶ୍ୱର ବାସିନ୍ଦା ଏହି କବି ୧୯୪୬ ମସିହା ଫେବୃଆରୀ ମାସରେ କେନ୍ଦ୍ରାପଡାରେ ଜନ୍ମଗ୍ରହଣ କରିଥିଲେ। ସେ ରାଉରକେଲାର ଆରଇସିରେ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଥିଲେ। ଏହାପରେ ସେ ଆଇଆଇଟି ଖଡ଼ଗପୁରରେ ଆବର୍ତ୍ତ ପୃଥକୀକରଣ ଯନ୍ତ୍ରର ପ୍ରସ୍ତୁତି ନେଇ ଗବେଷଣା କରି ପିଏଚଡି ଗ୍ରହଣ କରିଥିଲେ। ଏହାପରେ ଶ୍ରୀ ପରିଡ଼ା ଭୁବନେଶ୍ୱର ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। କେବଳ ଜଣେ କବି ଭାବେ ନୁହନ୍ତି, ବରଂ ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ମଧ୍ୟ ସେ ସୁପ୍ରତିଷ୍ଠିତ।

ସେ ଯୁକ୍ତ ଯାତନା, ଇପ୍ସିତ କ୍ରୋଧ, ଚଣ୍ଡାଳ, ଶବ୍ଦଭେଦୀ ଭଳି ବହୁ ଅତୁଳନୀୟ କବିତା ପୁସ୍ତକ ରଚନା କରିଛନ୍ତି। ତାଙ୍କର ଏକାଦଶ କବିତା ସଂଗ୍ରହ ଏବଂ ପ୍ରବନ୍ଧ ପୁସ୍ତକ ସହିତ ସେ ଓଡିଆ ସାହିତ୍ୟରେ ଜଣେ ପ୍ରତିବଦ୍ଧ ଲେଖକ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ତାଙ୍କ କବିତାରେ ସାମାଜିକ ନ୍ୟାୟ ପାଇଁ ପ୍ରତିବଦ୍ଧତା, ସବୁ ପ୍ରକାରର ଶୋଷଣ ବିରୁଦ୍ଧରେ ବିଦ୍ରୋହର ସ୍ୱର ଓ ଭାଷା ଏବଂ ସାମ୍ୟବାଦୀ ସ୍ୱପ୍ନାଦେଶ ଓଡିଆ କାବ୍ୟ ଜଗତରେ ତାଙ୍କୁ ଅନନ୍ୟ ପରିଚୟ ଦେଇଛି।

ତାଙ୍କର ସାହିତ୍ୟିକ ଅବଦାନ ପାଇଁ ତାଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଭାନୁଜୀ ରାଓ ମେମୋରିଆଲ୍ ଆୱାର୍ଡ, ସଚ୍ଚି ରାଉତରାୟ କବିତା ସମ୍ମାନ ଏବଂ ସତ୍ୟବାଦୀ ସାହିତ୍ୟ ସମ୍ମାନ ସମେତ ଅନେକ ପୁରସ୍କାର ଏବଂ ସମ୍ମାନ ପ୍ରଦାନ କରାଯାଇଛି। ୧୯୯୦ରେ କବିତା ସଂଗ୍ରହ 'ଇପ୍ସିତ କ୍ରୋଧ' ପାଇଁ ତାଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯାଇଥିଲା। ତାଙ୍କର ବହୁ ଅତୁଳନୀୟ କବିତାଗୁଡ଼ିକ ଇଂରାଜୀ, ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ପୀଡିତ ଆତ୍ମାର ଭାଷ୍ୟକାର କବି ଆଶୁତୋଷ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବେ।




# ଜଳଯୋଦ୍ଧା ଆବିଦ ସୁରତି



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଜଳ ଭିନ୍ନ ଭିନ୍ନ ନାମରେ ପରିଚିତ, ଯେପରିକି ପାଣି, ନୀର, ସଲିଳ, ଉଦକ। ଏହାର ଅନ୍ୟଏକ ନାମ 'ପ୍ରାଣଦ' ମଧ୍ୟ। ଯଥାର୍ଥରେ ଜଳ ହେଉଛି ପ୍ରାଣଦାୟକ। କାରଣ ଜଳ ବିନା ପ୍ରାଣ ଧାରଣ ସମ୍ଭବ ନୁହେଁ। ଆମେ ଜାଣୁ ଯେ ପୃଥିବୀର ତିନିଭାଗ ଜଳ ଏବଂ ଏକ ଭାଗ ସ୍ଥଳ। ପୃଥିବୀରେ ସମୁଦାୟ ଯେତେ ଜଳ ଅଛି, ତାର ପ୍ରାୟ ୯୭ ପ୍ରତିଶତ ଲୁଣିଆ ଜଳ ରହିଛି ସମୁଦ୍ରରେ ଓ ତାହା ପାନୀୟ ଉପଯୋଗୀ ନୁହେଁ। ଅବଶିଷ୍ଟ ୩ ପ୍ରତିଶତ ମଧୁର ଜଳ। ପୁଣି ମଧୁର ଜଳର ଶତକଡ଼ା ୬୯ ଭାଗ ମେରୁଅଞ୍ଚଳ ଓ ଅନ୍ୟାନ୍ୟ ସ୍ଥାନରେ ବରଫ ଭାବରେ ରହିଥିବାବେଳେ ଶତକଡ଼ା ୩୦ ଭାଗ ରହିଛି ଭୂମିତଳେ। ଏହି ଭୂମିତଳ ଜଳକୁ ଭୂତଳ ଜଳ ବୋଲି କୁହାଯାଏ। ତେଣୁ ମଧୁର ଜଳର ବାକି ୧ ପ୍ରତିଶତ ହିଁ ନଦୀ, ନୀଳ, ହ୍ରଦ, ପୋଖରୀ, ଝରଣା ଓ ସନ୍ତସନ୍ତଆ କାଦୁଆ ଜାଗାରେ ରହିଥିବା ଜଳ। ପୁନଶ୍ଚ ଆମ ଶରୀରର ଓଜନ ଯାହା ତାର ତିନି ଭାଗରୁ ଦୁଇ ଭାଗ ହେଉଛି ଶରୀରରେ ଥିବା ଜଳର ଓଜନ। ଅର୍ଥାତ୍ ଯାହାର ଓଜନ ୬୦ କେ.ଜି. ତା ଦେହରେ କେବଳ ଜଳର ଓଜନ ୪୦ କେ.ଜି.। ଆମ ଜୀବନଧାରଣ ପାଇଁ ଜଳ ଅପରିହାର୍ଯ୍ୟ ହୋଇ ନଥିଲେ ପ୍ରକୃତି ଆମ ଦେହରେ ଏତେ ଜଳ ସଞ୍ଚ ନଥାନ୍ତା।

ଜଳର ବ୍ୟବହାରରେ ମିତବ୍ୟୟୀ ହେବା ନିମନ୍ତେ ସତର୍କ କରିଦେଇ କୁହାଗଲାଣି ଯେ ଭବିଷ୍ୟତରେ ଜଳର ଦାମ୍ ହୋଇଯିବ ପେଟ୍ରୋଲ୍‌ର ଦାମ୍‌ଠାରୁ ଅଧିକ। ପୁନଶ୍ଚ ଯଦି ବା କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତେବେ ତାହା ଜଳ ଯୋଗୁ ହେବବୋଲି ଅନେକ ବିଶେଷଜ୍ଞ ମତ ଦେଲେଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ପ୍ରତ୍ୟେକ ବ୍ୟକ୍ତି ଜଳ ସଂରକ୍ଷଣ କରିବା ଓ ବୃଥାରେ ଜଳ ନଷ୍ଟ ନ କରିବା ପ୍ରତି ସର୍ବଦା ସଚେତନ ରହିବା ଉଚିତ।

ସାଂପ୍ରତିକ କାଳରେ ଜଳକୁ ନେଇ ଯେତେ ଗବେଷଣା, ସମୀକ୍ଷା ଓ ରିପୋର୍ଟ ପ୍ରସ୍ତୁତ ହୋଇଛି ସେତକ ଏକତ୍ରିତ ଗୋଟିଏ ସ୍ଥାନରେ ରଖିଲେ ତାହା ହୋଇଯିବ ଏକ ବିଶାଳ ଲାଇବ୍ରେରୀ। ହେଲେ ସମସ୍ୟା ବଢୁଛି ସିନା କମିବାର ନାଁ ଧରୁନି। ବିଶୁଦ୍ଧ ଜଳ ପାଇବା ମନୁଷ୍ୟର ଅନ୍ୟତମ ଅଧିକାର। ଅଥଚ ପରିବେଶବିଦ୍‌ମାନଙ୍କ ମତରେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଦେଶ ଲୋକମାନଙ୍କର ସଂଖ୍ୟା ୧୬ କୋଟିରୁ ମଧ୍ୟ ବେଶୀ। ସ୍ୱାଧୀନତା ଲାଭ କରିବା ସମୟରେ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ପାଉଥିଲେ ୬୦୪୨ ଘନମିଟର ଜଳ। ତାହା କ୍ରମାଗତ କମି କମି ୨୦୧୬ ମସିହାରେ ପହଞ୍ଚିଯାଇଛି ବ୍ୟକ୍ତି ପିଛା ବର୍ଷକୁ ୧୪୯୫ ଘନମିଟରରେ। ଆଶ୍ଚର୍ଯ୍ୟ ହେବାର କଥା ଯେ ନାଇଜେରିଆ ଓ ଇଥିଓପିଆ ରହିଛି ଭାରତର ଆଗରେ। ଜଳର ଗୁଣାତ୍ମକ ମାନ ପରିପ୍ରେକ୍ଷୀରେ ଦେଖିଲେ ବିଶ୍ୱରେ ଭାରତ ୧୨୨ଟି ଦେଶ ମଧ୍ୟରେ ୧୨୦ ତମ ସ୍ଥାନରେ ରହିଛି। ସଂପ୍ରତି ଭାରତ ପ୍ରବଳତମ ଜଳ ସଂକଟର ସମ୍ମୁଖୀନ। 'କମ୍ପୋଜିଟ୍ ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ' ଶୀର୍ଷକ ରିପୋର୍ଟ୍‌ରେ କୁହାଯାଇଛି, ୬୦ କୋଟିରୁ ଉର୍ଦ୍ଧ୍ୱ ଭାରତୀୟ ଭୋଗି ଚାଲିଛନ୍ତି ଭୟଙ୍କର ସଙ୍କଟ। ପ୍ରତିବର୍ଷ ଖୁବ୍ କମରେ ଦୁଇଲକ୍ଷ ଲୋକ ପାନୀୟ ଜଳ ଅଭାବରୁ ମୃତ୍ୟୁବରଣ କରିଥାନ୍ତି। ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାବହ ହୋଇ ଉଠିବ। ୨୦୩୦ ମସିହା ଭିତରେ ଜଳ ସରବରାହ ଦୁଇଗୁଣ ନ ବଢିଲେ ଆହୁରି ଲକ୍ଷ ଲକ୍ଷ ଲୋକ ଜଳ ସଂକଟ ଭୋଗିବାପାଇଁ ବାଧ ହେବେ। ଏହା ଫଳରେ, କ୍ଷତିଗ୍ରସ୍ତ ହେବେ ୧୦ କୋଟି ଭାରତୀୟ। ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ୨୦୫୦ ମସିହା ଭିତରେ ଜି.ଡି.ପି. ବା ମୋଟ ଜାତୀୟ ଉତ୍ପାଦନ ୬ ଶତାଂଶ ହ୍ରାସ ପାଇଯିବ।

ଏହି ପ୍ରକାର ପରିସ୍ଥିତିରେ ଆମେ ଯଦି ଜଳର ଅପଚୟ ସଂପର୍କରେ ସଚେତନ ନ ହେଉ, ତାହାହେଲେ ବିପଦ ବେଶୀ ବଢିଯିବ ସିନା କମିବନି। ତେଣୁ ସବୁଠାରୁ ବଡ଼ ଜରୁରୀ କଥା ହେଲା ପ୍ରଥମେ ଜଳର ପ୍ରୟୋଜନୀୟତା ବୁଝି ଜଳର ବ୍ୟବହାର ଓ ଅପଚୟ ସଂପର୍କରେ ସର୍ବାଧିକ ସଚେତନତା। ଜଳର ଏହି ବିପୁଳ ଅପଚୟ ରୋକିବା ସମ୍ଭବ କେବଳ ସଚେତନତାର ମାଧ୍ୟମରେ। ଆଉ ଏହି ଜଳ ଅପଚୟ ପ୍ରସଙ୍ଗରେ ଆସିଯାଏ ଆବିଦ ସୁରତିଙ୍କ ନାମ।

ଆବିଦ ସୁରତି ଜଳ ସଂଚୟର କାର୍ଯ୍ୟଟିକୁ ଆରମ୍ଭ କରିଥିଲେ ଦୁଇ ଦଶକର ପୂର୍ବରୁ। ଶୈଶବରେ ସେ ଦେଖିଥିଲେ, ମାଆ ସାକିନା ବେଗମ ଅତି ଭୋରରୁ ବିଛଣା ଛାଡି ପ୍ରତିଦିନ ଜଳ ପାଇବା ଆଶାରେ ଲାଇନ୍ ଦେଉଥିଲେ। ଶୈଶବର ସେହି ସ୍ମୃତି ସବୁ ସମୟରେ ତାଙ୍କୁ ତାଡନା ଦେଇ ଚାଲିଛି। ପରିବାରର ଜୀବନ ରକ୍ଷା ଉଦ୍ଦେଶ୍ୟରେ ମାଆଙ୍କର ଏହିପରି ଭାବରେ ଜଳ ସଂଗ୍ରହ ତାଙ୍କୁ



ପୃଥିବୀରେ ଏଭଳି ଲୋକଙ୍କ ସଂଖ୍ୟା କମ୍ ନୁହେଁ, ଯେଉଁମାନଙ୍କ ପାଖରେ କିଛି ନାହିଁ ଅଥଚ ସେମାନେ ସବୁକିଛି ଦେବା ଲାଗି ପ୍ରସ୍ତୁତ। – ମାରିଆ ରାସା

ଜଳ ସଞ୍ଚୟ ବିଷୟରେ ଭାବିବା ପାଇଁ ବାଧ୍ୟ କରିଥିଲା। ଯେତେବେଳେ ସେ କୌଣସି ବନ୍ଧୁ କିମ୍ବା ଆତ୍ମୀୟ ସ୍ୱଜନଙ୍କ ଘରକୁ ଯାଉଥିଲେ, ସେଠାରେ ଯଦି ତାଙ୍କ କାନରେ ଟୋପା ଟୋପା ପାଣି ଶବ୍ଦ ପଡୁଥିଲା, ସେ ତୁରନ୍ତ ଉଠିଯାଇ କଳଟିକୁ ଠିକ୍ କରିନେବା ନିମନ୍ତେ ପରାମର୍ଶ ଦେଉଥିଲେ।

୨୦୦୭ ମସିହାରେ ତତ୍କାଳୀନ ଜାତିସଂଘର ମହାସଚିବ ବୁଟ୍ରୋସ୍ ବୁଟ୍ରୋସ୍ ଘାଲିକଙ୍କର ଏକ ବକ୍ତବ୍ୟ, '୨୦୨୫ ରେ ବିଶ୍ୱର ୨୫ଟି ଦେଶ ଜଳ ସଂକଟର ସମ୍ମୁଖୀନ ହେବେ'– ଏହି କଥାଟା ସର୍ବଦା ଗୁଞ୍ଜରିତ ହେଉଥିଲା ତାଙ୍କ କର୍ଣ୍ଣରେ। ତେଣୁ ଏହାର କିଛି ପ୍ରତିକାର କରିବାପାଇଁ ସେ ସର୍ବଦା ଚିନ୍ତା କରିଆସୁଥିଲେ। ଏକ ସମ୍ବାଦପତ୍ରରେ ମଧ୍ୟ ଆବିଦ ସୁରତି ପଢିବାକୁ ପାଇଥିଲେ ପ୍ରତି ସେକେଣ୍ଡରେ କୌଣସି କଳରୁ ମାତ୍ର ବୁନ୍ଦାଏ ଜଳ ପଡି ଗଲୁଥିଲେ ମାସକରେ ନଷ୍ଟ ହୋଇଥାଏ ୧୦୦୦ ମିଟର ଜଳ। ଏହାପରେ ଆବିଦ ସୁରତି ଗଠନ କଲେ "ଡ୍ରପ୍ ଡେଡ୍ ଫାଉଣ୍ଡେସନ୍" ନାମକ ଏକ ସଂସ୍ଥା। ସେ ହିଁ ସଂସ୍ଥାଟିର ଏକମାତ୍ର ସଦସ୍ୟ! ଉଦ୍ଦେଶ୍ୟ ପାନୀୟ ଜଳର ସମସ୍ୟା ଦୂରୀକରଣ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି। ସଂସ୍ଥାଟିର ସ୍ଲୋଗାନ ଠିକ୍ କଲେ, ପ୍ରତିଟି ଜଳବିନ୍ଦୁ ସଂରକ୍ଷଣ କର ଅଥବା ବାଛି ନିଅ ମୃତ୍ୟୁ। ନିଜ ଟି ସାର୍ଟରେ ଏହି ସ୍ଲୋଗାନଟିକୁ ବଡ଼ ଗର୍ବର ସହ ଲେଖି ଅନ୍ୟମାନଙ୍କୁ ପଢେଇବା ଆରମ୍ଭ କରିଦେଲେ ସେ।

୨୦୦୭ ମସିହାଠାରୁ ପ୍ରଥମ ପଦକ୍ଷେପ ସ୍ୱରୂପ ବିନ୍ଦୁ ଜଳ ସଞ୍ଚୟ ନିମନ୍ତେ ସେ ମୁମ୍ବାଇର ମୀରା ରୋଡ୍‌ସ୍ଥିତ ଫ୍ଲାଟ୍‌ଗୁଡିକରେ ଆରମ୍ଭ କରିଦେଲେ ପାଣିକଳ ମରାମତି କରିଦେବାର କାମ। ପ୍ରତି ରବିବାର ଦିନ ଜଣେ ସହକାରୀକୁ ସାଙ୍ଗରେ ଧରି ସେ ଚାଲି ଯାଉଥିଲେ ଗୋଟିଏ ଗୋଟିଏ ଆପାର୍ଟମେଣ୍ଟକୁ। ପଚାରୁଥିଲେ କୌଣସି କଳରୁ ଟୋପା ଟୋପା ହୋଇ ପାଣି ପଡୁଛି କି ନାହିଁ। ସବୁଯାକ ପାଣି କଳ ଠିକ୍ ଥିଲେ ଫ୍ଲାଟର୍ ମାଲିକଙ୍କଠାରୁ କ୍ଷମା ପ୍ରାର୍ଥନାକରି ଯାଉଥିଲେ ଅନ୍ୟ ଏକ ଫ୍ଲାଟକୁ। ଯଦି କୌଣସି କଳରେ ସମସ୍ୟା ଥାଏ ତାହା ହେଲେ ସେହି କଳକୁ ମାଗଣାରେ ମରାମତି କରିଦେଉଥିଲେ। ଜଣାଯାଇଛି ଯେ ପ୍ରଥମ ବର୍ଷଟିରେ ଆବିଦ ସୁରତି ୧,୬୬୬ଟି ଫ୍ଲାଟର ୪୧୪ ଟି ଲିକ୍ ହେଉଥିବା କଳକୁ ମରାମତି କରି ବଞ୍ଚେଇ ପାରିଥିଲେ ୪.୧୪ ଲକ୍ଷ ଲିଟର ଜଳ। ସବୁତକ ମରାମତି କରିଥିଲେ ବିନା ମୂଲ୍ୟରେ। ମାତ୍ର ସାଙ୍ଗରେ ନେଉଥିବା ସହକାରୀଙ୍କୁ ଦୈନିକ ଦେଉଥିଲେ ପାଞ୍ଚଶହ ଟଙ୍କା ମଜୁରୀ। ଏହା ବ୍ୟତୀତ ବି ଥିଲା କଳ ସଜାଡିବା ପାଇଁ ଦରକାର ପଡୁଥିବା ରବର ଗ୍ୟାସକେଟ୍ ଏବଂ ଯିବା ଆସିବା ବାବଦ ଖର୍ଚ୍ଚ। ଫଳରେ କ୍ରମେ ଟଙ୍କାର ଅଭାବ ପଡିଲା। ଅଭାବ ପଡିବା ବି ସ୍ୱାଭାବିକ। ସୌଭାଗ୍ୟକୁ ଏହି ସମୟରେ ହିନ୍ଦୀ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ଉତ୍ତରପ୍ରଦେଶର 'ହିନ୍ଦୀ ସାହିତ୍ୟ ସଂସ୍ଥାନ'ଠାରୁ ପାଇଗଲେ ଏକ ଲକ୍ଷ ଟଙ୍କାର ପୁରସ୍କାର। ପରବର୍ତ୍ତୀ କାଳରେ ଜଣେ ଘନିଷ୍ଠ ବନ୍ଧୁଙ୍କଠାରୁ ମିଳିଗଲା ଦଶ ହଜାର ଟଙ୍କାର ସାହାଯ୍ୟ। ମହାରାଷ୍ଟ୍ର ସରକାରଙ୍କ ତରଫରୁ ବି ସେ ଲାଭକଲେ ଏକଲକ୍ଷ ଟଙ୍କା ତାଙ୍କର 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ବାବଦକୁ। ସୁତରାଂ ସୁରତିଙ୍କ କାମ ବେଶ ସୁରୁଖୁରୁରେ ଆଗେଇ ଚାଲିଲା।

ସମୟର ସହ ତାଳଦେଇ ସୁରତି ତାଙ୍କ କାର୍ଯ୍ୟ ଧାରାରେ କିଛି ପରିବର୍ତ୍ତନ ଆଣିଛନ୍ତି। ସଂପ୍ରତି ତାଙ୍କ ଦଳର ତିନି ଜଣ ସଦସ୍ୟ ବହୁ ମସଲା ବିଶିଷ୍ଟ ଫ୍ଲାଟ୍‌ର କମିଟିଠାରୁ ଅନୁମତି ନେଇ ପ୍ରତି ଫ୍ଲାଟର ଦେଇ ଆସୁଛନ୍ତି ପୋଷ୍ଟର। ପାଣିକଳ ମରାମତି ପାଇଁ ଡାକରା ପାଇଲେ ଫ୍ଲାଟକୁ ଯାଇ ମରାମତି କାମ କରି ଦେଇଛନ୍ତି। ଧୀରେ ଧୀରେ ମୁମ୍ବାଇରେ ବି ବଢି ଚାଲିଛନ୍ତି ସୁରତିଙ୍କ କାର୍ଯ୍ୟର ପ୍ରଶଂସକ ତଥା ପୃଷ୍ଠପୋଷକଙ୍କ ସଂଖ୍ୟା। ସେମାନଙ୍କ ମଧ୍ୟରେ ଅଛନ୍ତି ଚଳଚ୍ଚିତ୍ର ଅଭିନେତା ଶାହରୁଖ ଖାନ୍, ଶେଖର କପୁର ପ୍ରମୁଖ। ତେବେ ଅର୍ଥର ଅଭାବ ଯୋଗୁ ତାଙ୍କର କାମ ସେହି ମୀରା ରୋଡ୍ ଇଲାକାରେ ସୀମିତ ରହିଛି।

ଇତିହାସ କହେ ଯେ ଜଳର ଅଭାବ ଯୋଗୁ ବହୁ ନଗରୀ ତଥା ଜନବସତି ମରୁଭୂମି ପାଲଟି ଯାଇଛି। ଅନେକ ରାଜ୍ୟ ଉଜୁଡି ଯାଇଛି କିମ୍ବା ସ୍ଥାନାନ୍ତରିତ ହେବାପାଇଁ ପଡିଛି। ଏହା ଛଡା ଅନେକ ରାଜ୍ୟରେ ଲାଗିରହିଛି ପାନୀୟ ଜଳର ସଂକଟ। ସେହି ସଂକଟ ଯେ କେତେ ତ୍ରୀବ ହୋଇପାରେ, ତାର ବିବରଣୀ ଜାଣିବାପାଇଁ ମିଳୁଛି ଗଣମାଧ୍ୟମର ସୌଜନ୍ୟରୁ। ସହର ହେଉ ବା ସହରତଳି ଅଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳ ହେଉ, ଯେଉଁଠି କଳ ଯୋଗେ ଜଳ ଯୋଗାଇ ଦିଆଯାଇଥାଏ, ସେଠାରେ ବେଶୀ ଭାଗ କଳର ମୁହଁ ନାହିଁ। କେତେ ସଂଖ୍ୟକ କଳର ମୁହଁ ନାହିଁ ତାର କୌଣସି ହିସାବ ଜନସ୍ୱାସ୍ଥ୍ୟ ବିଭାଗ, ମ୍ୟୁନିସିପାଲିଟି କି ପଞ୍ଚାୟତ ପାଖରେ ଉପଲବ୍ଧ ବୋଲି ମନେ ହୁଏନା। ପ୍ରତିଦିନ ଏହିପରି ଭାବରେ କେତେ ପରିମାଣର ଜଳ ନଷ୍ଟ ହୋଇ ଚାଲିଛି, ତାର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ହିସାବ ନାହିଁ। ଏବଂ ଏ ସଂପର୍କରେ କୌଣସି ଆଲୋଚନା କି ସମୀକ୍ଷା ହୋଇଥାଏ କି ନା ତାହା ବି ଅଜଣା। ଆମେ ସମସ୍ତେ ହୁଏତ ଦେଖିଛେ ଯେ କଳରେ ଯେତେବେଳେ ଜଳ ଆସେ, ସେହି ସମୟରେ ମୁହଁ ନଥିବା କଳଗୁଡିକରୁ ଅବିରାମ ଭାବରେ ଜଳ ବୋହି ଚାଲିଥାଏ। ଅବଶ୍ୟ ଏଥିପାଇଁ କଳ ବ୍ୟବହାରୀମାନଙ୍କ ସଚେତନାର ଅଭାବ ହିଁ ଦାୟୀ। କଳଗୁଡିକ ବ୍ୟବହାର କାରୀମାନେ ଏଥିପ୍ରତି ସଚେତନ ନ ରହି ଉଦାସୀନ ରହିଲେ, ସେ କ୍ଷେତ୍ରରେ ପ୍ରଶାସନ ଅବା କ'ଣ କରିପାରିବ ? ଉପଭୋକ୍ତାମାନେ ଏହି ପ୍ରକାରର ତ୍ରୁଟିକୁ ପ୍ରଶାସନର ତଥା କର୍ତ୍ତୃପକ୍ଷଙ୍କର ଦୃଷ୍ଟିକୁ ଆଣିଲେ ସିନା ଏହାର ପ୍ରତିକାର କରିପାରିବା ସମ୍ଭବ ହୋଇପାରନ୍ତା। ଏହା ମଧ୍ୟ ଦେଖାଯାଇଛି ଯେ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ଆସି କଳଗୁଡିକର ମୁହଁ ଲଗେଇ ଦେବାର ଏକମାସ ଦୁଇମାସ ଭିତରେ ସ୍ଥାନୀୟ ବାସିନ୍ଦାଙ୍କଦ୍ୱାରା ତାହା ହୁଏତ ଭାଙ୍ଗି ଯାଇଥାଏ କିମ୍ବା ଚୋରି ହୋଇ ଯାଇଥାଏ।

ସୁତରାଂ ଏପରି କ୍ଷେତ୍ରରେ ଆବଦ ସୁରତିଙ୍କ ଭଳି ମାନସିକତା ସଂପନ୍ନ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି। ସେପରି ବ୍ୟକ୍ତିମାନେ ରାସ୍ତାରେ ଘୂରି ଘୂରି ଜଳର ଅପଚୟ ରୋକିବାପାଇଁ ନିଜେ ଉଦ୍ୟୋଗୀ ହେବେ ଓ କଳଗୁଡିକୁ ସଜାଡି ଦେବେ।

ଆଚ୍ଛା ଆବିଦ ସୁରତିଙ୍କ ବିଷୟରେ ତ ଏତେ କଥା ଶୁଣିଲେ ଜଳ

ଅପଚୟ ରୋକିବାରେ ତାଙ୍କର ଉତ୍ସର୍ଗୀକୃତ ଉଦ୍ୟମ ସଂପର୍କରେ। ମାତ୍ର କ'ଣ ତାଙ୍କର ଅନ୍ୟାନ୍ୟ ପରିଚୟ ?

ସେ ହେଲେ ୧୯୯୩ ମସିହାରେ ଜାତୀୟ ପୁରସ୍କାର ବିଜୟୀ ଜଣେ ଲେଖକ, ଚିତ୍ରଶିଳ୍ପୀ ଏବଂ କାର୍ଟୁନିଷ୍ଟ। ସେ ହେଉଛନ୍ତି ୪୫ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ ସଂଗ୍ରହ, ୭ଟି ନାଟକ ତଥା ୪୦ ରୁ ବେଶୀ ଅନ୍ୟାନ୍ୟ ବିଷୟକ ପୁସ୍ତକର ରଚୟିତା। ସେ ଲେଖିଛନ୍ତି ଗୁଜୁରାଟୀ ଏବଂ ହିନ୍ଦୀ ଭାଷାରେ।

ତାଙ୍କର ଜନ୍ମ ଗୁଜୁରାଟରେ, ୧୯୩୫ ମସିହା ମେ ୫ ତାରିଖରେ। ପିଲାବେଳେ ବାପା ମାଆଙ୍କ ସାଙ୍ଗରେ ଗୁଜରାଟ ପରିତ୍ୟାଗ କରି ଚାଲି ଆସିଥିଲେ ମୁମ୍ବାଇର ଡୋଙ୍ଗରି ଅଞ୍ଚଳକୁ। ପଢାଶୁଣା କରିଥିଲେ ମୁମ୍ବାଇସ୍ଥିତ ଜେ.ଜେ.ସ୍କୁଲ ଅଫ୍ ଆର୍ଟରେ। ୧୯୬୫ ସାଲଠାରୁ ତାଙ୍କର ଲେଖାଲେଖି ଆରମ୍ଭ।

ନୀତି ଆୟୋଗର ସତର୍କତା ସାଙ୍ଗକୁ ଚେନାଇ ଓ ବେଙ୍ଗାଲୁରରେ ଜଳ ସମସ୍ୟାର ବାସ୍ତବ ପରିସ୍ଥିତି ଜାଣିବା ପରେ ୱାଟର ୱାରିୟର ବା ଜଳଯୋଦ୍ଧା ଏହି ଆବିଦ ସୁରତି ମହାଶୟଙ୍କୁ ସସମ୍ଭ୍ରମ ପ୍ରଣାମ୍ୟ ତଥା କୃତଜ୍ଞତା।

**ପ୍ଲଟ ନଂ-୧୧୩୧, ସେକ୍ଟର-୬,**
**ଅଭିନବ ବିଡାନାସୀ, କଟକ- ୭୫୩୦୧୪**

# ମନ



**ପ୍ରଦୀପ କୁମାର ଜେନା**

ପ୍ରାଣବନ୍ତ ଯେତେ ଜଗତେ ସର୍ବେ ମନ ଅଧୀନ
ସଞ୍ଚାଳିତ ମନ ଆଦେଶେ ସିନା ଇନ୍ଦ୍ରିୟ ମାନ ।।୧।।
କିବା ଅଣୁଜୀବ ମାନବ ମାନି ମନ ସନ୍ଦେଶ
ସଂସାରେ ଆଚରେ ସୁକର୍ମ ମନେ ଇନ୍ଦ୍ରିୟ ବଶ ।।୨।।
ନୁହେଁ ଅବୟବ, ଶରୀରେ ନାହିଁ ସ୍ୱରୂପ ତା'ର
ଅପ୍ରତିହତ ତା' ଆଦେଶ ତନୁ ଘେନେ ସତ୍ୱର ।।୩।।
ଜ୍ଞାନ ଚିତ୍ରପଟେ ଚିତ୍ରନ୍ତି ପଞ୍ଚ ରୂପେ ବିଦ୍ୱାନ
ସୁମନ, କୁମନ, ବିମନ, ପୁଣି ମନ ଅମନ ।।୪।।
ମାତ୍ର ଏହା ମନ ଅବସ୍ଥା ବିନୁ ନୁହଁଇ ଆନ
ପରିବେଶ, ପରିସ୍ଥିତିରେ ହୁଏ ପରିବର୍ତ୍ତନ ।।୫।।
ପ୍ରାଣୀଙ୍କ ଜୀବନ ପ୍ରବାଦ ଅନୁଶାସିତ ସିନା
ସୁଗମ ଜୀବନ ଧାରଣ କିବା ଶୃଙ୍ଖଳା ବିନା ।।୬।।
ମତ୍ତହସ୍ତୀ ପ୍ରାୟ ମନକୁ କରି ଶୃଙ୍ଖଳାବଦ୍ଧ
ଯଥା ଚିତ୍ତେ ଯତ୍ନ ତତ୍ତ୍ୱରେ ମନ ହୁଅଇ ସିଦ୍ଧ ।।୭।।
ଚକ୍ଷୁଷ୍ମାନ ଯଥା ତିମିରେ ହୁଏ ବିପଥଗାମୀ
ଚେତନା ଆଲୋକ ବିହୁନେ ମନ ଯାଏ ବିଭ୍ରମି ।।୮।।
ଅନୁଭବ ଅନୁକରଣ ଆଧ୍ୟୟନୁ ସମ୍ଭୂତ
ଦିବ୍ୟାଲୋକ ଭାବେ ଚେତନା ମନ କରେ ଜାଗ୍ରତ ।।୯।।
ସଂସାରେ ସମସ୍ତ କାମନା ସିନା ମନ ଇପ୍ସିତ
କାମନା ବିନାଶେ ମନର ଦୁଃଖ ହୁଅଇ ହତ ।।୧୦।।
ପ୍ରତିକୂଳ କାଳେ ଦୁର୍ବଳ ମନ ହୋଇ ବିଭ୍ରାନ୍ତ
ଧୈର୍ଯ୍ୟ ଏକାଗ୍ରତା ବଳୟେ ରହି ହୁଏ ଆଶ୍ୱସ୍ତ ।।୧୧।।
ଯୋଗାଭ୍ୟାସ ବଳେ ମନର ହୁଏ ପୁଷ୍ଟି ସାଧନ
କେବଳ ମାନବେ ସମ୍ଭବ ସିନା ଏହି ବିଧାନ ।।୧୨।।
ସ୍ୱଭାବେ ପ୍ରାଚୀନ ଦର୍ଶନ ବ୍ରହ୍ମ ଜଗତବାଦ
ପାଶ୍ଚାତ୍ୟ ଦର୍ଶନେ ଉଦ୍‌ଭାସେ ମନ ଶରୀର ଭେଦ ।।୧୩।।
ମନସ୍ତତ୍ତ୍ୱ ନାମେ ବିଜ୍ଞାନ ହେଲା ଭବେ ଉଦ୍ଭବ
ଅନୁଶୀଳନରେ ଜାଣିଲେ ଆମେ ମନ ସ୍ୱଭାବ ।।୧୪।।
ଆଧୁନିକ ସଭ୍ୟ ସମାଜ ବ୍ୟର୍ଥ ମନ ଆୟତେ
ମୃତ ଆଜି ଶାସ୍ତ୍ର ସିଦ୍ଧାନ୍ତ ସାଧନାର ବିରତେ ।।୧୫।।
ରଣ ଦୁନ୍ଦୁଭିର ନିନାଦେ ବିଶ୍ୱ ପ୍ରତିଧ୍ୱନିତ
ମନ ଦାବାନଳେ ପ୍ରଜ୍ୱଳେ ପରିବାର ସର୍ବତ୍ର ।।୧୬।।
ଦିବ୍ୟଦ୍ରଷ୍ଟା ମୁନି ମହର୍ଷି ଉପଦେଶ ବିସ୍ମରି
ଅବକ୍ଷୟ ମୁଖୀସମାଜ ଆଜି ହେଉଛି ଝୁରି ।।୧୭।।
ବିଶେଷେ ବିଦ୍ୟାର୍ଥୀ ନିମଗ୍ନ ରହି ଦୃଢ ମାନସେ
ଜ୍ଞାନ ଅରଜନେ ଯଶସ୍ୱୀ ହୁଅ ଏ ସାରା ବିଶ୍ୱେ ।।୧୮।।
ମାନବ ସମାଜ ହୁଅନ୍ତୁ ସ୍ଥିତ ପ୍ରଜ୍ଞ ଜଗତେ
ଚପଳ ଚଞ୍ଚଳ ମନର ଦୃଢ ସାଧନା ବ୍ରତେ ।।୧୯।।
ମନ ମାନବର ସଙ୍ଘର୍ଷେ ନର ହେଲେ ବିଜୟୀ
ବିରାଜିବ ସୁସ୍ଥ ସମାଜ ହସି ଉଠିବ ମହୀ ।।୨୦।।

**ସଭାପତି,**
**ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ପରିଚାଳନା ପରିଷଦ, ହରିପୁର, ପୁରୀ**
**ମୋ-୯୩୪୮୪୧୭୬୬୦**

# ଅମୃତତ୍ୱାୟ କଳ୍ପତେ

ଡ. ଅଭୟ କୁମାର ନାୟକ





ଏ ଦୁନିଆରେ ସମସ୍ତେ ଚାହାନ୍ତି ଅମର ହେବା ପାଇଁ ବା ଅମୃତତ୍ୱ ଲାଭ କରିବା ପାଇଁ। ହେଲେ ସେଥିପାଇଁ ଦରକାର ଯଥାର୍ଥ କର୍ମ। ନିଜର କର୍ମ ହିଁ ଜଣକୁ ଅମର କରାଏ। ତେବେ ପ୍ରଶ୍ନ ଉଠେ କିପରି କର୍ମ କଲେ ଜଣେ ଅମର ହୋଇ ପାରିବ ? ଏ ଦୁନିଆରେ କିଏ ଅମର ହେବାପାଇଁ ସକ୍ଷମ ହୋଇଥାଏ। କିଏ 'ଅମୃତତ୍ୱାୟ କଳ୍ପତେ ?' କ'ଣ କଲେ ଜଣେ ଅମର ହେବାପାଇଁ ପ୍ରୟାସୀ ହେବ ?

'ଅମୃତତ୍ୱାୟ କଳ୍ପତେ'ର କଥା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ୍ ଗୀତାରେ ଅର୍ଜୁନଙ୍କ ମାଧ୍ୟମରେ ସମଗ୍ର ମାନବ ସମାଜକୁ କହିଛନ୍ତି। ଅମୃତତ୍ୱ ପାଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି,

"ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ।।"(ଗୀତା ୨/୧୫)

ଅର୍ଥାତ- "ହେ ପୁରୁଷ ଶ୍ରେଷ୍ଠ ଅର୍ଜୁନ ! ଦୁଃଖ ଏବଂ ସୁଖରେ ସମାନ ଭାବରେ ସ୍ଥିତ, ବୁଦ୍ଧିମାନ ଲୋକ ଯାହାକୁ ଏହି ସ୍ପର୍ଶ ସମୂହ ବ୍ୟଥା ବା କଷ୍ଟ ଦିଏନାହିଁ; ସେ ହିଁ ଅମର ହେବାପାଇଁ ସକ୍ଷମ ହୋଇଥାଏ। ଅନ୍ୟ ଅର୍ଥରେ କହିବାକୁ ହେଲେ ସୁଖଦୁଃଖରେ ସମଭାବାପନ୍ନ ଯେଉଁ ବୁଦ୍ଧିମାନ ମନୁଷ୍ୟକୁ ଏହି ମାତ୍ରା ସ୍ପର୍ଶ(ପଦାର୍ଥ) ବ୍ୟଥିତ କରିପାରନ୍ତି ନାହିଁ, ସେ ଅମର ହେବାପାଇଁ ସମର୍ଥ ହୋଇଯାଏ ଅର୍ଥାତ ଅମର ହୋଇଯାଏ।"

ଉପରୋକ୍ତ ଶ୍ଳୋକରୁ ଦୁଇଟି କଥା ସ୍ପଷ୍ଟ ହୁଏ, ଯାହା ଅମୃତତ୍ୱ ପ୍ରାପ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରେ। ପ୍ରଥମଟି 'ସୁଖ ଓ ଦୁଃଖରେ ସମଭାବ' ଆଉ ଦ୍ୱିତୀୟଟି 'ଅବିଚଳିତ ଭାବ'। ସୁଖଦୁଃଖରେ ସମଭାବ ସେତିକିବେଳେ ଆସେ ଯେତେବେଳେ ଜଣେ ନିଜକୁ ଆତ୍ମବୋଧରେ ରଖେ। ଆମେ ସେତିକିବେଳେ ଜଣଙ୍କୁ ଅବିଚଳିତ ଦେଖୁ; ଯିଏ ଏ ଜଗତକୁ ବ୍ରହ୍ମମୟ ବୋଲି ଦର୍ଶନ କରେ। 'ସବୁ ସେ କରୁଛନ୍ତି ଏବଂ କରାଉଛନ୍ତି' ବୋଲି ଅନୁଭବ କରେ। ଏହାର ଅନ୍ୟନାମ 'ଶରଣାଗତି'। ଯିଏ ଶରଣାଗତିରେ ଥାଏ ଆଉ ସମଭାବାପନ୍ନ ହୋଇ ଆଚରଣ କରିଚାଲେ ସେଇ ହିଁ 'ଅମୃତତ୍ୱ' ଲାଭ କରିବାକୁ ସକ୍ଷମ ହୁଏ।

ଏହା ପରିଲକ୍ଷିତ ହୁଏ ଯେ ଗଭୀର ନିଦ୍ରାରେ ମଣିଷ ପରମ ଶାନ୍ତି ଅନୁଭବ କରେ। ସେତେବେଳେ ତା'ଠାରେ ନଥାଏ ସୁଖଦୁଃଖ ଭିତରେ ପ୍ରଭେଦ, ତା'ଠାରେ ନଥାଏ କାମ, କ୍ରୋଧ ଆଦି ଅବଗୁଣ। ସେ ଜଗତରେ ଥାଇ ମଧ୍ୟ ତାଠାରେ ନଥାଏ ଜଗତବୋଧ। ସୁଷୁପ୍ତି ଦିଏ ପରମ ଶାନ୍ତି। ତେବେ ପ୍ରଶ୍ନ ଉଠେ; ଯଦି ମଣିଷ ନିଦ୍ରାରେ ଏହି ପରମ ଶାନ୍ତି ପାଇପାରେ ସେ କ'ଣ ଜାଗ୍ରତ ଅବସ୍ଥାରେ ଏହାର ସ୍ୱାଦ ପାଇପାରିବ ନାହିଁ ? ଜଣେ ଜାଗ୍ରତରେ ଥାଇ ସାଧନା କରି ଚାଲିଲେ ସେଇ ସ୍ତରରେ ଅବଶ୍ୟ ପହଞ୍ଚିପାରିବ। ଋଷି ପାତଞ୍ଜଳ ତାଙ୍କ ଯୋଗ ପଦ୍ଧତିରେ ଅଷ୍ଟାଙ୍ଗ ଯୋଗର କଥା କହିଛନ୍ତି। ସେଗୁଡିକ ହେଲା: ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଯେତେବେଳେ ଜଣେ ସାଧକ ସମାଧି ଅବସ୍ଥାରେ ପହଞ୍ଚେ, ସେ ସେଇ ପରମ ଆନନ୍ଦ ପ୍ରାପ୍ତ ହୁଏ, ଯାହା ସେ ନିଦ୍ରାରେ ସୁଷୁପ୍ତି ଅବସ୍ଥାରେ ପାଇଥାଏ। ଏହି ସମାଧି ଅବସ୍ଥା ପ୍ରାପ୍ତିରେ ହିଁ ଅମୃତତ୍ୱ ପ୍ରାପ୍ତି ହୁଏ।

କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଆମେ ତାଙ୍କ ଶରୀରକୁ ତିନିଟି ମାଧ୍ୟମରେ ଦାହ କରିଥାଉ ଯଥା: ପୋଡିବା, ପୋତିବା ବା ସମାଧି ଦେବା ଏବଂ ପ୍ରବାହ କରିବା (ଜଳରେ ପକେଇ ଦବା)। ସେଇଥିପାଇଁ ଲୋକ କଥାରେ ଅଛି-'ପୋଡ ପୋତ ପକା। ଏଇ ତିନି କଥା ଏକା।।' ଅର୍ଥାତ ଜଣେ ମରିଗଲା ପରେ ତା'ର ଆଉ ଥାଏ କ'ଣ ! ସେ କ'ଣ କହିପାରେ, ମୋତେ ପୋଡନା; କ'ଣ କହେ, ମୋ ସମାଧି ଦିଅ ବା ପ୍ରବାହ କର। ସେ ମୃତ ବ୍ୟକ୍ତି ପାଇଁ ସବୁ ଏକା ପରି। ତେବେ ଶବକୁ ବିନିଷ୍ଟ କରିବା ପାଇଁ ଯେଉଁ ପଦକ୍ଷେପ ସବୁ ନିଆଯାଏ ସେଥିରୁ ଗୋଟିଏ ହେଉଛି 'ସମାଧି' ବା ଗାତ ଖୋଳି ମାଟିରେ ପୋତି ପକେଇବା। ସେଥିରେ ବ୍ୟକ୍ତିକୁ ଧ୍ୟାନ ମୁଦ୍ରାରେ ବସେଇ ମାଟି ଢାଙ୍କି ଦିଆଯାଏ।

ଏହା ସ୍ପଷ୍ଟ ଯେ ମୃତବ୍ୟକ୍ତିକୁ ସମାଧି ଦିଆଯାଏ। ହେଲେ ଜଣେ ଜୀବନ୍ତ ବ୍ୟକ୍ତି ଯଦି ସମାଧି ସ୍ତରରେ ପହଞ୍ଚିଯାଏ, ସେ ଅମର ହୋଇଯାଏ। ଅର୍ଥାତ ସେ ସମୟରେ ତା'ର ଶ୍ୱାସପ୍ରଶ୍ୱାସର ଆବଶ୍ୟକତା ନଥାଏ। ସେଇଥିପାଇଁ ଶାସ୍ତ୍ରରେ କୁହାଯାଇଛି, 'ଜୀଇଁ ଥାଉଁ ଥାଉଁ ଯଦି ତୁ ମରିପାରିବୁ। ତା'ହେଲେ ତୁ ମୋତେ ପାଇପାରିବୁ।' ଅର୍ଥାତ ଜଣେ

ସାଧନାରେ ରହି ଋଷି ପାତଞ୍ଜଳ ପ୍ରଣୋଦିତ ଅଷ୍ଟାଙ୍ଗ ଯୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଗଲେ ଜୀଇଁ ଥାଇ ମଧ୍ୟ ମୃତ୍ୟୁ ସଦୃଶ ହୁଏ । ଏହି ଅବସ୍ଥାରେ ସେ ପରଂବ୍ରହ୍ମଙ୍କ ସାନିଧ୍ୟ ପାଏ । ଯେତେବେଳେ ଜଣେ ପରଂବ୍ରହ୍ମଙ୍କ ସାନିଧ୍ୟ ପାଏ, ସେ ଅମୃତତ୍ୱ ଅବଶ୍ୟ ଲାଭ କରିବ । ଏହା ହିଁ ତ ସମସ୍ତଙ୍କର ଚରମ ଲକ୍ଷ୍ୟ ।

ପ୍ରଶ୍ନ ଉଠେ, କେତେ ଜଣ ଏପରି ସୌଭାଗ୍ୟ ପାଇ ପାରନ୍ତି ? ସାଧନା ପଥର ପଥିକ କେତେ ଜଣ ହୋଇପାରନ୍ତି ? କେତେ ଜଣ ତପାଚରଣ ପାଇଁ ଆଗେଇ ଆସନ୍ତି ? ଆମ ଗୁରୁଦେବ ସବୁବେଳେ କୁହନ୍ତି, 'ତପ' ତୁମକୁ ସବୁକିଛି ଦେଇପାରେ । ହେଲେ ଜଣେ ତପ ଆଚରଣ ପାଇଁ ଶତତ ପ୍ରୟାସୀ ହେବା ବାଞ୍ଛନୀୟ ।

ଭଗବାନ ଶ୍ରୀକୃଷ୍ଣ କହିଥିବା ଉପରୋକ୍ତ ଦୁଇଟି ଗୁଣ ସାଧକକୁ ସ୍ୱାବଲମ୍ବୀ କରାଇଥାଏ । ସୁଖଦୁଃଖରେ ସମଭାବ ରଖି ନିଜକୁ ନିଶ୍ଚଳ କରିପାରିଲେ ଜଣେ ଅମରତ୍ୱ ଲାଭ କରେ, ସମାଧିରେ ପହଞ୍ଚିପାରେ ଆଉ ଆତ୍ମୋପଲବ୍ଧି କରିପାରେ ।

ପରମହଂସ ହରିହରାନନ୍ଦ, କ୍ରିୟାଯୋଗ ପରମ୍ପରାର ଅନନ୍ୟ ସନ୍ଥ ଏହି ଶ୍ଳୋକଟିର ଯୌଗିକ ବାଖ୍ୟା କରିବା ଅବସରରେ କହିଛନ୍ତି ଯେ, 'କ୍ରିୟାଯୋଗରେ ଏକ ସହଜ ବୈଜ୍ଞାନିକ ଶ୍ୱାସ କୌଶଳ ଶିକ୍ଷା ଦିଆଯାଏ, ଯାହା ଫଳରେ ଜଣେ ଜାଗ୍ରତ ଅବସ୍ଥାରେ ମଧ୍ୟ ସେଇ ପରମ ଶାନ୍ତ ଅବସ୍ଥାରେ ଉପନୀତ ହେବ ।'

ଯେଉଁ ସାଧକ କ୍ରିୟାଯୋଗରେ ରହି ସାଧନା କରେ, ସଦ୍‌ଗୁରୁଙ୍କ ମାର୍ଗଦର୍ଶନରେ ରହି ତପ ଆଚରଣ କରେ, ସେ ଅଳ୍ପ କାଳ ମଧ୍ୟରେ ଜାଗ୍ରତ ଅବସ୍ଥାରେ ମଧ୍ୟ ସୁଷୁପ୍ତି ଅବସ୍ଥାର ଶାନ୍ତି ଅନୁଭବ କରେ । ଏହାକୁ 'ଯୋଗନିଦ୍ରା' କୁହାଯାଏ । 'ଯୋଗ' ଅର୍ଥ ଶରୀର ଓ ଆତ୍ମାର ଐକ୍ୟ ଭାବ ଏବଂ 'ନିଦ୍ରା' ଅର୍ଥ ସୁପ୍ତ ଅବସ୍ଥା । କିନ୍ତୁ 'ଯୋଗନିଦ୍ରା' ନିଦ୍ରା ନୁହେଁ, ଏହା ଆତ୍ମଚୈତନ୍ୟ ଅବସ୍ଥା । ଏହି ଅବସ୍ଥାରେ ସାଧକର ଶରୀରବୋଧ, ବିଶ୍ୱବୋଧ ଓ ସୁଖଦୁଃଖର ଜ୍ଞାନ ନଥାଏ । ଏହି ଅବସ୍ଥାରେ ସାଧକ ସର୍ବବ୍ୟାପୀ, ସର୍ବଶକ୍ତିମାନ ଓ ସର୍ବଜ୍ଞାତ ପରମାତ୍ମାଙ୍କ ସହିତ ମିଳିମିଶି ଏକାକାର ହୋଇଯାଏ । ଏହି ନିରାକାର ଅବସ୍ଥା ହିଁ ସକଳ ଧର୍ମର ଚରମ ଲକ୍ଷ୍ୟ । ଯେତେବେଳେ ସାଧକ ସାଧନାର ଶୀର୍ଷରେ ପହଞ୍ଚି ଯାଏ, ଅର୍ଥାତ ସମାଧି ଅବସ୍ଥା ପ୍ରାପ୍ତ ହୁଏ, ସେତେବେଳେ ସାଧକର ବ୍ରହ୍ମରନ୍ଧ୍ରରୁ ଅମୃତ କ୍ଷରଣ ହୁଏ ଏବଂ ପରିଶେଷରେ ସେ ଆନନ୍ଦମୟ ଅବସ୍ଥା ତଥା ଅମରତ୍ୱ ଲାଭ କରେ ।

ସ୍ୱାମୀ ଚିନ୍ମୟାନନ୍ଦ ଏହି ଶ୍ଳୋକକୁ ବାଖ୍ୟାକରି ଲେଖିଛନ୍ତି: ସୁଖ ଓ ଦୁଃଖକୁ ସମାନ ଭାବରେ ବା ଶାନ୍ତ ଚିତ୍ତରେ ସହନ କରିବାର ଅନ୍ୟନାମ ହେଉଛି 'ତିତିକ୍ଷା', ଯାହାକି ଉପନିଷଦ ଅନୁସାରେ ଆତ୍ମ ସାକ୍ଷାତକାର ପାଇଁ ଏକ ଆବଶ୍ୟକ ଗୁଣ । ଏହାକୁ ଧ୍ୟାନରେ ରଖି ଭଗବାନ୍ କହନ୍ତି କି ଏହି ପ୍ରକାର ତିତିକ୍ଷା ସମ୍ପନ୍ନ ବ୍ୟକ୍ତି 'ମୋକ୍ଷ'ର ଅଧିକାରୀ ହୋଇଯାଏ । ଏଠାରେ 'ମୋକ୍ଷ' ଶବ୍ଦର ଅର୍ଥ 'ଅମୃତତ୍ୱ' କରାଯାଇଛି । 'ଅମୃତତ୍ୱ'ର ଅର୍ଥ ହେଉଛି ଯେଉଁ ପୁରୁଷ ତାର ନିତ୍ୟ ଆତ୍ମସ୍ୱରୂପକୁ ଚିହ୍ନିପାରେ । ତେବେ ଆତ୍ମସ୍ୱରୂପକୁ ଚିହ୍ନିପାରିଥିବା ମନୀଷିଗଣ ହେଲେ ସେଇ ସିଦ୍ଧମୁନିଋଷିଗଣ ଯେଉଁମାନେ ଧ୍ୟାନସ୍ଥ ହୋଇ ଆତ୍ମସ୍ୱରୂପର ଦର୍ଶନ କରୁଥାନ୍ତି ।

ପରମହଂସ ଯୋଗାନନ୍ଦ, ଠାକୁର ଅନୁକୂଳଚନ୍ଦ୍ର, ଠାକୁର ଅଭିରାମ ପରମହଂସ, ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ, ବିବେକାନନ୍ଦ, ରାମକୃଷ୍ଣ ପରମହଂସ, ସ୍ୱାମୀ ଶିବାନନ୍ଦ, ନିଗମାନନ୍ଦ ସରସ୍ୱତୀ, ଶ୍ରୀଅରବିନ୍ଦ, ଶ୍ରୀରାମଶର୍ମା ଆଚାର୍ଯ୍ୟ- ଏମାନେ ସମସ୍ତେ 'ଅମୃତତ୍ୱ' ଲାଭ କରି ଆମମାନଙ୍କ ପାଇଁ ପଥପ୍ରଦର୍ଶନ କରିଯାଇଛନ୍ତି କି ଆମେ ମଧ ସେଇ ପଥର ପଥିକ ହୋଇ ଅମୃତତ୍ୱ ବା ମୋକ୍ଷ ଲାଭ କରୁ । ସେମାନଙ୍କର ମାର୍ଗଦର୍ଶନ ଆମ ସମସ୍ତଙ୍କର ଧ୍ୟେୟ ହେଲେ ଆମେ 'ଅମୃତତ୍ୱ କଳ୍ପତେ'କୁ ଅଙ୍ଗୀକାର କରିପାରିବା ।

'କରି କରାଉଥାଏ ମୁହିଁ । ମୋ ବିନୁ ଅନ୍ୟ ଗତି ନାହିଁ'- ଭାଗବତର ଏହି ଅମୃତ ପଦକୁ ଯଦି ଆମେ ପ୍ରତି ପଦକ୍ଷେପରେ ଅନୁଭବ କରିବା ତେବେ ଆମେ ଧୀର ହୋଇଯିବା । ତା'ପରେ ସୁଖଦୁଃଖକୁ ସମଦୃଷ୍ଟିରେ ଅବଲୋକନ କଲେ ଆମେ 'ସ୍ଥିତପ୍ରଜ୍ଞ' ହୋଇଯିବା । ତେବେ 'ଧୀର' ଆଉ 'ସ୍ଥିତପ୍ରଜ୍ଞ' ବ୍ୟକ୍ତି ହିଁ 'ଅମୃତତ୍ୱ କଳ୍ପତେ' ତତ୍ତ୍ୱକୁ ବୁଝି ନିଜଠାରେ ପ୍ରତିଫଳିତ କରାଏ । ତେବେ ଆସନ୍ତୁ ଆମେ ମଧ୍ୟ ସଦ୍‌ଗୁରୁ ଗ୍ରହଣ କରି ତାଙ୍କରି ମାର୍ଗଦର୍ଶନରେ ରହି ଗୀତାର ଏହି ଅମୃତବାଣୀକୁ ଅଙ୍ଗୀକାର କରିବା ପାଇଁ ପ୍ରୟାସୀ ହେବା ।

**କୁଳସଚିବ**
**ନାଇଜର, ଭୁବନେଶ୍ୱର**
**ମୋ -୯୪୩୭୪୯୭୮୭୮**



*From, A Well-wisher*

# ମିଛ କହିବାର କାରଣ କ'ଣ ?

**ବିଭୂତିଭୂଷଣ ସେନାପତି**



ପୁଟୁ ତୃତୀୟ ଶ୍ରେଣୀରେ ପଢ଼େ । ଭଲ ପଢ଼େ ବୋଲି ସବୁ ଶିକ୍ଷକ ତା'କୁ ଭଲ ପାଆନ୍ତି । ଶ୍ରେଣୀରେ ସେ ସବୁବେଳେ ଆଗଧାଡ଼ିରେ ବସେ । ସେ ଦିନ ସକାଳିଆ ସ୍କୁଲ ଥାଏ । ଶନିବାର ପ୍ରାର୍ଥନା ପରେ ଦଶ ମିନିଟ ବିଳମ୍ବରେ ପହଞ୍ଚିଲା । ଗୁରୁ ମା' ଜଣେ ବୟସ୍କା ପ୍ରଧାନ ଗୁରୁଜୀ । ସବୁଆଡ଼େ ତାଙ୍କର ପ୍ରଶଂସା ଅଛି । ଯେଉଁ ପିଲା ଦୁଷ୍ଟାମୀ କରେ ସେ ତା'କୁ ବିନା ମାଡ଼ରେ ଶାସନ କରିଦିଅନ୍ତି । ପୁଟୁକୁ ଗୁରୁ ମା' ବିଳମ୍ବର କାରଣ ପଚାରିବାରୁ ସେ ବାପାଙ୍କ ଦୋଷ ଦେଇ ମିଛର ଆଶ୍ରୟ ନେଇଥିଲା ।

ଗୁରୁମା' କି ଛାଡ଼ିବା ଲୋକ । ସେ ସଙ୍ଗେ ସଙ୍ଗେ ପୁଟୁର ବାପାଙ୍କୁ ଡକାଇ ପଠାଇଲେ । ପୁଟୁର ଘର ବିଦ୍ୟାଳୟର ପାଖରେ ହୋଇଥିବାରୁ ତା' ବାପା ସଙ୍ଗେ ସଙ୍ଗେ ଆସି ପହଞ୍ଚିଗଲେ । ଗୁରୁ ମା'ଙ୍କଠାରୁ ସବୁ କଥା ଶୁଣିବା ପରେ କିଛି ସମୟ ପାଇଁ ନୀରବତା ଅବଲମ୍ବନ କରି ବସିପଡିଲେ । ସଙ୍ଗେ ସଙ୍ଗେ ଗୁରୁ ମା' ପୁଟୁ ବାପାଙ୍କ ଅବସ୍ଥା ଦେଖି ପିଲା କାହିଁକି ମିଛ କହେ ସେ ବିଷୟରେ ବୁଝାଇଲେ ।

-ନିତ୍ୟାନନ୍ଦ ବାବୁ, ଆପଣଙ୍କର କେତୋଟି ପୁଅ ଝିଅ ?

-ଆଜ୍ଞା ! ମୋର ଗୋଟିଏ ବୋଲି ପୁଅ । ଅତି ଶ୍ରଦ୍ଧାରେ ତାହାର ନାମ ପୁଟୁ ଦେଇଛୁ । ସବୁବେଳେ ଟିକିଏ ଟିକିଏ କଥାରେ ମିଛ କହୁଛି । ଯଦି ତା'ର କିଛି ପ୍ରତିକାର କରିପାରିବେ, ମୁଁ ଆପଣଙ୍କ ପାଖରେ ଚିର ଋଣୀ ରହିବି ।

-ଆପଣ ଧୈର୍ଯ୍ୟ ଧରି ବସନ୍ତୁ । ପିଲା ମିଛ କହିବାର କାରଣ ମୁଁ କହିବି । ସେହି ସବୁ ଗୁଣ ପରିହାର କଲେ ଆପଣଙ୍କ ପୁଅ ସୁନାପିଲା ହୋଇଯିବ । ଗୋଟିଏ କଥା ମନେ ରଖନ୍ତୁ, ବର୍ଷେ ଭଲରେ ରହିଲେ ଧାନ ଚାଷ କରିବେ । ଦଶ ବର୍ଷ ଭଲରେ ରହିଲେ ଗଛ ଲଗାଇବେ । ଆଉ ସବୁଦିନେ ଭଲରେ ରହିଲେ ଭଲ ପିଲାଟିଏ ଉତାରିବେ । ଆଜିକାଲି ବିଦ୍ୟାଳୟମାନଙ୍କରେ କେବଳ ପାଠ୍ୟକ୍ରମ ଅନୁଯାୟୀ ପାଠପଢା ଚାଲିଛି । ନୈତିକ ଶିକ୍ଷା ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ, ଯାହା ଫଳରେ ପ୍ରାଥମିକ ସ୍ତରରୁ ପିଲାର ଚରିତ୍ରରେ କଳଙ୍କ ଲାଗୁଛି । ସର୍ବପ୍ରଥମେ ପରିବାର ଶୃଙ୍ଖଳିତ ହେବା ଆବଶ୍ୟକ । ପିଲାର ପରିବାର ହେଉଛି ପ୍ରଥମ ସୋପାନ । ସେଇଠାରୁ ସେ ମା'ଙ୍କଠାରୁ ସବୁ କଥା ଶିକ୍ଷା କରେ । ତେବେ ପିଲା ମିଛ କହିବାର କାରଣ ମୁଁ ଗୋଟି ଗୋଟି କରି କହୁଛି, ମନ ଦେଇ ଶୁଣ ।

୧-ଟିକିଏ ଟିକିଏ କଥାରେ ଆପଣଙ୍କ ପିଲାକୁ ଦଣ୍ଡ ଦିଅନ୍ତୁ ନାହିଁ, ଯାହା ଫଳରେ ସେ ମିଥ୍ୟାର ଆଶ୍ରୟ ନେବ । ଅଯଥା ଭୟ ସୃଷ୍ଟି କରିବା ମିଥ୍ୟାର କାରଣ ।

୨-ଯଦି ପିଲାଟି ଘରେ କିଛି ଜିନିଷ ଭାଙ୍ଗି ଦିଏ, ତାହାହେଲେ ତାହାକୁ ଧୈର୍ଯ୍ୟ ସହକାରେ ସହି ନିଅନ୍ତୁ । କିନ୍ତୁ ସେହି କଥାରେ କ୍ରୋଧ ପ୍ରକାଶ କରନ୍ତୁ ନାହିଁ । ଭାଙ୍ଗିବାଠାରୁ ମିଛ କହିବା ଅଧିକ କ୍ଷତିକାରକ ।

୩-ପିଲାଟି ଖୁସି ମିଜାଜରେ ଥିଲା ବେଳେ ତାହା ସହିତ ମିଛ କହିବାର କୁପରିଣାମ ବିଷୟରେ ଆଲୋଚନା କରନ୍ତୁ । ଆପଣ ଭୁବନେଶ୍ୱରବାସୀ ହୋଇଥିବାରୁ ଜାନୁଆରୀ ମାସ ୫ ତାରିଖରେ ଇତି ଅପାଙ୍କ ପତ୍ରିକା ହାଟରୁ କିଛି ପିଲାଙ୍କ ଗପ ବହି ଆଣି ନିଜେ ପଢନ୍ତୁ ଓ ତା'ର ସାରକଥା ଆପଣଙ୍କ ପୁଅକୁ ବୁଝାନ୍ତୁ ।

୪-କୌଣସି କାରଣରୁ ଭୁଲ କାମ କଲେ ଆପଣଙ୍କ ପୁଅକୁ ସିଧାସିଧି କିଛି ନ କହି କିଏ କରିଛି, କେମିତି ହେଲା ଏବଂ କାହିଁକି ହେଲା, ପଚାରିଲେ ଆପେ ଆପେ ସେ ସଂଶୋଧନ ହୋଇଯିବ । ମନେ ରଖନ୍ତୁ, ସତକଥାକୁ ବହୁବାର ପ୍ରଶଂସା କରନ୍ତୁ । ସ୍ନେହ, ଶ୍ରଦ୍ଧା ଏବଂ କରୁଣା ତା'ପାଇଁ ଅଜାଡି ଦିଅନ୍ତୁ । ସେ ଆଉ ମିଛ କହିବାକୁ ସାହସ କରିବ ନାହିଁ । ଭୁଲ କାମ କଲେ କେବଳ ମନ ଦୁଃଖ ନ କରି ପିଲାର ନୈତିକତା ପରିବର୍ତ୍ତନ କରନ୍ତୁ ।

୫-ପରୀକ୍ଷାରେ ଆପଣଙ୍କ ପିଲା କୃତକାର୍ଯ୍ୟ ନ କଲେ ବା ପ୍ରଥମରୁ ଦ୍ୱିତୀୟ ସ୍ଥାନ ଅଧିକାର କଲେ ସେଥିପାଇଁ ରାଗିବେ ନାହିଁ, କାରଣ ଥରେ ରାଗିଲେ ଶରୀରରେ ଥିବା ଲକ୍ଷ ଲକ୍ଷ ଶ୍ୱେତ ରକ୍ତ କଣିକା ନଷ୍ଟ ହୋଇଯାଆନ୍ତି । କ୍ରୋଧର ସାତଟି ଦୁର୍ଗୁଣ ଥାଏ । ତାହା ଦୁଃଖ, ଉଦ୍‌ବେଗ, ଭୟ, ସଙ୍କୋଚ, ଲଜ୍ଜା, ଆଘାତ ଓ ଅପରାଧ । ଏହା ଛୋଟ ପିଲାଙ୍କ ଉପରେ ପ୍ରଭାବ ପକାଇଥାଏ । ସେମାନେ ଗୋଟିକର ବହୁଳ ପରିମାଣ ଦେଖାଗଲେ ମିଛ କହିବାକୁ ବାଧ୍ୟ ହୁଅନ୍ତି । ମନେରଖ ନମ୍ବର ଜ୍ଞାନର ମାପକାଠି ନୁହେଁ ।

୬-ରେଳଯାତ୍ରା ସମୟରେ ଟିକଟରୁ କିଛି ରିହାତି ପାଇଁ ଆପଣଙ୍କ ପିଲାର ବୟସ କମେଇଲେ ଆପଣଙ୍କ ପୁଅ ସେହି ମିଥ୍ୟାର ଆଶ୍ରୟ ନେବ । ସେ ଭାବିବ ବାପା ମିଛ କହିଲେ, ମୁଁ କହିଲେ କ'ଣ ହେଲା ।

୭-ଅନ୍ୟ ପିଲା ସହିତ ଆପଣଙ୍କ ପିଲାକୁ ତୁଳନା କରନ୍ତୁ ନାହିଁ ବା ଅଧିକ ମାନସିକ ଚାପ ଦିଅନ୍ତୁ ନାହିଁ । ଅକୁଣ୍ଠ ସ୍ନେହ ଓ ମମତା ଅଜାଡି ନଦେଲେ ଆପେ ଆପେ ମିଥ୍ୟା ଆଗକୁ ଆସିବ ।

୮-ଯେକୌଣସି ବାପା ଅନ୍ତତଃ ପକ୍ଷେ ୧୬ ଗୋଟି ସଂସ୍କାର ବିଷୟରେ ସମ୍ୟକ ଜ୍ଞାନ ରହିବା ଦରକାର । ସେଗୁଡ଼ିକ ହେଉଛି ଗର୍ଭାଧାନ, ପୁଂସବନ, ସୀମନ୍ତୋନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡାକର୍ମ, କର୍ଣ୍ଣବୋଧ, ଉପନୟନ, ବେଦାରମ୍ଭ, ସମାବର୍ତ୍ତନ, ବିବାହ, ବାନପ୍ରସ୍ଥ, ସନ୍ନ୍ୟାସ ଏବଂ ଅନ୍ତ୍ୟେଷ୍ଟି । ଏହା ମଧ୍ୟରେ ପ୍ରଥମ ତିନିଗୋଟି ବିଶେଷ ଉପାଦେୟ ।

ଭଲ ଭାବେ ବାପା ବୁଝିଗଲେ ଯେ ପିଲାକୁ ଏକ ଆଦର୍ଶ ନାଗରିକ ଭାବେ ଗଢି ତୋଳିବା ପାଇଁ ଅନ୍ତତଃ ପକ୍ଷେ ସଦ୍‌ଗୁରୁର ଆବଶ୍ୟକତା ରହିଛି ।

**ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ,**
**କୋହ୍ଲ, ତିହିଡି, ଭଦ୍ରକ-୭୫୬୧୩୦**
ମୋ-୯୪୩୭୫୭୪୪୬୨

# ସମ୍ପର୍କ

ଦେବାଶିଷ କର

ସମ୍ପର୍କର ଅର୍ଥ ହେଉଛି ଅନ୍ୟ ଜଣଙ୍କ ପ୍ରତି ତୁମର ତ୍ୟାଗ ଆଉ ତା' ପାଇଁ କର୍ତ୍ତବ୍ୟ। ସମ୍ପର୍କରେ କେବେ ସ୍ୱାର୍ଥ ନଥାଏ। ଗୋଟେ କଥା ଆସେ ମନରେ, ସ୍ୱାର୍ଥ ବିନା କେମିତି ସମ୍ପର୍କ ସମ୍ଭବ। ନିଶ୍ଚିତ ସ୍ୱାର୍ଥ ଅଛି, କିନ୍ତୁ ସେ ସ୍ୱାର୍ଥ କେଉଁ ବ୍ୟକ୍ତିଗତ ପାଇଁ ନୁହେଁ, ସେ ସ୍ୱାର୍ଥ ପାଇଁ ଉଭୟ ବ୍ୟଗ୍ର ହୋଇଥା'ନ୍ତି। ଅର୍ଥାତ୍ ଏହାକୁ ପାଳନ କରିବା ପାଇଁ ସମାଜ ଦୃଷ୍ଟିରୁ ଆମର କର୍ତ୍ତବ୍ୟ ଅଟେ।

ରାଜୁ ଓ ମିନା ପରସ୍ପରକୁ ଭଲ ପାଆନ୍ତି। ରାଜୁ ଓ ମିନା ଉଭୟ ଚାକିରି କରନ୍ତି। ମିନା ମୁମ୍ବାଇରେ ଚାକିରି କରନ୍ତି, କିନ୍ତୁ ରାଜୁ ଭୁବନେଶ୍ୱରରେ ଅବସ୍ଥିତ। କଥାରେ ଅଛି ପ୍ରେମ ଯଦି ସତ୍ୟ, ଦୂର ବି ପାଖ ଲାଗେ। ରାଜୁ ଓ ମିନା ଚାକିରି ସମୟ ସରିବା ପରେ ବେଶ୍ କିଛି ସମୟ ମୋବାଇଲ୍‌ରେ କଥା ହୁଅନ୍ତି; ସୁଖଦୁଃଖ ହୁଅନ୍ତି। ଛୁଟି ଥିଲେ ପରସ୍ପର ସହିତ ଦେଖାଚାହାଁ ହୁଏ।

କିଛି ଦିନ ମଧ୍ୟରେ ମିନାର ପ୍ରମୋସନ୍ ହୋଇଛି। ସେ ରାଜୁକୁ କହିଛି, "ମୋର କାମ ଅଧିକ, ମୁଁ ତୁମକୁ ବେଶୀ ସମୟ ଦେଇପାରିବି ନାହିଁ।" ରାଜୁର ମଧ୍ୟ ଚାକିରି ଜୀବନ, କିନ୍ତୁ ସମୟ ନାହିଁ ବୋଲି କେବେ କହିନାହିଁ। ରାଜୁ ଏକଥା ଶୁଣି ମନଦୁଃଖ କରିଛି। ସେ ଆଉ ମିନା ସହ କଥା ହୋଇନି। ମିନା ଦିନେ ରାଜୁକୁ ଫୋନ କରି କହିଛି, "ଆମେ ଚାଲ ଘରେ ବାହାଘର କଥା କହିବା।"

ଉଭୟ ଘରେ କହିଲେ ଓ ପରିବାର ମଧ୍ୟ ଏଥିରେ ସହମତି ପ୍ରକାଶ କଲେ। ମିନାର ପରିବାର କହିଲେ ୮୦ ବର୍ଷୀୟା ମା' ଓ ଗୋଟେ ସାନ ଭଉଣୀ। ରାଜୁର ପରିବାର କହିଲେ ବାପା, ମା, ୨ ଜଣ ଭାଇ ଓ ୨ ଜଣ ଭଉଣୀ। ଶେଷରେ ରାଜୁ ଓ ମିନାର ବିବାହ ହୋଇଛି ରୀତିନୀତି ଅନୁସାରେ। ଗାଁରେ ବିବାହ। ମିନାର ବି କୌଣସି ଅସୁବିଧା ନାହିଁ, କାରଣ ସେ ଜାଣିଛି ଯେ ସ୍ୱାମୀ ସହ ରହିବାକୁ ହେଲେ ବହୁତ କିଛି ତ୍ୟାଗ କରିବାକୁ ହେବ। ବିବାହର ପାଞ୍ଚ ବର୍ଷ ଭିତରେ ୨ଟି ପୁଅ କୋଳ ମଣ୍ଡନ କଲେ।

ଏହି ଭିତରେ ନିଜର ଚାକିରି ଜୀବନକୁ ମଧ୍ୟ ସମୟ ଦେଉଥା'ନ୍ତି। ମିନା ନିଜ ପାଖରେ ନିଜ ମା' ଓ ପୁଅ ଦୁଇ ଜଣଙ୍କୁ ରଖି ପରିବାର ଚଳାନ୍ତି। ମିନା ଘର କାମ ସହ ଅଫିସ୍ କାମରେ ବ୍ୟସ୍ତ ରହି ରାଜୁଙ୍କୁ ସମୟ ଦେଇ ପାରନ୍ତି ନାହିଁ। ଯାହା ଫଳରେ ଏହା ଆସ୍ତେ ଆସ୍ତେ ଝଗଡ଼ାରେ ପରିଣତ ହେଲା। ଉଭୟ ଉଭୟଙ୍କୁ ତିରସ୍କାର କରିବାରୁ ଶେଷରେ ଅଲଗା ହେବା ପାଇଁ ଇଚ୍ଛା କଲେ। ଦୁଇ ପୁଅଙ୍କ କଥା ଭାବି ଉଭୟ ଚୁପ୍ ରୁହନ୍ତି। ଶେଷରେ ଅଲଗା ହେବା ପାଇଁ କୋର୍ଟରେ ଦ୍ୱାରସ୍ଥ ହେଲେ। କୋର୍ଟ ସବୁ ଘଟଣା ଶୁଣି କହିଲା, "ତୁମକୁ ବର୍ଷରେ ଅନ୍ତତଃ ୧୦ ଦିନ ପାଇଁ ମିଶି ଛୁଆ ଦୁଇଟିଙ୍କୁ ନେଇ ଭଲ ଜାଗା ବୁଲି ଯିବାକୁ ହେବ।"

ଶେଷରେ ସେମାନେ ନେପାଳ ଯିବା ପାଇଁ ସ୍ଥିର କଲେ। ସେଠାରେ ସେମାନେ ଗୋଟେ ଜାଗା ବୁଲି ସାରିବା ପରେ ଅନ୍ୟ ଜାଗାକୁ ଯିବା ପାଇଁ ଉଡାଜାହାଜରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଉଡାଜାହାଜଟି ଦୁର୍ଘଟଣାଗ୍ରସ୍ତ ହୋଇଗଲା। ଦୁର୍ଭାଗ୍ୟବଶତଃ, ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ସହିତ ରାଜୁ ଓ ମିନା ଏବଂ ସେମାନଙ୍କ ଦୁଇ ପୁଅ ସବୁଦିନ ପାଇଁ ଆଖି ବୁଜିଦେଲେ।

କଥାରେ ଅଛି, ଯିଏ ସାଙ୍ଗରେ ରହିବ ଆଉ ପାଖରେ ରହିବ, ସେ କିପରି ଅଲଗା ହୋଇ ରହିପାରିବ। ତେଣୁ ସ୍ୱାମୀ, ସ୍ତ୍ରୀ ସହ ଦୁଇ ପୁଅ ଆରପାରିକୁ ଚାଲିଗଲେ। ସତରେ ଦୁଃଖ ଲାଗେ ଖୁସି ବି ଲାଗେ, ବିଚିତ୍ର ଏ ଭଗବାନଙ୍କ ସୃଷ୍ଟି।

ଆଙ୍କପଦା, ଭଦ୍ରକ
ମୋ - ୮୦୯୩୧୮୭୦୪୨



# ରାତ୍ରି ପ୍ରଭାତ ହୁଏ, ସ୍ୱପ୍ନ ସ୍ୱପ୍ନରେ ରହେ



ପଣ୍ଡିତ ରମାକାନ୍ତ ମିଶ୍ର

***(ପୂର୍ବ ସଂଖ୍ୟାରେ ପ୍ରକାଶିତ ଗଳ୍ପ "କବି ଲେଖନୀର ଯଥାର୍ଥ ସମ୍ମାନ"ରେ ସମୀକ୍ଷିତ ହୋଇଥିଲା ଯେ ସାମଗ୍ରୀ ବିନା କେବଳ ଶରୀରକୁ ସାଧନା କରି ମଧ୍ୟ ଅସାଧ କର୍ମ ସାଧିତ ହୁଏ)***

କବି ବିଲୋଚନଙ୍କ ପତ୍ନୀ ଏଥି ନିମନ୍ତେ ଗୋଟିଏ ଶ୍ଳୋକ ତୁରନ୍ତ ରଚନା କରି ମହାରାଜ ଭୋଜଙ୍କ ମନକୁ ଆପ୍ୟାୟିତ କରିଥିଲେ। କବିପତ୍ନୀଙ୍କର ବଳିଷ୍ଠ ଉଦାହରଣରେ ବିସ୍ମିତ ଭୋଜ ଅନ୍ୟ ଏକ ଉଦାହରଣର ଜିଜ୍ଞାସା ପୋଷଣ କରି ପିତାମାତାଙ୍କ ସହ ଆଗତ କବିଙ୍କର ପୁତ୍ରଙ୍କୁ ସତୃଷ୍ଣ ନେତ୍ରରେ ଅବଲୋକନ କଲେ। ପିତାମାତା ଯେଉଁଠି ଏତାଦୃଶ ବିଚକ୍ଷଣ ପାଣ୍ଡିତ୍ୟ ଓ କବିତ୍ୱର ଅଧିକାରୀ ସେଠାରେ ତାଙ୍କଠାରୁ ଉତ୍ପନ୍ନ ପୁତ୍ର ମଧ୍ୟ ତାଦୃଶ ପାଣ୍ଡିତ୍ୟ ଓ ବୁଦ୍ଧିମତ୍ତାର ଅଧିକାରୀ ହୋଇଥିବ, ଏହା ଥିଲା ଭୋଜଙ୍କ ଅନ୍ତରର ଭାବନା। ସୁତରାଂ ସେ କବିପୁତ୍ରଙ୍କୁ ଜିଜ୍ଞାସୁ ନେତ୍ରରେ ଅବଲୋକନ କରିଥିଲେ। କବିପୁତ୍ର ମଧ୍ୟ ରାଜାଙ୍କ ମୁଖର ଭାବଭଙ୍ଗୀରୁ ରାଜାଙ୍କ ଅନ୍ତର କଥା ସମ୍ୟକ୍ ଅବଗତ ହେଲେ ଓ ଅନ୍ୟ ଏକ ଉଦାହରଣ ଦେବାକୁ ପ୍ରସ୍ତୁତ ହେଲେ।

ହିନ୍ଦୀରେ ଗୋଟିଏ ଲୋକୋକ୍ତି ଅଛି -

**"ବାପ୍ ସେ ବେଟା ଯ୍ୟାଦା ହୈ"**
**(ବାପାଠାରୁ ପୁଅ ବଳବତ୍ତର)**

ସତରେ ବାପାଠାରୁ ପୁଅ ଓ ଗୁରୁଠାରୁ ଛାତ୍ର, ଯଦି ବିଦ୍ୟା ବୁଦ୍ଧିରେ ବଳବତ୍ତର ହୁଅନ୍ତି, ତେବେ ସେ ବାପା ଓ ଗୁରୁ ଯେଉଁ ଆନନ୍ଦ ଅନୁଭବ କରନ୍ତି, ତାହା ଅନନ୍ତ ଅସୀମ।

ପୁନଶ୍ଚ "ବାପ ଗୁଣେ ପୁଅ, ମାଆ ଗୁଣେ ଝିଅ"- ଏହି ଉକ୍ତିର ସାର୍ଥକତା ରକ୍ଷାକରି କବି ବିଲୋଚନଙ୍କ ପୁତ୍ର ନିଜ ପାଣ୍ଡିତ୍ୟର ପରାକାଷ୍ଠା ପ୍ରତିପାଦନ କରି ନିମ୍ନ ପ୍ରଦତ୍ତ ଶ୍ଳୋକଟି ରଚନାକରି ପାଠ କଲେ।

**"ନଜେତବ୍ୟାଲଙ୍କା ଚରଣତରଣୀୟୋ ଜଳନିଧି-**
**ବିପକ୍ଷଃ ପୌଲସ୍ତ୍ୟୋ ରଣଭୁବି ସହାୟାଶ୍ଚ କପୟଃ**
**ପଦାତିର୍ମର୍ତ୍ତ୍ୟୋଽସୌ ସକଳମବଧୀଦ୍ରାକ୍ଷସକୁଳମ୍**
**କ୍ରିୟାସିଦ୍ଧିଃସତ୍ତ୍ୱେ ଭବତି ମହତାଂ ନୋପକରଣେ"**

ଅର୍ଥାତ୍ - ଲଙ୍କାପୁରୀ ତ ଜୟ କରିବାର ଯୋଗ୍ୟା ନଥିଲା, ପୁନଶ୍ଚ ବିଶାଳ ସମୁଦ୍ର ମଧ୍ୟ ପଦବ୍ରଜରେ ଲଂଘନ ଯୋଗ୍ୟ ନଥିଲା। ବିପକ୍ଷ ଭାବରେ ରହିଥିଲା ତ୍ରିପୁର ବିଜୟୀ ବିଂଶବାହୁ ଦଶାନନ। ରଣ ଭୂମିରେ ସହାୟକ ଥିଲେ କେବଳ ବନ୍ୟ ବାନର ଯୂଥ। ଯୁଦ୍ଧ ନିମନ୍ତେ ବିମାନହୀନ ହୋଇ ମର୍ତ୍ତ୍ୟ ମନୁଷ୍ୟ ଦେହଧାରୀ ଶ୍ରୀରାମ କେବଳ ପଦାତି ହୋଇ (ପାଦରେ ଚାଲି ଚାଲି) ଯୁଦ୍ଧକରି ଲଙ୍କାର ରାକ୍ଷସ ବଂଶକୁ ବଧ କରିଥିଲେ। ସୁତରାଂ ମହାତ୍ମାମାନଙ୍କର କାର୍ଯ୍ୟସିଦ୍ଧି କେବଳ ଶରୀର ଦ୍ୱାରା ହିଁ ସମ୍ଭବ ହୁଏ ସାମଗ୍ରୀ ଦ୍ୱାରା ନୁହେଁ। କବି ପୁତ୍ରଙ୍କର ଏପରି ଚମତ୍କାର ଉତ୍ତର ଶୁଣି ରାଜା ଭୋଜ ଅତ୍ୟନ୍ତ ପ୍ରସନ୍ନ ହୋଇ ତାଙ୍କୁ ଅନେକ ଧନରତ୍ନ ପୁରସ୍କାର ଦେଲେ।

ପ୍ରଦତ୍ତ ଶ୍ଳୋକଟିକୁ ସମୀକ୍ଷା କଲେ ଜଣାଯାଏ ଯେ, ଶ୍ରୀରାମଙ୍କ ନିକଟରେ ଥିଲା କର୍ତ୍ତବ୍ୟବୋଧ, ସଂକଳ୍ପବଦ୍ଧତା, ଦୃଢ଼ ଇଚ୍ଛାଶକ୍ତି ଓ ନିଜ ଶରୀର।

**"କାର୍ଯ୍ୟଂସାଧନୟେତ୍ ଶରୀରଂ ବା ପାତୟେତ୍"**
**(କାର୍ଯ୍ୟର ସାଧନା ବା ଶରୀରର ପାତନ)**

ଏହି ନୀତିରେ ଯୁଦ୍ଧରେ ବିଜୟୀ ହେବା କିମ୍ବା ଯୁଦ୍ଧକରି ମୃତ୍ୟୁ ବରଣ କରିବା ହେଉଛି ବୀରୋଚିତ ଧର୍ମ। ସୁତରାଂ ସେ ବିଶାଳ ସମୁଦ୍ରର ଉତ୍ତାଳଫେନିଳ ମାଳମାଳ ତରଙ୍ଗକୁ ଭ୍ରୂକ୍ଷେପ ନକରି ବିଶାଳ ଶୈଳ ଶିଳାରେ ତାହା ଉପରେ ସେତୁ ସ୍ଥାପନ କରିବାପାଇଁ ସକ୍ଷମ ହେଲେ। ରାବଣ ପରି ଜଣେ ଅପରାଜେୟ ସମରକୁଶଳୀ ତ୍ରିପୁର ବିଜୟୀ ଦୁର୍ଦ୍ଦମ ରାକ୍ଷସର ଦଶ ମସ୍ତକକୁ ଭୂଲୁଣ୍ଠିତ କଲେ। ଲଙ୍କାପୁରରୁ ରାକ୍ଷସ ବଂଶର ମୂଳୋତ୍ପାଟନ କରି ଧର୍ମର ଶାସନ ପ୍ରତିଷ୍ଠା କଲେ। ପ୍ରାଣାଧିକା ଧର୍ମପତ୍ନୀ ସତୀସୀତାଙ୍କୁ ଉଦ୍ଧାର କରି ନିଜ ପତିତ୍ୱର ପରକାଷ୍ଠା ଦର୍ଶାଇଥିଲେ। ଏତାଦୃଶ ଅସାଧ୍ୟ ସାଧନରେ ତାଙ୍କର ସହାୟକ ଥିଲେ କେବଳ ଫଳମୂଳପତ୍ରଭୋଜୀ ବନ୍ୟ ବାନର ଓ ଭଲ୍ଲୁକ ଯୂଥ।

**ସାଂପ୍ରତିକ ସମାଜରେ କାର୍ଯ୍ୟସିଦ୍ଧି ପାଇଁ ସେପରି ମନ, ପ୍ରାଣ ଓ ଶରୀର ସମର୍ପଣର ଦୃଷ୍ଟାନ୍ତ କାହିଁ ?**

କାର୍ଯ୍ୟ ଆରମ୍ଭ ହେଉ ବା ନହେଉ ପ୍ରଥମେ ବିପୁଳ ଉପକରଣର ଆଡ଼ମ୍ବର। ବହୁ ସ୍ଥାନରେ ବହୁ ଆଡମ୍ବର ସହକାରେ ବିବିଧ ଜନହିତକର କାର୍ଯ୍ୟର ଶୁଭାରମ୍ଭ, କିନ୍ତୁ ବର୍ଷ ବର୍ଷ ବିତିଗଲା ପରେ ମଧ୍ୟ ତାହାର ପ୍ରକୃତ ରୂପାୟନ ହୋଇପାରେ ନାହିଁ। ଶେଷରେ ମିଥ୍ୟା ହୁଏ ପରିକଳ୍ପନା, ପ୍ରତିଶ୍ରୁତି ଓ ସଂକଳ୍ପ। ଏହାର ପ୍ରମୁଖ କାରଣ କାର୍ଯ୍ୟସିଦ୍ଧି ପାଇଁ ସମର୍ପିତ ଦେହ, ମନ ଓ ପ୍ରାଣର ଅଭାବ। ରାତ୍ରି ପ୍ରଭାତ ହୁଏ, ସ୍ୱପ୍ନ ସ୍ୱପ୍ନରେ ରହେ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ**
**ଜଟଣୀ**
**ଖୋରଧା**
**ମୋ - ୯୭୭୮୬୮୨୪୮୭**

# ଅଯୋଧ୍ୟା ରାମ ମନ୍ଦିର

ଅଯୋଧ୍ୟା ରାମ ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ତୀର୍ଥସ୍ଥାନ ଭାବରେ ପରିଗଣିତ। ଏହା ପ୍ରଭୁ ଶ୍ରୀ ରାମଙ୍କ ଜନ୍ମସ୍ଥାନ ବୋଲି ବିଶ୍ୱାସ କରାଯାଏ ଏବଂ ଏହାକୁ ଏକ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ। ଏହି ମନ୍ଦିର ନିର୍ମାଣ ହିନ୍ଦୁ ସମ୍ପ୍ରଦାୟ ପାଇଁ ଏକ ପ୍ରତୀକାତ୍ମକ ବିଜୟ ଭାବରେ ଦେଖାଯାଏ, ଯେଉଁମାନେ ଏକ ଦଶନ୍ଧି ଧରି ମନ୍ଦିର ନିର୍ମାଣ ପାଇଁ ସଂଗ୍ରାମ କରୁଥିଲେ। ଅଯୋଧ୍ୟା ରାମ ମନ୍ଦିର ଭାରତରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଧାର୍ମିକ ଓ ରାଜନୈତିକ ବିବାଦର କେନ୍ଦ୍ର ପାଲଟିଛି।



ଷୋଡଶ ଶତାବ୍ଦୀରେ ମୋଗଲ ସମ୍ରାଟ ବାବରଙ୍କ ଦ୍ୱାରା ଏହି ମନ୍ଦିର ଭାଙ୍ଗି ଦିଆଯାଇଥିଲା ଏବଂ ତାଙ୍କ ସ୍ଥାନରେ ଏକ ମସଜିଦ ନିର୍ମାଣ କରାଯାଇଥିଲା। ବାବ୍ରି ମସଜିଦ୍ ନାମରେ ଜଣାଶୁଣା ଏହି ମସଜିଦ ଶତାବ୍ଦୀ ଧରି ଏହି ସ୍ଥାନରେ ଠିଆ ହୋଇଥିଲା ଯେପର୍ଯ୍ୟନ୍ତ ଏହା ହିନ୍ଦୁ ଜାତୀୟତାବାଦୀଙ୍କ ଦ୍ୱାରା ୧୯୯୨ ମସିହାରେ ଭାଙ୍ଗି ନଥିଲା ଏବଂ ଦେଶରେ ବ୍ୟାପକ ହିଂସା ତଥା ସାମ୍ପ୍ରଦାୟିକ ତିକ୍ତତା ସୃଷ୍ଟି ହୋଇଥିଲା। ଅଯୋଧ୍ୟା ବିବାଦ ଦଶନ୍ଧି ଧରି ଭାରତୀୟ ରାଜନୀତିରେ ବିବାଦୀୟ ପ୍ରସଙ୍ଗ ହୋଇଆସୁଛି। ସେହି ସ୍ଥାନର ମାଲିକାନାକୁ ନେଇ ବିବାଦ ଘେରକୁ ଆସିଥିଲା। ଶେଷରେ ୨୦୧୯ରେ ଭାରତୀୟ ସୁପ୍ରିମକୋର୍ଟ ଏହି ବିବାଦର ସମାଧାନ କରି ଉକ୍ତ ସ୍ଥାନରେ ରାମ ମନ୍ଦିର ନିର୍ମାଣ ସପକ୍ଷରେ ରାୟ ଦେଇଥିଲା। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଭାରତ ସରକାରଙ୍କ ଦ୍ୱାରା ଗଠିତ ଏକ ଟ୍ରଷ୍ଟ 'ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ଦ୍ୱାରା ତଦାରଖ କରାଯାଉଛି। ୫ ଅଗଷ୍ଟ ୨୦୨୦ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଭୂମିପୂଜନ ରୀତିନୀତି ଅନୁଷ୍ଠିତ ହୋଇଥିଲା ଏବଂ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

ଆଧୁନିକ ନଗର ଶୈଳୀ ସ୍ଥାପତ୍ୟରେ ନିର୍ମିତ ଏହି ବିଶାଳ ମନ୍ଦିର ୨.୭୭ ଏକର ଅଞ୍ଚଳରେ ବ୍ୟାପିଛି। ରାଜସ୍ଥାନରୁ ଅଣାଯାଇଥିବା ୬୦୦ ହଜାର ଘନଫୁଟ ଗୋଲାପୀ ବାଲୁକା ପଥର ଏବଂ ବାନସୀ ପର୍ବତ ପଥର ଦ୍ୱାରା ନିର୍ମିତ ମନ୍ଦିରର ଚଉଡା ୨୩୫ ଫୁଟ, ଲମ୍ବ ୩୬୦ ଫୁଟ ଏବଂ ଉଚ୍ଚତା ୧୬୧ ଫୁଟ। ଏହି ମନ୍ଦିରର ବୃହତ ପ୍ରାଙ୍ଗଣରେ ଅନ୍ୟାନ୍ୟ ହିନ୍ଦୁ ଦେବୀଦେବତାମାନଙ୍କ ଛୋଟ ମନ୍ଦିରଗୁଡିକ ମଧ୍ୟ ଅଛି। ମନ୍ଦିରର ସବୁଠାରୁ ଚମତ୍କାର ବୈଶିଷ୍ଟ୍ୟ ହେଉଛି ନେପାଳର ଗଣ୍ଡକି ନଦୀରୁ ଅଣାଯାଇଥିବା ବିଶାଳ ଶାଳିଗ୍ରାମ ପଥର, ଯାହା ପ୍ରଭୁ ଶ୍ରୀ ରାମଙ୍କୁ ପ୍ରତିନିଧିତ୍ୱ କରେ।


ମନ୍ଦିରଟି ତିନୋଟି ମହଲା ବିଶିଷ୍ଟ। ପ୍ରଥମ ମହଲା ଭଗବାନ ଶ୍ରୀ ରାମଙ୍କୁ ଉତ୍ସର୍ଗୀକୃତ ହୋଇଥିବାବେଳେ ଦ୍ୱିତୀୟ ମହଲା ଭଗବାନ ହନୁମାନଙ୍କ ପାଇଁ ଏବଂ ତୃତୀୟ ମହଲାରେ ଅଯୋଧ୍ୟା ଇତିହାସ ଏବଂ ସଂସ୍କୃତି ପ୍ରଦର୍ଶନ କରୁଥିବା ସଂଗ୍ରହାଳୟ ଅଛି। ଏକ ପ୍ରାର୍ଥନା ଗୃହ, ରାମକଥା କୁଞ୍ଜ (ବକ୍ତୃତା ଗୃହ), ବୈଦିକ ପାଠାଗାର, ସାଧୁମାନଙ୍କ ବାସଭବନ, ପରିଦର୍ଶକମାନଙ୍କ ପାଇଁ ହଷ୍ଟେଲ, ସାତ୍ତ୍ୱିକ ଭୋଜନାଳୟ ଏବଂ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପରି ଅନ୍ୟାନ୍ୟ ସୁବିଧା ରହିବ। ନିର୍ମାଣ ସମାପ୍ତ ହେବା ପରେ ଏହା ବିଶ୍ୱର ତୃତୀୟ ବୃହତ୍ତମ ହିନ୍ଦୁ ମନ୍ଦିର ହେବ। ଏହି ମନ୍ଦିରର ଲୋକାର୍ପଣ ୧୬ ଜାନୁୟାରୀ ୨୦୨୪ରେ ହେବା ସହ ବିଗ୍ରହ ପ୍ରତିଷ୍ଠା ସମ୍ଭବତଃ ୨୨ ଜାନୁୟାରୀ ୨୦୨୪ରେ ଆଶା କରାଯାଉଛି।

ଏହା ଏକ ପ୍ରମୁଖ ସାଂସ୍କୃତିକ ତଥା ଧାର୍ମିକ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ସାରା ବିଶ୍ୱର ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିବା ସହ ଅଯୋଧ୍ୟାର ସର୍ବାଙ୍ଗୀଣ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ଅଯୋଧ୍ୟା ରାମ ମନ୍ଦିର କେବଳ ଏକ ମନ୍ଦିର ନୁହେଁ; ବିଶ୍ୱାସ, ଏକତା ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏହି ମନ୍ଦିର ନିର୍ମାଣ ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା; ଯାହା ସତ୍ୟ, ନ୍ୟାୟ ଏବଂ ଧାର୍ମିକତାର ବିଜୟକୁ ସୂଚିତ କରେ। ଏହି ମନ୍ଦିର ହେଉଛି ହିନ୍ଦୁମାନଙ୍କର ଚିରସ୍ଥାୟୀ ଆତ୍ମା ଏବଂ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସେମାନଙ୍କର ଅଦମ୍ୟ ଭକ୍ତି।

# ବ୍ୟାସକବି ଫକୀର ମୋହନ ସେନାପତି



ଶରଚ୍ଚନ୍ଦ୍ର ମହାପାତ୍ର



ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଏକ ଅମ୍ଳାନ ପ୍ରତିଭା । କାବ୍ୟ କବିତା ଅନୁବାଦ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିଲେ ମଧ୍ୟ ଗଳ୍ପ ଉପନ୍ୟାସ କ୍ଷେତ୍ରକୁ ତାଙ୍କର ଅବଦାନ ଅବିସ୍ମରଣୀୟ । ଏଣୁ ତାଙ୍କୁ ଆଧୁନିକ ଗଦ୍ୟ ସାହିତ୍ୟର ଜନକ ବୋଲି କହିବା ଅତ୍ୟୁକ୍ତି ହେବନାହିଁ ।

ଗଦ୍ୟ ସାହିତ୍ୟର ଏହି ମହାନ୍ ବିଦ୍ଧାଣୀ ୧୮୪୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ସହରର ମଲ୍ଲିକାଶପୁରଠାରେ ଜନ୍ମଗ୍ରହଣ କରିଥିଲେ । ମାତାଙ୍କର ନାମ ତୁଳସୀ ଦେବୀ ଓ ପିତାଙ୍କର ନାମ ଲକ୍ଷ୍ମଣ ଚରଣ ସେନାପତି । କିନ୍ତୁ ଶୈଶବରେ ପିତାମାତାଙ୍କୁ ହରାଇ ବିଭିନ୍ନ ବ୍ୟାଧିର ଉତ୍ପୀଡନ ସହି କେବଳ ସ୍ନେହମୟୀ ପିତାମହୀ କୁଚିଳାଦେବୀଙ୍କ ସେବାଯତ୍ନ ଲାଭକରି ବଞ୍ଚି ଯାଇଥିଲେ । ଏହି ବିଷୟକୁ ଲକ୍ଷ୍ୟକରି ସେ ଆତ୍ମଜୀବନୀରେ ଲେଖିଛନ୍ତି, "ମୁଁ ସେହି ଦିନଠାରୁ ନିତାନ୍ତ ଅସହାୟ ହେଲି । ମୋର ସମବୟସ୍କ ସହାୟ ସମ୍ପନ୍ନ ବହୁ ପରିମାଣରେ ସୁସ୍ଥ ଶରୀର, ବଳିଷ୍ଠ ଓ ସୌଭାଗ୍ୟବାନ୍ ଅନେକ ପୁରୁଷ ପୃଥିବୀ ତ୍ୟାଗକରି ଚାଲିଯାଇଛନ୍ତି ଅଥଚ ମାତୃପିତୃହୀନ, ଚିରରୋଗୀ ମୁଁ ଜୀବନ କାଳର ବିବିଧ ପ୍ରକାର ଭୟଙ୍କର ବିପଦ ସଙ୍କୁଳ ଅବସ୍ଥା ଅତିକ୍ରମ କରି ସମ୍ପ୍ରତି ଜରାଜୀର୍ଣ୍ଣ ଦୁର୍ବଳ ହସ୍ତରେ ମୋର ଦୀର୍ଘଜୀବନର ଅସାର ଚରିତ ଲେଖିବାକୁ ବସିଅଛି । ଏହା କାହାର ଆଦେଶ, କାହାର ଅନୁଗ୍ରହ ଓ ସହାୟତା ।"

ଜୀବନର ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ସ୍ୱଳ୍ପ ଆନୁଷ୍ଠାନିକ ଶିକ୍ଷା ଲାଭକରି ଜୀବିକାର୍ଜନ ପାଇଁ ଅଝାଳ ସିଳାଇ, ନିମକମାହାଲରେ କର୍ମ, ବାରବାଟୀ ଓ ମିସନ ବିଦ୍ୟାଳୟରେ ଶିକ୍ଷକତା ଓ ପରେ ବିଭିନ୍ନ ଗଡଜାତ ଯଥା ନୀଳଗିରି, ଡୋମପଡା, ଢେଙ୍କାନାଳ, ଦଶପଲା, ପାଲଲହଡା, କେନ୍ଦୁଝର, କେନ୍ଦ୍ରାପଡା ପ୍ରଭୃତିରେ ଦେଓ୍ୱାନି କିମ୍ବା ମାନେଜରି କର୍ମ କରିଥିଲେ ।

ତାଙ୍କ ଜୀବନର ଉତ୍କଳ ଭାଷାର ସୁରକ୍ଷାପାଇଁ ସଂଘର୍ଷ ଓ ସେଥିରେ ସଫଳତା ତାଙ୍କୁ ଚିରସ୍ମରଣୀୟ କରି ରଖିଛି । ବାଲେଶ୍ୱର ଜିଲ୍ଲାର ଓଡ଼ିଆ ଭାଷାର ପ୍ରଚଳନ ବନ୍ଦକରି ବଙ୍ଗଳା ଭାଷାର ପ୍ରଚାର ଓ ପ୍ରସାର ପାଇଁ ହୀନ ଚକ୍ରାନ୍ତ ଆରମ୍ଭ ହୋଇଥିଲା । ଫକୀରମୋହନ ନିଜର ଉଦ୍ୟମ ତଥା କୁଶଳୀ ନେତୃତ୍ୱ ବଳରେ ଏ ଉଦ୍ୟମକୁ ବ୍ୟର୍ଥ କରିଥିଲେ । ସେ ଭାବିଲେ ପ୍ରେସଟିଏ ସ୍ଥାପନ କଲେ ଓଡ଼ିଆ ଭାଷାରେ ପୁସ୍ତକ ମୁଦ୍ରଣ ହେବ ଓ ଆମ ଭାଷାର ପ୍ରସାର ଘଟିବ । ଏଥିପାଇଁ ତାଙ୍କୁ କେତେ କଷ୍ଟ ସହିବାକୁ ପଡିଥିଲା ଓ ଅପମାନିତ ହେବାକୁ ପଡିଥିଲା ତାହା ତାଙ୍କର 'ଆତ୍ମଜୀବନୀ' ପଢିଲେ ଜଣାଯାଏ । ଏ କ୍ଷେତ୍ରରେ କଲେକ୍ଟର ବୀମ୍ସ ସାହେବଙ୍କଠାରୁ ସେ ବିଶେଷ ସାହାଯ୍ୟ ଲାଭ କରିଥିଲେ । କୁସଂସ୍କାର ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ ଓ ନାରୀଶିକ୍ଷାର ପ୍ରସାରପାଇଁ ଉଦ୍ୟମ କରିଥିଲେ । ଏଥିପାଇଁ ତତ୍‌କାଳୀନ ରକ୍ଷଣଶୀଳ ସମାଜର ସେ ଆକ୍ରୋଶର ଶୀକାର ମଧ୍ୟ ହୋଇଥିଲେ ।

ଫକୀରମୋହନଙ୍କ ସାରସ୍ୱତ ସାଧନା ତାଙ୍କୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଅଛି । ପ୍ରାୟ କୋଡିଏ ବର୍ଷ ବୟସରୁ ସେ ଅନୁବାଦ କାର୍ଯ୍ୟ ଓ କବିତା ରଚନା କରିବାରେ ମନ ବଳାଇଥିଲେ । ୧୮୬୬ ମସିହାରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ପ୍ରଣୀତ 'ଜୀବନଚରିତ' ବଙ୍ଗଳା ଭାଷାରୁ ଓଡ଼ିଆରେ ଅନୁବାଦ କରିଥିଲେ । ୧୮୬୬ ମସିହାରେ ସେ ଗୋଟିଏ ପାଠ୍ୟପୁସ୍ତକ ରଚନା କଲେ ତାହା ହେଉଛି 'ଉତ୍କଳ ସରଳ ବ୍ୟାକରଣ' । ଏହି ପୁସ୍ତକରେ ବ୍ୟାକରଣର ପ୍ରାୟ ବାଇଶ ଗୋଟି ପ୍ରସଙ୍ଗ ସେ ଉଲ୍ଲେଖ କରିଛନ୍ତି । ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ସେ ଦୁଇ ଭାଗରେ 'ଭାରତବର୍ଷର ଇତିହାସ' ପ୍ରଣୟନ କରିଥିଲେ ।

ଫକୀରମୋହନ ଓଡ଼ିଆ, ବଙ୍ଗଳା ସହ ସଂସ୍କୃତ ଭାଷାକୁ ଭଲ ଭାବରେ ଅଧ୍ୟୟନ କରି ଅନେକ ପୁରାଣ, କାବ୍ୟ, ନାଟକ ପ୍ରଭୃତି ଅଧ୍ୟୟନ କରିଥିଲେ । ଏଣୁ ସଂସ୍କୃତ ସାହିତ୍ୟର ଅନୁବାଦ କାର୍ଯ୍ୟରେ ସେ ମନ ବଳାଇଲେ । ବାଲ୍ମୀକି ରାମାୟଣର ସାତକାଣ୍ଡର ପଦ୍ୟାନୁବାଦ କରିଥିଲେ । ପତ୍ନୀ କୃଷ୍ଣକୁମାରୀଙ୍କୁ ପ୍ରଥମ ପୁତ୍ର ବିୟୋଗ ପରେ ଦୁଃଖରେ ଭାଙ୍ଗି ପଡିବାର ଦେଖି ତାଙ୍କୁ ସାନ୍ତ୍ୱନା ଦେବାପାଇଁ ଏହା ସେ କରିଥିଲେ । ପ୍ରତିଦିନ ସନ୍ଧ୍ୟା ସମୟରେ ତାଙ୍କ ପତ୍ନୀ ଭକ୍ତିର ସହିତ ରାମାୟଣ ପାଠ ଶୁଣି କିଛିଟା ଶାନ୍ତି ଲାଭ କରୁଥିଲେ ।



ବନ୍ଦ ଆଖି ଖୋଲିଲେ ଯେପରି ସୁନ୍ଦର ପୃଥିବୀ ଦେଖାଯାଇଥାଏ, ସେହିପରି ହୃଦୟ ଖୋଲିଲେ ହିଁ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିହୁଏ । - ସ୍ୱାମୀ ବିବେକାନନ୍ଦ

'ମହାଭାରତ'ର କିଛି ଅନୁବାଦ ମଧ୍ୟ କରିଥିଲେ। ଏଥିପାଇଁ ତାଙ୍କୁ 'ବ୍ୟାସକବି' ଆଖ୍ୟା ଦିଆଯାଇଛି। 'ହରିବଂଶ ପର୍ବ', 'ଉପନିଷଦ ସଂଗ୍ରହ' ମଧ୍ୟ ତାଙ୍କର କୃତି। 'ଛାନ୍ଦୋଗ୍ୟ ଉପନିଷଦ'ର ଅନୁବାଦ ମଧ୍ୟ କରିଥିଲେ। ସେ ବ୍ରାହ୍ମଣଙ୍କର ଉପକାର ପାଇଁ ସଂସ୍କୃତରେ 'ବ୍ରାହ୍ମଣାନାଂ ସନ୍ଧ୍ୟାପଦ୍ଧତି' ରଚନା କରିଥିଲେ। ତାଙ୍କ ଜୀବନର ପାଠ୍ୟପୁସ୍ତକ ରଚନା, ଅନୁବାଦ କାର୍ଯ୍ୟ ସହିତ ଅନେକ ପ୍ରବନ୍ଧ ଓ କବିତା ମଧ୍ୟ ରଚନା କରିଥିଲେ। ତାଙ୍କର କବିତାଗୁଡିକ 'ଅବସର ବାସରେ' 'ପୂଜାଫୁଲ' ଗ୍ରନ୍ଥମାନଙ୍କରେ ସଙ୍କଳିତ ହୋଇଅଛି। ସେହିଭଳି ତାଙ୍କର 'ଉତ୍କଳ ଭ୍ରମଣ' ମଧ୍ୟ ଏକ ଦୀର୍ଘ କବିତା।

ଫକୀରମୋହନ ପରିଣତ ବୟସରେ ଗଳ୍ପ ଓ ଉପନ୍ୟାସ ରଚନାରେ ମନୋନିବେଶ କରିଥିଲେ। ତାହାହିଁ ତାଙ୍କୁ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ଦେଇଅଛି। ତାଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି 'ଛ'ମାଣ ଆଠଗୁଣ୍ଠ' 'ଲଛମା' 'ମାମୁଁ' ଓ 'ପ୍ରାୟଶ୍ଚିତ'।

ଉପନ୍ୟାସ ରଚନା ସହିତ ସେ ଗଳ୍ପ ରଚନା କରିଥିଲେ। ଯେଉଁ 'ଲଛମନିଆ' ଗଳ୍ପକଥା ସେ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ତାହା ଉପଲବ୍ଧ ନୁହେଁ। 'ରେବତୀ' ଠାରୁ 'ଗାରୁଡ଼ିମନ୍ତ୍ର' ପର୍ଯ୍ୟନ୍ତ ପ୍ରାୟ ପନ୍ଦରଟି ଗଳ୍ପ ତାଙ୍କ ଲେଖନୀରୁ ଆମେ ପାଇପାରୁଛୁ। 'ବୌଦ୍ଧବତାର କାବ୍ୟ' ଫକୀରମୋହନଙ୍କ ଏକମାତ୍ର ଆଖ୍ୟାନ କାବ୍ୟ, ଯେଉଁଥିରେ ବୁଦ୍ଧଙ୍କ ଜୀବନ ଚରିତ ବର୍ଣ୍ଣିତ ହୋଇଅଛି।

ଫକୀରମୋହନଙ୍କ ସୃଷ୍ଟି ସମ୍ଭାର ଥିଲା ବ୍ୟାପକ ଓ ବିସ୍ତୀର୍ଣ୍ଣ। ଚିରରୁଗ୍ଣ ଫକୀରମୋହନ ବିଭିନ୍ନ ବାଧାବିଘ୍ନ ମଧ୍ୟରେ ଗତିକରି ମଧ୍ୟ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ କ୍ଷେତ୍ରକୁ ଏଭଳି ଭାବରେ ସମୃଦ୍ଧ କରିଥିଲେ ଏହା ଭାବିଲେ ଆମେ ଆଶ୍ଚର୍ଯ୍ୟ ହୋଇଯାଉ। ଯୌବନରେ ପତ୍ନୀଙ୍କୁ ହରାଇ ପରେ କୃଷ୍ଣକୁମାରୀଙ୍କୁ ବିବାହ କଲେ। କୃଷ୍ଣକୁମାରୀଙ୍କ ଭୂୟସୀ ପ୍ରଶଂସା ସେ ଆତ୍ମଚରିତରେ କରିଛନ୍ତି। ମାତ୍ର ୩୪ ବର୍ଷ ବୟସରେ ତାଙ୍କୁ ସେ ଛାଡି ଚାଲିଗଲେ। ଫକୀରମୋହନଙ୍କୁ ଏହା ଦାରୁଣ ଆଘାତ ଦେଇଥିଲା। ପୁତ୍ର ମୋହିନୀ ମୋହନଙ୍କ ସହ ତାଙ୍କର ସମ୍ପର୍କ ପରବର୍ତ୍ତୀ ସମୟରେ ତିକ୍ତ ହୋଇପଡିଥିଲା। ଜୀବନର ଶେଷ ସମୟରେ ସେ ନିଜକୁ ଅସହାୟ ମନେ କରୁଥିଲେ। ତାଙ୍କ ଆତ୍ମଜୀବନୀରେ ସେ ଲେଖିଛନ୍ତି ଯେ ତାଙ୍କୁ ଦେଖିବାକୁ ଗୋପବନ୍ଧୁ ଆସିଥିଲେ ଓ ତାଙ୍କର ଏ ଅବସ୍ଥା ଦେଖି କାନ୍ଦି ପକାଇଥିଲେ। ପଲ୍ଲୀକବି ନନ୍ଦକିଶୋର ବଳଙ୍କ ବିଷୟରେ ସେ ଆତ୍ମଜୀବନରେ ଲେଖିଛନ୍ତି ଯେ ବାଲେଶ୍ୱର ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଥିବାବେଳେ ପ୍ରତି ସନ୍ଧ୍ୟାରେ ତାଙ୍କ ଘରକୁ ଆସୁଥିଲେ ଓ ଉଭୟେ ପ୍ରାୟ ୧୦ଟା ପର୍ଯ୍ୟନ୍ତ ବସି ସାହିତ୍ୟ ବିଷୟରେ ଚର୍ଚ୍ଚା କରୁଥିଲେ। ଦାରୁଣ କଷ୍ଟ ଭିତରେ ଏ ସାନ୍ଧ୍ୟମିଳନ ତାଙ୍କୁ ଶାନ୍ତି ଓ ଆଶ୍ୱାସନା ଦେଉଥିଲା। 'ଉତ୍କଳ ସମ୍ମିଳନୀ' ସହ ସେ ମଧ୍ୟ ଜଡିତ ଥିଲେ ଓ ଗୋଟିଏ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ।

ଫକୀରମୋହନଙ୍କ ରଚନା ଅଧ୍ୟୟନ କଲେ ଜଣାଯାଏ ଯେ ତାଙ୍କର ଗଭୀର ଈଶ୍ୱର ବିଶ୍ୱାସୀ ଥିଲା କିନ୍ତୁ ବହୁଦେବାଦେବୀ ବିଚାରକୁ ସେ ଗ୍ରହଣ କରିପାରି ନଥିଲେ। ନାସ୍ତିକମାନଙ୍କୁ ସେ ବହୁ କ୍ଷେତ୍ରରେ ସମାଲୋଚନା କରିଛନ୍ତି। ଫକୀରମୋହନ ଭାରତୀୟ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ। 'ମାମୁଁ 'ଉପନ୍ୟାସରେ ପଣ୍ଡିତ ସଭା' ପ୍ରସଙ୍ଗରେ ସେ ବିଭିନ୍ନ ମତବାଦର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଅନ୍ୟ ଏକ ବିଷୟ ତାଙ୍କର ରଚନାର ଅନ୍ତରାଳରେ ଆମେ ଦେଖିବାକୁ ପାଉ। ତାହା ହେଉଛି 'ନୈରାଶ୍ୟବାଦ'। ଜୀବନର ବିଭିନ୍ନ ଦୁର୍ଘଟଣା, ରୋଗ ଯନ୍ତ୍ରଣା ଓ ନଅଙ୍କ ଦୁର୍ଭିକ୍ଷର କରାଳଦୃଶ୍ୟ ତାଙ୍କୁ ଏକାନ୍ତ ମର୍ମାହତ କରିଥିଲା।" ତେବେ ଜୀବନରେ ବହୁ ଦୁଃଖକଷ୍ଟ ସହି ଓ ନିରନ୍ତର ବିପଦ ସହିତ ସଂଘର୍ଷକରି ଉତ୍କଳ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରିଥିଲେ। ୧୯୧୮ ମସିହାରେ ତାଙ୍କର ବିୟୋଗ ହେଲା।

**ମଙ୍ଗଳା ନଗର, ଖୋର୍ଦ୍ଧା**

# ଅଳିକ ସଂସାରର ବାସ୍ତବ କର୍ମ

**ଡ. ବାପି ସାହୁ**

ଜୀବନ ମୋ ଅଢେଇ ଦିନ
ଅରଜିବି କେତେ ଯେ ଧନ
ଚାକିରି କରିଛି ଦାସ ପଣେ ମୁହିଁ
କର୍ମ ମୋର ଅଟେ ଅତ୍ୟୁତଥାନ ।।
ଖାତାରେ ମୁଁ ରଖିଛି ଧନ
ନେବେ ନାହିଁ ମୋ ପରିଜନ
ପୁତ୍ର, ବନ୍ଧୁସୁତା ସ୍ତ୍ରୀ ସହୋଦର
ପାରିବେନି ଚୋରି କରି ସେ ଧନ ।।
ନୟନ ମୋ ଗୁରୁ ଦର୍ଶନ
କଣ୍ଠେ ଗୀତ ଗୋବିନ୍ଦ ଧ୍ୟାନ
ହୃଦୟ ମନ୍ଦିରେ ସଦା ଭଜୁଥିବି
ଜୟ ରାଧେ ରାଧେ ହରି କୀର୍ତ୍ତନ ।।
ପାଦେ ତୀର୍ଥ ଯାତ୍ରା କରିବି
ଦୁଇ ହାତେ ସେବା କରିବି
ମୁଖେ ଉଚ୍ଚାରଣ ମଦନ ମୋହନ
ବିଶ୍ୱକାନ୍ତି ପ୍ରଭା ଦେଖିବ ମନ ।।
ଧର୍ମ ଅର୍ଥ ସେ କାମ ମୋକ୍ଷ
ଲୋଡା ନାହିଁ ଏ ଚତୁଃବର୍ଗ
ପ୍ରଣତି ଜଣାଏ ଶ୍ରୀପଦ ପଙ୍କଜେ
ମତି ମୋର ସଦା ନାମ ମନନ ।।

**ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ**
**ଅମେଇପାଳ, କେନ୍ଦ୍ରାପଡା**



ଗ୍ରହ ଓ ତାରାଙ୍କ ଗତିବିଧି ବିଷୟରେ ମୁଁ କହିଦେବି, କିନ୍ତୁ ମଣିଷ ମନର ଗତିବିଧି ବିଷୟରେ କହିପାରିବି ନାହିଁ। - ସାର୍ ଆଇଜାକ୍ ନିଉଟନ୍

# ଭାରତର ଖେଳରତ୍ନ ସାତ୍ତ୍ୱିକ ଓ ଚିରାଗ



**ଆଶିଷ କୁମାର ରାୟ**




ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ – ଏ ଦୁହିଁଙ୍କ ଯୋଡ଼ି ଏବେ ବ୍ୟାଡମିଣ୍ଟନ ଜଗତରେ ବେଶ୍ ଚର୍ଚ୍ଚିତ। ବିଶେଷ କରି ଏହି ଦୁଇବର୍ଷ ହେଲା ଦୁହିଁଙ୍କୁ ମିଳିଛି ଅନେକ ଗୁଡ଼ିଏ ସଫଳତା। ୨୦୨୨ରେ ସାତ୍ତ୍ୱିକ ଓ ଚିରାଗଙ୍କ ଡବଲ୍ସ ଯୋଡ଼ି ଇଣ୍ଡିଆ ଓପନ୍ ତଥା ଫ୍ରେଞ୍ଚ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହେବା ସହିତ ବର୍ମିଙ୍ଗହାମ୍‌ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛି। ତେବେ ୨୦୨୨ରେ ଟୋକିଓରେ ଆୟୋଜିତ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଆନଶିପ୍‌ରେ ବ୍ରୋଞ୍ଜପଦକ ଜିତିବା ଥିଲା ଏ ଦୁହିଁଙ୍କର ସବୁଠାରୁ ବଡ଼ ସଫଳତା। ଏହାପରେ ବିଦାୟୀ ବର୍ଷ ୨୦୨୩ରେ ନିଜ ସଫଳତାର ଧାରାକୁ ଜାରି ରଖି ସାତ୍ତ୍ୱିକ ଓ ଚିରାଗ ଇଣ୍ଡୋନେସିଆ ଓପନ୍ ଭଳି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହୋଇ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଯୋଡ଼ିରେ ପରିଣତ ହୋଇଥିଲେ। ଏତଦ୍‌ବ୍ୟତୀତ ଏହି ବର୍ଷ ଏ ଦୁହେଁ ସ୍ୱିସ୍ ଓପନ୍ ଏବଂ କୋରିଆ ଓପନ୍‌ରେ ବିଜୟୀ ହେବା ସହିତ ଦୁବାଇରେ ଅନୁଷ୍ଠିତ ଏସୀୟ ବ୍ୟାଡମିଣ୍ଟନ ଚାମ୍ପିଆନଶିପ୍ ତଥା ହାଙ୍ଗଝାଉ ଏସିଆଡ୍‌ରେ ଡବଲ୍ସ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶର ଗୌରବ ବୃଦ୍ଧି କରିଛନ୍ତି।

ଭାରତ ପାଇଁ ଏଭଳି ଗୌରବ ଆଣିଥିବା ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଚନ୍ଦ୍ରଶେଖର ସେଟ୍ଟୀଙ୍କୁ ଏବେ ଦେଶର କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟ ବହୁତ ବଡ଼ ସମ୍ମାନ ପ୍ରଦାନ କରିଛି। ଏ ଦୁହିଁଙ୍କୁ ମିଳିଛି ଆମ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ – ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର। ପୂର୍ବରୁ ୨୦୦୦ ମସିହାରେ ପ୍ରସିଦ୍ଧ ତାରକା ପୁଲ୍ଲେଲା ଗୋପୀଚାନ୍ଦଙ୍କୁ, ୨୦୧୦ରେ ସାଇନା ନେହୱାଲଙ୍କୁ ଏବଂ ୨୦୧୬ରେ ପି.ଭି. ସିନ୍ଧୁଙ୍କୁ ଖେଳରତ୍ନ ପୁରସ୍କାର ମିଳି ସାରିଥିବା ବେଳେ ଏବେ ସାତ୍ତ୍ୱିକ ଓ ଚିରାଗଙ୍କୁ ଯଥାକ୍ରମେ ଦେଶର ଚତୁର୍ଥ ଓ ପଞ୍ଚମ ବ୍ୟାଡମିଣ୍ଟନ ତାରକା ଭାବେ ଏହି ପୁରସ୍କାର ମିଳିବା ନିଶ୍ଚିତ ଭାବେ ବହୁତ ବଡ଼ କଥା। ଏମାନଙ୍କ ବ୍ୟତୀତ ଆମ ଦେଶର ଭିନ୍ନକ୍ଷମ ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ ଓ କ୍ରିଷ୍ଣା ନାଗରଙ୍କୁ ୨୦୨୧ରେ ମଧ୍ୟ ମିଳିଛି ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର।

୧୩ ଅଗଷ୍ଟ ୨୦୦୦ରେ ଆନ୍ଧ୍ର ପ୍ରଦେଶର ଅମଲାପୁରମରେ ଜନ୍ମଗ୍ରହଣ କରିଥିବା ସାତ୍ତ୍ୱିକ ସାଇରାଜ ପିଲାଟି ଦିନରୁ ଏହିପାଇଁ ବ୍ୟାଡମିଣ୍ଟନ ଖେଳ ପ୍ରତି ଆକର୍ଷିତ ହୋଇଥିଲେ, କାରଣ ତାଙ୍କ ପିତା କାଶି ବିଶ୍ୱନାଥ ନିଜେ ଥିଲେ ଜଣେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି। ସେ ମଧ୍ୟ ଥିଲେ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ। ସେ ହିଁ ନିଜର ଦୁଇ ପୁତ୍ର ରାମଚରଣ ଓ ସାତ୍ତ୍ୱିକଙ୍କୁ ଏହି ଖେଳର ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ ଏବଂ ୨୦୧୪ରେ ଦୁହିଁଙ୍କ ନେଇ ହାଇଦ୍ରାବାଦରେ ପି. ଗୋପୀଚାନ୍ଦ ଏକାଡେମିରେ ଭର୍ତ୍ତି କରିଥିଲେ। ତେବେ ଜ୍ୟେଷ୍ଠ ପୁତ୍ର ରାମଚରଣ ଖେଳରେ ବେଶି ବାଟ ଅଗ୍ରସର ହୋଇ ପାରିନଥିବା ବେଳେ କନିଷ୍ଠ ପୁତ୍ର ସାତ୍ତ୍ୱିକ ଅନେକ ପଥ ଅତିକ୍ରମ କରିବା ସହିତ ଦେଶ ପାଇଁ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ଲାଗିଛନ୍ତି।

ଅନ୍ୟ ଦିଗରେ ଚିରାଗ ସେଟ୍ଟୀ ହେଉଛନ୍ତି ସାତ୍ତ୍ୱିକଙ୍କ ଠାରୁ ତିନି ବର୍ଷ ବଡ଼। ୪ ଜୁଲାଇ ୧୯୯୭ରେ ମୁମ୍ବାଇଠାରେ ତାଙ୍କର ଜନ୍ମ। ତାଙ୍କ ପିତା ଚନ୍ଦ୍ରଶେଖର ସେଟ୍ଟୀ ଓ ମାତା ସୁଜାତା ସେଟ୍ଟୀ ମୁମ୍ବାଇର ଗୋରେଗାଓଁଠାରେ ଏକ କ୍ରୀଡ଼ା କ୍ଲବ ସ୍ଥାପନ କରି ବିଭିନ୍ନ ଖେଳର ପ୍ରଶିକ୍ଷଣ ଦେଇଥାନ୍ତି। ସେହିଠାରେ ହିଁ ଚିରାଗ ବ୍ୟାଡମିଣ୍ଟନ ଖେଳ ଶିଖିବା ସହିତ ଏଥିରେ ପାରଦର୍ଶିତା ପ୍ରଦର୍ଶନ କରିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ଭାରତର ପୂର୍ବତନ ଖେଳାଳି ଉଦୟ ପୱାରଙ୍କ ଠାରୁ ପ୍ରଶିକ୍ଷଣ ନେବା ପରେ ଚିରାଗଙ୍କୁ ତାଙ୍କ ପିତା ହାଇଦ୍ରାବାଦସ୍ଥିତ ପି. ଗୋପୀଚାନ୍ଦ ଏକାଡେମିକୁ ନେଇଆସିଲେ। ଏହିଠାରେ ହିଁ ତାଙ୍କ ପ୍ରତିଭା ଅଧିକ ବିକଶିତ ହେଲା। ସାତ୍ତ୍ୱିକ ଓ ଚିରାଗ ପ୍ରଥମେ ପ୍ରଥମେ ସିଂଗଲ୍ସରେ ଖେଳୁଥିଲେ ହେଁ କିଛିବର୍ଷ ମଧ୍ୟରେ ଡବଲ୍ସ ଖେଳାଳି ଭାବେ ସଫଳତା ହାସଲ କରିବା ଆରମ୍ଭ କଲେ।

ନିଜ କ୍ୟାରିୟର ଆରମ୍ଭରେ ଚିରାଗ ସେଟ୍ଟୀ ଜୁନିଅର ସ୍ତରରେ ଏମ.ଆର. ଅର୍ଜୁନଙ୍କ ସହିତ ଯୋଡ଼ିଦାର ହୋଇ ଖେଳିବା ଆରମ୍ଭ କରିଥିଲେ। ୨୦୧୪ରେ ସ୍ୱିସ୍ ଜୁନିଅର ଟୁର୍ଣ୍ଣାମେଣ୍ଟ ସହିତ ବେଲଜିୟାନ୍ ଓପନ୍ ଜୁନିଅର ତଥା ସ୍କଟଲାଣ୍ଡ ଜୁନିଅର ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଚିରାଗ ଓ ଅର୍ଜୁନଙ୍କ ଯୋଡ଼ି ଚାମ୍ପିଆନ ଆଖ୍ୟା ଅର୍ଜନ କରିଥିଲା। ସେହିଭଳି ସାତ୍ତ୍ୱିକ ସାଇରାଜ ଜୁନିଅର ସ୍ତରରେ କ୍ରିଷ୍ଣପ୍ରସାଦ ଗାରାଗାଙ୍କ ସହିତ ଯୋଡ଼ି ବନାଇ ୨୦୧୫ରେ ଜାତୀୟ

ଜୁନିଅର ଟାଇଟେଲ ହାସଲ କରିବା ସହିତ ଏସିଆନ୍ ଜୁନିଅର ଚାମ୍ପିଆନଶିପରେ ଅଂଶଗ୍ରହଣ କରିଥିଲେ। ତେବେ ପି. ଗୋପୀଚାନ୍ଦ ଏକାଡେମିରେ ସେତେବେଳେ ଡବଲ୍ସ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଥିବା ମାଲେସିଆର କିମ୍ ତାନ୍ ହେର୍ ସାତ୍ତ୍ୱିକ ଓ ଚିରାଗଙ୍କୁ ଏକାଠି ଖେଳିବା ନିମନ୍ତେ ପ୍ରସ୍ତାବ ଦେଲେ। ବାସ୍ତବରେ ଏହି ଦୂରଦର୍ଶୀ ନିଷ୍ପତ୍ତି ଭାରତୀୟ ବ୍ୟାଡମିଣ୍ଟନ ପାଇଁ ବରଦାନ ସାବ୍ୟସ୍ତ ହେଲା ଏବଂ ଏ ଦୁହେଁ ପରସ୍ପର ମଧ୍ୟରେ ଉନ୍ନତ ତାଳମେଳ ପ୍ରଦର୍ଶନ କରି କିଛିବର୍ଷ ମଧ୍ୟରେ ବିଶ୍ୱର ଏକ ପ୍ରମୁଖ ଡବଲ୍ସ ଯୋଡ଼ିରେ ପରିଣତ ହୋଇଗଲେ।

୨୦୧୬ରୁ ଏ ଦୁହେଁ ଏକାଠି ଖେଳିବାକୁ ଆରମ୍ଭ କରିବା ପରେ ବି.ଡବ୍ଲ୍ୟୁ.ଏଫ. ଆନ୍ତର୍ଜାତିକ ଚାଲେଞ୍ଜ ସିରିଜରେ ଛଅଟି ଟାଇଟେଲ ଜିତିବା ଦିଗରେ ସମର୍ଥ ହେଲେ। ଦୁଇବର୍ଷ ମଧ୍ୟରେ ମରିସସ୍, ଭାରତ, ବାଂଲାଦେଶ ଓ ଭିଏତନାମରେ ଅନୁଷ୍ଠିତ ଚାଲେଞ୍ଜ ସିରିଜରେ ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ିକୁ ସଫଳତା ମିଳିଥିଲା। ଏହାପରେ ୨୦୧୮ରେ ସେମାନେ ହାଇଦ୍ରାବାଦ ଓପନ୍ ଜିତି ହାସଲ କରିଥିଲେ ନିଜର ପ୍ରଥମ ୱର୍ଲଡ଼୍ ଟୁର୍ ଟାଇଟେଲ୍। ସେହିବର୍ଷ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟ ଜିତିବା ସହିତ ୨୦୧୯ର ଥାଇଲାଣ୍ଡ ଓପନ୍‌ରେ ଚୀନ୍‌ର ଯୋଡ଼ିକୁ ହରାଇ ଜିତିଲେ ସମୋନଙ୍କର ପ୍ରଥମ ବି.ଡବ୍ଲ୍ୟୁ.ଏଫ.ସୁପର-୫୦୦ ପ୍ରତିଯୋଗିତାର ଶିରପା। ଥାଇଲାଣ୍ଡ ଓପନ ଜିତିବା ପରେ ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ି ବିଶ୍ୱ ମାନ୍ୟତା ତାଲିକାରେ ଶ୍ରେଷ୍ଠ ଦଶଟି ଯୋଡ଼ିଙ୍କ ମଧ୍ୟରେ ସାମିଲ ହୋଇଗଲା। ୨୦୧୯ରେ ମଧ୍ୟ ସେମାନେ ଫ୍ରେଞ୍ଚ ଓପନ୍‌ରେ ମଧ୍ୟ ଚାମ୍ପିଆନ ହୋଇଥିଲେ।

ତେବେ ୨୦୦୦ରେ କୋଭିଡ୍ ମହାମାରୀ ଯୋଗୁଁ ଚିରାଗ ଓ ସାତ୍ତ୍ୱିକଙ୍କ ପ୍ରସ୍ତୁତି ବାଧାପ୍ରାପ୍ତ ହେଲା ଏବଂ ୨୦୨୧ରେ ଆୟୋଜିତ ଟୋକିଓ ଅଲିମ୍ପିକ୍‌ରେ ଏ ଦୁହେଁ ଅଂଶଗ୍ରହଣ କରି ଦୁଇଟି ମୁକାବିଲାରେ ବିଜୟୀ ହୋଇଥିଲେ ହେଁ କ୍ୱାର୍ଟର ଫାଇନାଲକୁ ଯାଇପାରିଲେ ନାହିଁ। ୨୦୨୧ର ବିଶ୍ୱ ଚାମ୍ପିଆନଶିପରେ ମଧ୍ୟ ଏମାନଙ୍କର ପ୍ରଦର୍ଶନ ସେଭଳି କିଛି ଖାସ୍ ନଥିଲା। ଯାହା ହେଉ ୨୦୨୨ରେ ଚିରାଗ ଓ ସାତ୍ତ୍ୱିକ ଚମତ୍କାର ପ୍ରଦର୍ଶନ କରିବା ଆରମ୍ଭ କରିଦେଲେ। ଟୋକିଓଠାରେ ଆୟୋଜିତ ସେ ବର୍ଷର ବିଶ୍ୱ ଚାମ୍ପିଆନଶିପର ସେମି ଫାଇନାଲକୁ ଉନ୍ନୀତ ହୋଇ ବ୍ରୋଞ୍ଜ ପଦକ ଜିଣିବା ଥିଲା ଏମାନଙ୍କର ଏକ ବହୁତ ବଡ଼ ସଫଳତା। ପୂର୍ବରୁ ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି ବିଶ୍ୱ ଚାମ୍ପିଆନଶିପର ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ଜିଣିଥିଲେ ହେଁ ଭାରତର କୌଣସି ପୁରୁଷ ଯୋଡ଼ିଙ୍କର ବିଶ୍ୱ ପ୍ରତିଯୋଗିତାରେ ପଦକ ଜିତିବା ଘଟଣା ପ୍ରଥମଥର ସକାଶେ ହୋଇଥିଲା।

ସେହିଭଳି ୨୦୨୨ରେ ଭାରତ ଥାଇଲାଣ୍ଡରେ ଆୟୋଜିତ ଦଳଗତ ପ୍ରତିଯୋଗିତା ଥମାସ୍ କପରେ ପ୍ରଥମଥର ସକାଶେ ଚାମ୍ପିଆନ ହୋଇଥିଲା। ଭାରତର ଏହି ସଫଳତାରେ ସିଂଗଲ୍ସ ଖେଳାଳି କିଡାମ୍ବି ଶ୍ରୀକାନ୍ତ, ଏଚ.ଏସ. ପଣୟ ଓ ଲକ୍ଷ୍ୟ ସେନଙ୍କ ସହିତ ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ିଙ୍କ ଅବଦାନ ମଧ୍ୟ ଥିଲା ବହୁତ ଅଧିକ। ଏହି ଥମାସ୍ କପ ପ୍ରତିଯୋଗିତାରେ ଭାରତୀୟ ଦଳ ସେମି ଫାଇନାଲରେ ଡେନମାର୍କକୁ ଏବଂ ଫାଇନାଲରେ ଇଣ୍ଡୋନେସିଆକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏତଦ୍‌ବ୍ୟତୀତ ୨୦୨୨ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୨୩ରେ ଏସିଆଡ଼ ତଥା ଏସୀୟ ଚାମ୍ପିଆନଶିପରେ ସ୍ୱର୍ଣ୍ଣ ହାସଲ କରିବା ତଥା ଇଣ୍ଡୋନେସିଆନ ଓପନ୍ ସୁପର-୧୦୦୦ ଭଳି ଏକ ବଡ଼ ପ୍ରତିଯୋଗିତାରେ ବିଜୟୀ ହେବା ନିଶ୍ଚିତ ଭାବେ ବହୁତ ବଡ଼ ସଫଳତା। ଆଉ ଏବେ ମିଳିଥିବା ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏମାନଙ୍କୁ ଆହୁରି ଅଧିକ ସଫଳତା ନିମନ୍ତେ ନିଶ୍ଚିତ ଭାବେ ପ୍ରେରଣା ଦେବ। ବିଶେଷ କରି ଜୁଲାଇ ମାସରେ ହେବାକୁ ଯାଉଥିବା ପ୍ୟାରିସ ଅଲିମ୍ପିକ୍‌ରେ ଏମାନଙ୍କଠାରୁ ପଦକ ଆଶା କରାଯାଉଛି।

ମୋ-୯୪୩୭୬୨୭୫୧୪

## ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୩

**.ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର -** ଚିରାଗ ଚନ୍ଦ୍ରଶେଖର ସେଟ୍ଟୀ (ବ୍ୟାଡମିଣ୍ଟନ) ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବ୍ୟାଡମିଣ୍ଟନ)

**.ଅର୍ଜୁନ ପୁରସ୍କାର -** ଓଜାସ ପ୍ରବୀଣ ଦେଓତାଲେ (ତୀରନ୍ଦାଜ), ଅଦିତି ଗୋପିଚାନ୍ଦ ସ୍ୱାମୀ (ତୀରନ୍ଦାଜ), ମୁରଲୀ ଶ୍ରୀଶଙ୍କର (ଆଥଲେଟିକ୍ସ), ପାରୁଲ ଚୌଧୁରୀ (ଆଥଲେଟିକ୍ସ), ମହମ୍ମଦ ହୁସମୁଦ୍ଦିନ (ବକ୍ସିଂ), ଆର ବୈଶାଳୀ (ଚେସ୍), ମହମ୍ମଦ ଶାମି (କ୍ରିକେଟ), ଅଂଶୁ ଅଗ୍ରୱାଲ (ଅଶ୍ୱ ଚାଳନା), ଦିବ୍ୟାକ୍ରୀତି ସିଂହ (ଅଶ୍ୱ ଚାଳନା ଡ୍ରେସଏଜ), ଦୀକ୍ଷା ଡାଗର (ଗଲ୍ଫ), କୃଷ୍ଣ ବାହାଦୂର ପାଠକ (ହକି), ପି ସୁଶିଲା ଚାନୁ (ହକି), ପବନ କୁମାର (କବାଡି), ରତୁ ନେଗୀ (କବାଡି), ନସରୀନ (ଖୋ-ଖୋ), ପିଙ୍କି (ଲନ ବଲ), ଐଶ୍ୱର୍ଯ୍ୟା ପ୍ରତାପ ସିଂହ ତୋମାର (ଶୁଟିଂ), ଈଶା ସିଂହ (ଶୁଟିଂ), ହରିନ୍ଦର ପାଲ ସିଂହ (ସ୍କ୍ୱାଶ), ଆହିକା ମୁଖାର୍ଜୀ (ଟେବୁଲ ଟେନିସ), ସୁନୀଲ କୁମାର (ରେସଲିଂ), ଅନ୍ତିମ ପଙ୍ଘଲ (ରେସଲିଂ), ଦାଓରେମ ରୋଶିବିଣା ଦେବୀ (ଉଶୁ), ଶୀତଳ ଦେବୀ (ପାରା ତୀରନ୍ଦାଜୀ), ଇଲଉରି ଅଜୟ କୁମାର ରେଡ୍ଡୀ (ଦୃଷ୍ଟିହୀନ କ୍ରିକେଟ), ପ୍ରାଚୀ ଯାଦବ (ପାରା କାନୋଇଙ୍ଗ)

**.ଦ୍ରୋଣାଚାର୍ଯ୍ୟ ପୁରସ୍କାର -** ଲଳିତ କୁମାର (ରେସଲିଂ), ଆର ବି ରମେଶ (ଚେସ), ମହାବୀର ପ୍ରସାଦ ସୈନି (ପାରା ଆଥଲେଟିକ୍ସ), ଶିବେନ୍ଦର ସିଂହ (ହକି), ଗଣେଶ ପ୍ରଭାକର (ମାଲଖମ୍ବ)

## ଏକଲବ୍ୟ ପୁରସ୍କାର ୨୦୨୩

ଦେବାଶିଷ ସାହୁ (ଟେନିସ୍)



ଅତୀତରୁ ଶିକ୍ଷା ଲାଭ କର, ବର୍ତ୍ତମାନରେ ବଞ୍ଚିରୁହ ଓ ଭବିଷ୍ୟତ ପାଇଁ ଆଶାବାଦୀ ହୁଅ। - ଆଲବର୍ଟ୍ ଆଇନ୍‌ଷ୍ଟାଇନ୍

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଲେପ୍ଟୋସ୍ପିରୋସିସ୍ –** ଏହି ରୋଗ ମୌସୁମୀ ଜନିତ ବର୍ଷାଦିନ ଆସିବା ପରେ ପରେ ହୋଇଥାଏ। ଏହା ଲେପ୍ଟୋସ୍ପିରା ନାମକ ଜୀବାଣୁ ଯୋଗୁଁ ହୋଇଥାଏ। ଏହାର ଅନ୍ୟ ନାମଗୁଡ଼ିକ ହେଲା ମଡ ଫିଭର, ପି ଫିକର୍ସ ଡିଜିଜ୍, କାନିକୋଲା ଫିଭର, ହିମୋରେଜିକ ଜଣ୍ଡିସ, ସ୍ୱାଇନହାର୍ଡସ ଡିଜିଜ, ସ୍ୱାମ୍ପ ଫିଭର, ୱେଲ୍ସ ଡିଜିଜ ଇତ୍ୟାଦି। ଏଥିରେ ମୁଖ୍ୟତଃ କୃଷି କର୍ମ, ସଫେଇ କର୍ମରେ ନିୟୋଜିତ କର୍ମଚାରୀମାନେ ପ୍ରଭାବିତ ହୋଇଥା'ନ୍ତି। ଏହି ଜୀବାଣୁଟି ମୁଖ୍ୟତଃ ମୂଷାମାନଙ୍କ ଝାଡା ଓ ପରିସ୍ରାରେ ବାସ କରିଥା'ନ୍ତି। ପ୍ରଦୂଷିତ ଜଳରାଶିରୁ ଆମ ଶରୀରର ଅନାବୃତ କ୍ଷତ ମଧ୍ୟଦେଇ ଏମାନେ ପ୍ରବେଶ କରିଥା'ନ୍ତି। ଜମି ରହିଥିବା, କାଦୁଅ। ଜଳ ଏମାନଙ୍କ ବାସସ୍ଥାନ ଅଟେ।

ଏହାର ଲକ୍ଷଣ – ଜ୍ୱର ହେବା, ମୁଣ୍ଡ ବିନ୍ଧିବା, ମାଂସପେଶୀ ଓ ପିଠି, କାନ୍ଧ ଆଦିରେ ଭୀଷଣ ଯନ୍ତ୍ରଣା ଦେଖାଦେବା ଆଦି ପ୍ରାଥମିକ ଅବସ୍ଥାରେ ଦେଖାଯାଏ, କିନ୍ତୁ ବୟସ ବଢିଲେ ଜଣ୍ଡିସ, ଓଲିଗୋୟୁରିଆ, ରକ୍ତସ୍ରାବ, ଶ୍ୱାସକ୍ରିୟାରେ ବାଧା ଉପୁଜିବା, ହୃଦଘାତ, କମ୍ପହେବା ଓ ବେଳେବେଳେ ରୋଗୀ କୋମା ଅବସ୍ଥାକୁ ଚାଲିଯିବା ମଧ୍ୟ ଦେଖାଯାଏ।

**ପ୍ରତିଷେଧକ ବ୍ୟବସ୍ଥା –** ସହଜ ରୋଗ ଚିହ୍ନଟ ସହିତ ସଠିକ ଆଂଟିବାୟୋଟିକ୍ସର ପ୍ରୟୋଗ ଦ୍ୱାରା ଏ ରୋଗକୁ ପ୍ରତିହତ କରାଯାଇପାରେ। କ୍ଷେତରେ କି ମଇଳା ପାଣିରେ କାମ କରୁଥିବା ବ୍ୟକ୍ତିଙ୍କୁ ସପ୍ତାହକୁ ଥରେ ହିସାବରେ ଡକ୍ସିସାଇକ୍ଲିନ ନାମକ ଆଂଟିବାୟୋଟିକକୁ ଅତି କମରେ ୬ ସପ୍ତାହ ପାଇଁ ଖାଇବାକୁ କୁହାଯାଏ। ଏହି ବ୍ୟକ୍ତିମାନଙ୍କୁ ଗୋଡରେ ଜୋତା ଓ ହାତରେ ଗ୍ଲୋଭ୍ସ ପିନ୍ଧି କାମ କରିବାକୁ କୁହାଯାଏ। ଯଦି ହାତ ଓ ଗୋଡରେ କ୍ଷତ ଥାଏ, ତେବେ ପାଣି, କାଦୁଅକୁ ନଯିବାକୁ ପରାମର୍ଶ ଦିଆଯାଏ। ଔଷଧ କାମ ନକଲେ ପେନିସିଲିନ ଇଞ୍ଜେକ୍ସନ ଦ୍ୱାରା ଏହାକୁ ଆୟତ୍ତ କରାଯାଏ। ଚିକିତ୍ସାରେ ବିଳମ୍ବ ହେଲେ ହିପାଟିକ, ରିନାଲ ଓ ପଲମୋନାରି ଜଟିଳତା ଦେଖାଦେଇପାରେ।

**ହୃଦରୋଗ ଚିକିତ୍ସାରେ ଲେଜର –** କମ ଖର୍ଚ୍ଚ, କମ ସମୟ, ଅଳ୍ପ ରକ୍ତକ୍ଷୟରେ ଚିକିତ୍ସା, ହସ୍ପିଟାଲ ରହଣି ସମୟ ହ୍ରାସ, ସଫଳତା ହାର ଉଭୟ ଡାକ୍ତର ଓ ରୋଗୀଙ୍କ ପାଇଁ ଅନୁକୂଳ ହୋଇଥାଏ। ଏହି ସବୁ ପ୍ରଭାବ ପାଇଁ ବର୍ତ୍ତମାନ କାର୍ଡିଆକ୍ ସର୍ଜନମାନଙ୍କ ପାଖରେ ବାଇପାସ ସର୍ଜରୀର ବିକଳ୍ପ ରୂପେ ଲେଜର ଉଭା ହୋଇଛି। ସେହିପରି ଜଟିଳ ଆଞ୍ଜିଓପ୍ଲାଷ୍ଟି ପ୍ରକ୍ରିୟାରେ ମଧ୍ୟ ଏହାର ଉପଯୋଗିତା ଅନୁଭୁତ ହେଲାଣି। ଗୁରୁଗ୍ରାମର ଫର୍ଟିସ ମେମୋରିଆଲ ରିସର୍ଚ୍ଚ ୟୁନିଟର ପ୍ରଫେସର ଉଦଘୀତ ଧୀରଙ୍କ ମତରେ ଟ୍ରାନ୍ସମାୟୋକାର୍ଡିଆଲ ରିଭାସ୍କୁ-ଲାରାଇଜେସନ ପ୍ରକ୍ରିୟା ପାଇଁ $CO_2$ ଲେଜର ଦ୍ୱାରା ସେହି ରୋଗୀଙ୍କ ଚିକିତ୍ସା କରାଯାଇପାରୁଛି ଯେଉଁମାନଙ୍କ କ୍ଷେତ୍ରରେ ମେଡିସିନ କିମ୍ବା ଅନ୍ୟ ପ୍ରଣାଳୀ କାର୍ଯ୍ୟ କରୁନାହିଁ। କେତେକ ରୋଗୀ ଯେଉଁମାନଙ୍କ କ୍ଷେତ୍ରରେ ବାଇପାସ ସର୍ଜରୀ କାମ ଦିଏନାହିଁ, ସେହିମାନଙ୍କ ପାଇଁ ଲେଜର ପଦ୍ଧତିରେ ଆଞ୍ଜିଓପ୍ଲାଷ୍ଟି କରାଯାଉଛି, କାରଣ ଏଠାରେ ବ୍ଲକେଜଗୁଡ଼ିକ ଏତେ ସରୁ ଥାଏ ଯେ ତା' ଭିତର ଦେଇ ତାର ପୂରାଇ ହୁଏନାହିଁ। ଏହି ପ୍ରକ୍ରିୟା ପାଇଁ ଅତି ଉଚ୍ଚ କ୍ଷମତାସଂପନ୍ନ ଅତି ସୂକ୍ଷ୍ମ ଲେଜର କେଥେଟର ବ୍ୟବହୃତ ହୁଏ ଯାହା ସଠିକ ରୂପେ କାଲସିଫାଏଡ ପ୍ଲାକ ସବୁକୁ ଭସ୍ମୀଭୂତ କରିଦିଏ ଓ ରକ୍ତ ପ୍ରବାହକୁ ସୁଗମ କରିଦିଏ। ପରେ ସେହି ଚିକିତ୍ସିତ କ୍ଷତର ଭରଣା ମଧ୍ୟ କରିଦିଏ। ତେଣୁ ରିଷ୍ଟେନୋସିସ ବା ରିନେରୋଇଙ୍ଗର ସମ୍ଭାବନା ନଥାଏ। ଡାକ୍ତରମାନେ ଆଶା ବ୍ୟକ୍ତ କରିଛନ୍ତି ଯେ କିଛି ଦିନ ଭିତରେ ଲେଜର ଚିକିତ୍ସା ଷ୍ଟେଂଟର ବ୍ୟବହାରକୁ ପୂରା ବନ୍ଦ କରି ଦେଇପାରେ। ଏପରି ବି ହୋଇଛି ଯେ ଏକାଧିକ ବ୍ଲକେଜକୁ ମଧ୍ୟ ଏଠାରେ ଚିକିତ୍ସା କରାଯାଇପାରୁଛି ଏବଂ ରୋଗୀକୁ ଗୋଟିଏ ଦିନରେ ଡିସଚାର୍ଜ କରି ହେଉଛି। ଏହି ପଦ୍ଧତି ଏତେ ପ୍ରଭାବୀ ହେଉଛି ଯେ ରୋଗୀକୁ ପୁନର୍ବାର ଷ୍ଟେଂଟ ବ୍ୟବହାରର ଆବଶ୍ୟକତା ପଡୁନାହିଁ। କିନ୍ତୁ ଅନ୍ୟ କେତେକ ଡାକ୍ତର ଏହାକୁ ଷ୍ଟେଂଟର ବିକଳ୍ପ ରୂପେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ଏବଂ ସେମାନେ ଭାବନ୍ତି ଯେ ଲେଜର ଚିକିତ୍ସା ଅନ୍ୟ ବିକଳ୍ପ ବ୍ୟବସ୍ଥାକୁ ସୁଗମ ଓ ସରଳ କରିଥାଏ। କାରଣ କେତେକ ଜାଗାକୁ ଏହା ସଫା କରି ଷ୍ଟେଂଟ ଲଗାଇବା ପାଇଁ ଯଥେଷ୍ଟ ସ୍ଥାନ ଦେଇଥାଏ। ୩୦ରୁ ୪୦% ରୋଗୀଙ୍କଠାରେ ବେଲୁନ ଓ ଲେଜର ଦ୍ୱାରା ପ୍ରଭାବି ଚିକିତ୍ସା କରାଯାଇଥାଏ। ସେମାନଙ୍କ ମତରେ ଏହାକୁ ନିକଟ ଭବିଷ୍ୟତରେ ଆରିଥମିଆ ସର୍ଜରୀରେ ମଧ୍ୟ ବ୍ୟବହାର କରାଯାଇପାରିବ। ସମଗ୍ର ଏସିଆ ମହାଦେଶକୁ ତୁଳନା କଲେ, ଭାରତ ଏ କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏଥିପାଇଁ ଆମ ଦେଶରେ ୧.୫ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଡାକ୍ତରଙ୍କ ମତରେ ଆଗକୁ ଏହାର ବହୁଳ ବ୍ୟବହାର ହେଲେ ଖର୍ଚ୍ଚ ମଧ୍ୟ କମିଯିବ। ଏହି ପଦ୍ଧତିର ଲାଭ ହେଲା, ଏଠାରେ ସୁସ୍ଥ ତନ୍ତୁମାନଙ୍କର ବିଶେଷ କ୍ଷତି ହୋଇ ନଥାଏ ଏବଂ ଚିକିତ୍ସା ପରବର୍ତ୍ତୀ ଜଟିଳତା ମଧ୍ୟ ଅପେକ୍ଷାକୃତ କମ ହୋଇଥାଏ। ପ୍ଲାକ ସବୁକୁ ବାଷ୍ପୀଭୂତ କରି ଦିଆଯାଉଥିବାରୁ ଏଗୁଡ଼ିକ ସ୍ଥାନାନ୍ତରିତ ହେବାର ସମ୍ଭାବନା ନଥାଏ। ଏହାକୁ ଯେକୌଣସି ସ୍ଥାନ କିମ୍ବା ଯେକୌଣସି ଆର୍ଟେରି ଯଥା କରୋନାରି, କୋରୋଟିଡ ଓ ପେରିଫେରାଲ ଆର୍ଟେରି ପାଇଁ ବ୍ୟବହାର କରାଯାଇପାରେ। ଏଥିପାଇଁ ରୋଗୀ ଶରୀରରେ ବେଶି କ୍ଷତ କିମ୍ବା ରକ୍ତକ୍ଷୟର ସମ୍ଭାବନା ନଥାଏ।

**୧୦୦ ମିଲିଅନ ଭାରତୀୟ ଚକ୍ଷୁରୋଗୀଙ୍କ ମଧ୍ୟରୁ କେବଳ ଏକ-ତୃତୀୟାଂଶ ଚଷମା ବ୍ୟବହାର କରନ୍ତି –** ଚକ୍ଷୁରେ ଦେଖାଯାଉଥିବା ରିଫ୍ରାକ୍ଟିଭ ଏରର ବା ପ୍ରତିସରଣ ଜନିତ ତୃଟିକୁ ଚଷମା ପିନ୍ଧିବା ଦ୍ୱାରା ଦୂର କରାଯାଇପାରେ କିନ୍ତୁ ସଚେତନତା ଅଭାବ କହନ୍ତୁ କିମ୍ବା ଡାକ୍ତରଙ୍କ ପାଖକୁ ନଯିବା ହେତୁ ଏହି ବ୍ୟକ୍ତିମାନେ ଜୀବନସାରା ଦୃଷ୍ଟିଶକ୍ତି ଦୋଷ ସହିତ ଜୀବନ ଅତିବାହିତ କରିଥା'ନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆକଳନ ଅନୁଯାୟୀ ଭାରତରେ ଏପରି ୧୦୦ ମିଲିଅନ ରୋଗୀଙ୍କ ମଧ୍ୟରୁ କେବଳ ଏକ ତୃତୀୟାଂଶ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚଷମାର ବ୍ୟବହାର କରିଥା'ନ୍ତି। ଇଣ୍ଡିଆ ଭିଜନ ଇନଷ୍ଟିଚ୍ୟୁଟ ନାମକ ଏକ ସଂସ୍ଥା ଭାରତୀୟ ମାନଙ୍କ ମୌଳିକ ଚକ୍ଷୁ ସୁରକ୍ଷା, ମାନବ ସମ୍ବଳ କ୍ଷମତା ବୃଦ୍ଧି ଓ ସଚେତନତା ସୃଷ୍ଟି ପାଇଁ ଅବିରତ କାର୍ଯ୍ୟ କରିଥାଏ। ଏମାନେ ୨୨ଟି ରାଜ୍ୟର ପ୍ରାୟ ୧ ମିଲିଅନ ବ୍ୟକ୍ତି ଯେଉଁମାନଙ୍କ ମଧ୍ୟରେ ଅଧା ମିଲିଅନ ଶିଶୁ ଅଛନ୍ତି ସେମାନଙ୍କ ଚକ୍ଷୁ ପରୀକ୍ଷା କରି ଜାଣିଲେ ଯେ ପ୍ରାୟ ୭-୮% ଶିଶୁ ପ୍ରକୃତରେ ଚଷମା ଆବଶ୍ୟକ କରନ୍ତି ଏବଂ ପ୍ରାୟ ୫୫% ବୟସ୍କ ବ୍ୟକ୍ତି ମାୟୋପିଆ ବା ଦୂରଦୃଷ୍ଟି ଦୋଷରେ ପୀଡିତ ଅଛନ୍ତି। ଏହି ଶିଶୁମାନଙ୍କୁ ଅଧିକ ସମୟ ସୂର୍ଯ୍ୟାଲୋକରେ କାଟିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଗୋଟିଏ ଶିଶୁ ସ୍କୁଲ ପିରିଅଡରେ ଯାହା ପଢେ ତା'ର ୮୦% ଆଖି ଦ୍ୱାରା ସମ୍ଭବ ହୋଇଥାଏ। ତେଣୁ ଯଦି ତାର ଦୃଷ୍ଟିଦୋଷ ରହେ ତେବେ ତା'ର ପାଠପଢାରେ ନିଶ୍ଚିତ ଭାବରେ ପ୍ରଭାବ ପଡିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆକଳନ ଅନୁଯାୟୀ ବିଶ୍ୱରେ ପ୍ରାୟ ୨.୨ ବିଲିଅନ ବ୍ୟକ୍ତି କିଛି ନା କିଛି ଚକ୍ଷୁଦୋଷରେ ପୀଡିତ ଅଛନ୍ତି। ୨୦୩୦ ମସିହା ସୁଦ୍ଧା ଯଦି ଚକ୍ଷୁ ପରୀକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାନଯାଏ ତେବେ ୭୫% ବ୍ୟକ୍ତିଙ୍କ ଚକ୍ଷୁଦୋଷ ବଢି ବଢି ଚାଲିବ। ଏହାକୁ ରୋକିବାକୁ ଏହି ସଂସ୍ଥା ଇତି ମଧ୍ୟରେ ରୋଗ ଚିହ୍ନଟ ପ୍ରକ୍ରିୟାକୁ ୩୫%ରୁ ୭୫% ବୃଦ୍ଧି କରିବାକୁ ଚେଷ୍ଟା ଚଳାଇଛନ୍ତି। ବର୍ତ୍ତମାନ ୧୦୦ରୁ କେବଳ ୩୫ ରୋଗୀ ହିଁ ଚଷମା ବ୍ୟବହାର କରିବାର ସୁଯୋଗ ପାଉଛନ୍ତି। ଯଦି ଏପରି ରୋଗୀଙ୍କ ସଂଖ୍ୟା ବଢିଚାଲେ ତେବେ ରାସ୍ତା ଦୁର୍ଘଟଣା ସଂଖ୍ୟା ବଢିବ ଏବଂ ମାନବ ସମ୍ବଳର ମଧ୍ୟ କମ ବିନିଯୋଗ ହେବ।

**ଅତ୍ୟଧିକ ହୃତସ୍ପନ୍ଦନ ସବୁବେଳେ ହୃଦଘାତଜନିତ ହୁଏ ନାହିଁ –** ଆମେ ଆମ ଜୀବନକାଳ ମଧ୍ୟରେ ଏମିତି କେତୋଟି ଅବସ୍ଥାର ସମ୍ମୁଖୀନ ହୋଇଥାଉ ଯେପରିକି ହୃତପିଣ୍ଡ ଉପରେ ସତେକି ଏକ ଓଜନିଆ ବସ୍ତୁ ଥୁଆ ହୋଇଛି, ମୁଣ୍ଡ ଜୋରରେ ବୁଲାଇବା, ମୁହଁ ଉପରେ ହଠାତ ଥଣ୍ଡା ପାଣି କିଏ ଛାଟିଲା ପରି ଅନୁଭବ ହେବା ଇତ୍ୟାଦି ଯାହା ଆମକୁ ହୃଦଘାତର ଆଶଙ୍କା ଦିଏ। ଡାକ୍ତର ପରାମର୍ଶ ତ ନିଶ୍ଚୟ ନେବା କିନ୍ତୁ ସମସ୍ତ ପରୀକ୍ଷଣ ଯଦି ନକାରାତ୍ମକ ହୁଏ ତେବେ ଜାଣିବା ଯେ ଆମ ଜୀବନ ଶୈଳୀରେ ପରିବର୍ତ୍ତନ ଏଥିପାଇଁ ଦାୟୀ। ଯେପରିକି ରାତିରେ ନିଦ ନହେବା, ଅତ୍ୟଧିକ ମାନସିକ ଚାପରେ ରହିବା, ମୋଟାପଣ ବୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ଅନୁତ୍ସାହିତ ରହିବା, ଅତ୍ୟଧିକ ନିଶାଦ୍ରବ୍ୟର ବ୍ୟବହାର କରିବା କିମ୍ବା କେତୋଟି ନିଷିଦ୍ଧ ଔଷଧର ବ୍ୟବହାର ଏହାର କାରଣ ହୋଇଥାଇପାରେ। ନିଜେ ମନଇଚ୍ଛା କୌଣସି ଔଷଧ ନନେଇ ଡାକ୍ତରଙ୍କୁ ପରାମର୍ଶ କରିବା ନିହାତି ଜରୁରୀ।

**ସିଜର ବା ହଠାତ ମୂର୍ଚ୍ଛାଯିବା –** ହଠାତ ନିଜ ଅଜାଣତରେ ବ୍ୟବହାରର ପରିବର୍ତ୍ତନ, ମାଂସପେଶୀ ଉପରେ ନିୟନ୍ତ୍ରଣ ହରାଇ ଚେତନାଶୂନ୍ୟ ଓ ସମ୍ବେଦନଶୀଳତା ହରାଇବାକୁ ସିଜର କୁହାଯାଏ। ଏହା ସହିତ ମସ୍ତିଷ୍କରେ ଏକ ଅସ୍ୱାଭାବିକ ବୈଦ୍ୟୁତିକ ତରଙ୍ଗ ପ୍ରବାହିତ ହୋଇଥାଏ। ଏହାର ଲକ୍ଷଣ ଗୁଡିକ ହେଲା ଦେହ ଥରିବା, ଦୃଷ୍ଟିଶକ୍ତିରେ ବିଲକ୍ଷଣ, ପାଟି ଖନି ମାରିବା, ଆଖି ଉପରକୁ ହୋଇ ପୂରାପୂରି ଚେତାଶୂନ୍ୟ ହୋଇଯିବା। ଶତକଡା ୧୦ ଭାଗ ଲୋକ ଜୀବନକାଳରେ ଅତି କମରେ ଥରେ ନିଶ୍ଚିତ ଭାବେ ସିଜରର ସମ୍ମୁଖୀନ ହୋଇଥା'ନ୍ତି। ମସ୍ତିଷ୍କକୁ ହଠାତ ରକ୍ତ ଓ ଅମ୍ଳଜାନ ଯୋଗାଣ କମିଗଲେ ମଣିଷ ହଠାତ ଚେତାଶୂନ୍ୟ ହୋଇଯାଏ ଯାହାକୁ ସିନକୋପ୍ କୁହାଯାଏ। ଏହାକୁ ଅଧିକାଂଶ ସମୟରେ ଅପସ୍ମାର ଜନିତ ମୂର୍ଚ୍ଛାଯିବା ଘଟଣା ବୋଲି ଧରାଯାଇଥାଏ। କିନ୍ତୁ ପ୍ରକୃତରେ ଏହା ସେପରି ନୁହଁ। ଅପସ୍ମାର କ୍ଷେତ୍ରରେ ମସ୍ତିଷ୍କରେ ଏକ ବୈଦ୍ୟୁତିକ ଝଡ କାରଣ ସାଜିଥିବା ବେଳେ ସିନକୋପରେ ମସ୍ତିଷ୍କକୁ ରକ୍ତ ଓ ଅମ୍ଳଜାନ ଯୋଗାଣ କମିଯିବା କାରଣ ହୋଇଥାଏ। କେତେକ କ୍ଷେତ୍ରରେ ଏହା କ୍ଷତିକାରକ ହୋଇ ନଥିଲେହେଁ ଯଦି ଏହାର କାରଣ କାର୍ଡିଓଭାସ୍କୁଲାର ହୋଇଥାଏ ତେବେ ଏହା ବିପଜ୍ଜନକ ହୋଇପାରେ। ଏରିଥମିଆ ଏହାର ମୁଖ୍ୟ କାରଣ ହୋଇଥାଏ ଯେଉଁଠାରେ ହୃତପିଣ୍ଡର ସ୍ପନ୍ଦନ ଗତି ବଢିଯାଇ କିମ୍ବା କମିଯାଇ ଶରୀରର ବିଭିନ୍ନ ଅଂଶକୁ ବିଶେଷ ରୁପେ ମସ୍ତିଷ୍କକୁ ରକ୍ତ ଯୋଗାଣ କମ କରିଦିଏ। ଅନ୍ୟ କାରଣଗୁଡିକ ହେଲା କେତେକ ସ୍ନାୟବିକ ତଥା ମାନସିକ ଅବସ୍ଥାର ପରିବର୍ତ୍ତନ ଯେପରିକି ଗୋଟିଏ ସ୍ଥାନରେ ଲଗାତାର ଛିଡା ହୋଇ ରହିବା କିମ୍ବା ଭିଡ ଭିତରରେ ବହୁ ସମୟ ଗରମରେ ରହିବା ଫଳରେ ଏପରି ହୋଇଥାଏ। ଯଦି ଏହାର କାରଣ ଅସ୍ୱାଭାବିକ ହୃତ୍ସ୍ପନ୍ଦନ ଯୋଗୁଁ ହୋଇଥାଏ ତେବେ ଡାକ୍ତରଙ୍କ ପରାମର୍ଶାନୁଯାୟୀ ପେସ ମେକର କିମ୍ବା ଇମ୍ପ୍ଲାଂଟେବୁଲ କାର୍ଡିଓଭର୍ଟର ଡିଫାଇବ୍ରିଲେଟରର ସହାୟତା ନିଆଯାଏ। କିନ୍ତୁ ବେଳେବେଳେ କ୍ୟାଥେଟର ଆବ୍ଲେସନ ସର୍ଜରିର ମଧ୍ୟ ସହାୟତା ନିଆଯାଇଥାଏ। ଉପଯୁକ୍ତ ଚିକିତ୍ସା କଲେ ଏପରି ରୋଗୀ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇପାରନ୍ତି।

**ସିଜରର ଅନ୍ୟ କାରଣ –** ଯଦିଓ ଚିହ୍ନଟରେ ଅସୁବିଧା ଦେଖାଦେଇଥାଏ ତଥାପି ଏହାର ଚାରୋଟି କାରଣକୁ ମୁଖ୍ୟ ବୋଲି ଧରାଯାଏ। ସେଗୁଡିକ ହେଲା ସ୍ନାୟୁଗତ, ମନସ୍ତାତ୍ତ୍ୱିକ, କାର୍ଡିଓଭାସ୍କୁଲାର ବା ହୃତକ୍ରିୟା ଜନିତ ଏବଂ ଅନ୍ୟାନ୍ୟ କାରଣ। କୌଣସି ସଂକ୍ରମଣ ହେତୁ ମସ୍ତିଷ୍କରେ ଆଘାତ ପାଇଁ, ଟ୍ୟୁମର ହୋଇଥିଲେ କିମ୍ବା କେବେ ବ୍ରେନ୍ ଷ୍ଟ୍ରୋକ୍‌ର ଶୀକାର ହୋଇଥିଲେ ମସ୍ତିଷ୍କ ଭିତରେ ବୈଦ୍ୟୁତିକ କ୍ରିୟାକଳାପର ପରିବର୍ତ୍ତନ ଯୋଗୁଁ ସଙ୍ଗଠିତ ହେଉଥିବା ସିଜରକୁ ସ୍ନାୟୁଗତ ଆଖ୍ୟା ଦିଆଯାଇଥାଏ। ପାନିକ ଆଟାକ୍, ହିଷ୍ଟେରିଆ କିମ୍ବା ମାନସିକ ଚାପଗ୍ରସ୍ତ ଭଳି ମନସ୍ତାତ୍ତ୍ୱିକ ପାଇଁ ସାଇକୋସିଜର୍ସ, ସୁଡୋ ସିଜର ବା ନନ୍ ଏପିଲେକ୍ଟିକ ସିଜର ଦେଖାଦେଇଥାଏ। ରକ୍ତଚାପ ବଢିବା, ହୃତ୍ସ୍ପନ୍ଦନ ଗତି ଅସାଧାରଣ ରହିବା, ରକ୍ତନଳୀରେ ଅବରୋଧ ସୃଷ୍ଟି ହେବା ଆଦି କାର୍ଡିଓଭାସ୍କୁଲାର୍

ତୃଟି ମଧ୍ୟ ଏହାର କାରଣ ହୋଇଥାଏ। କିନ୍ତୁ ଉପରୋକ୍ତ କାରଣ ବ୍ୟତୀତ ଡାଇବେଟିସ୍, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଓ ଅତ୍ୟଧିକ ଜ୍ୱର ବି ଏହାର କାରଣ ସାଜିଥାଏ। ଏହି ରୋଗର ଚିକିତ୍ସା ପାଇଁ ସଠିକ କାରଣ ଜାଣିବା ନିହାତି ଜରୁରୀ ଏବଂ ଏହାର ଚିକିତ୍ସା ଜଣେ ଡାକ୍ତରଙ୍କ ବଦଳରେ ଜଣେ ନ୍ୟୁରୋଲୋଜିଷ୍ଟ, କାର୍ଡିଓଲୋଜିଷ୍ଟ ଓ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟଙ୍କ ମିଳିତ ସହଯୋଗରେ କରାଯିବା ବିଧେୟ। ବିଶେଷଜ୍ଞମାନଙ୍କ ସହାୟତାରେ ଏହାର ଚିକିତ୍ସା ସଠିକ ଓ ସରଳ ହୋଇଥାଏ।

**ହର୍ବାଲ ଟିର ଉପକାରିତା -** ଆମ ଶରୀରରେ ଜଳର ଆବଶ୍ୟକତା ସଂପର୍କରେ ସମସ୍ତେ ଜାଣନ୍ତି। ତେଣୁ ଯେତେବେଳେ ଜଳ ସହିତ ଔଷଧୀୟ ଗୁଣ ଥିବା ପ୍ରାକୃତିକ ଉପାଦାନକୁ ମିଶାଇ ଗ୍ରହଣ କରାଯାଏ ତା'ର ଉପକାରିତା ବହୁଗୁଣିତ ହୋଇଯାଏ କାରଣ ଏହା ସିଧାସଳଖ ରକ୍ତରେ ମିଶିଯାଏ। ଆଜିକାଲି ପାଉଡର ଆକାରରେ ପ୍ୟାକେଟରେ ଏହା ଉପଲବ୍ଧ ହେଉଛି। କିନ୍ତୁ ଯଦି ଉଦ୍ଭିଦରୁ ସିଧାଭାବେ ଏହାର ଚେର, ଫଳ, ମଞ୍ଜି, ପତ୍ର ଆକାରରେ ନିଆଯାଏ ତେବେ ଏହାର ଫଳ ଆହୁରି ଉପଯୋଗୀ ହୋଇଥାଏ। ମନେ କରନ୍ତୁ ଆପଣଙ୍କୁ କାଶ ଓ କଫ ହେଉଛି ତେବେ ଗୋଟିଏ ଛୋଟ ଅଦାଖଣ୍ଡକୁ କାଟି ତା'କୁ ଏକ କପ୍ ପାଣିରେ ମିଶାଇ ୫ରୁ ୧୦ ମିନିଟ ପାଇଁ ଫୁଟାନ୍ତୁ ଏବଂ ସେଥିରେ ଅଧ ଚାମଚ ମହୁ ଓ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ବାରମ୍ବାର ପାନ କରନ୍ତୁ। ଦେଖିବେ ଆପଣଙ୍କ କାଶ ଛାଡିଯିବ। ମନେ କରନ୍ତୁ ଆପଣ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ ଚିନ୍ତାଶୂନ୍ୟ ହୋଇ ଏକାଗ୍ରତା ରଖିବାକୁ ଚାହୁଁଛନ୍ତି ତେବେ ଚାହା ବଦଳରେ ଅଢେଇ କପ ପାଣିକୁ ଫୁଟାଇ ସେଥିରେ ଏକ ଚାମଚ ଶୁଖିଲା ଯଷ୍ଟି ମଧୁ ଓ ଜିନସେଙ୍ଗ୍ ଚେରର୍ ପାଉଡରକୁ ମିଶାଇ ୧୦ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ, ପରେ ତାକୁ ୩ ଚାମଚ ଅନାଶି ଫୁଲ (ବୋରେଜ) ପାଉଡର ସଙ୍ଗେ ମିଶାଇ ଦିନକୁ ଏକ କପ ଲେଖାଏଁ ଗରମ କିମ୍ବା ଥଣ୍ଡା ଅବସ୍ଥାରେ ପିଅନ୍ତୁ। ଯଦି ଆପଣଙ୍କ ଚର୍ମରେ କୁଣ୍ଡେଇ ହେବା, ଦାଗ ପଡିଯିବା କିମ୍ବା ଖଣ୍ଡିଆ ହୋଇ ଦରଜ ହେଉଛି ତେବେ ଗାଧୋଇବା ସମୟରେ ରୁଇବସ ନାମକ ଉଦ୍ଭିଦ ଯାହା ମୁଖ୍ୟତଃ ଦକ୍ଷିଣ ଆଫ୍ରିକାରେ ଦେଖାଯାଏ ତା'କୁ ପାଣିରେ ପକାନ୍ତୁ ଏବଂ ବାସ୍ନା ହେବାକୁ ସେଥିରେ କିଛି ପରିମାଣର ଟି ଲେଭେଣ୍ଡର ପକାନ୍ତୁ। ଆପଣଙ୍କ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚାମୋମିଲ ଚା, କେଶର ରଙ୍ଗ ବଜାୟ ରଖିବାକୁ ସେଜ ଟି ଏବଂ ରୁପିରୁ ରକ୍ଷା ପାଇବାକୁ ରୋଜମେରୀ ପତ୍ରକୁ ବ୍ୟବହାର କରନ୍ତୁ। ଯଦି ଶରୀରର କୌଣସି ଅଂଶରେ ଘା ହୋଇ ଦରଜ ହେଉଛି ତେବେ ସାଧା ଚା ଗୁଣ୍ଡକୁ ଅଳ୍ପ ପାଣିରେ ଫୁଟାଇବା ପରେ ସେଥିରେ ୨-୩ ଚାମଚ ଲେମ୍ବୁରସ ଦେଇ ତା'ର ଗରମ ବାମ୍ଫକୁ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ନିଶ୍ଚିତ ଉପଶମ ମିଳିବ। ଅତିଶୟ ଥଣ୍ଡା ହେତୁ ଯଦି ନାକ ବନ୍ଦ ହୋଇଯାଏ ତେବେ ତୁଳସୀ ପତ୍ର ଉପରେ ଫୁଟନ୍ତା ପାଣି ପକାଇ ତାର ବାମ୍ଫକୁ ନାକରେ ଟାଣନ୍ତୁ। ୨-୩ ଥର ଏପରି କଲେ ନାକ ଖୋଲିଯିବ। ଏହାକୁ ତିଆରି କଲା ସମୟରେ ଧାତୁ ପାତ୍ର ଅପେକ୍ଷା କାଚ କିମ୍ବା ଚିନାମାଟି ପାତ୍ର ବ୍ୟବହାର କରନ୍ତୁ। ଏହାକୁ ଗରମ କିମ୍ବା ଥଣ୍ଡା ପାନୀୟ ରୂପେ ନିଆଯାଇପାରେ। ବ୍ୟବହାର ପରେ ବଳୁଥିବା ଖଦାକୁ ଫୋପାଡନ୍ତୁ ନାହିଁ କାରଣ ଏହାକୁ ଆପଣ ଜୈବିକ ଖତ ରୁପେ ଘରେ ବ୍ୟବହାର କରିପାରିବେ।

**ଖେଳାଳିମାନଙ୍କ କ୍ଷେତ୍ରରେ ଔଷଧର ଅପବ୍ୟବହାର -** କାଲି ପ୍ରତିଯୋଗିତାରେ ସରଳ ଉପାୟରେ ପୁରସ୍କୃତ ହେବାକୁ ଖେଳାଳିମାନେ ବିଭିନ୍ନ ଔଷଧର ଅପବ୍ୟବହାର କରୁଛନ୍ତି। ତେଣୁ ବିଜୟର ଖୁସି ସେତେବେଳେ ଅପହୃତ ହୋଇଯାଉଛି ଯେତେବେଳେ ଡୋପ୍ ଟେଷ୍ଟରେ ସେମାନେ ଧରା ପଡିଯାଉଛନ୍ତି। ଏପରି ଘଟଣା ଆଜିକାର ନୁହଁ ବରଂ ଖ୍ରୀ;ପୂ ୩୦୦ ରେ ଗ୍ରୀକ ଖେଳାଳିମାନେ ଏକ ପ୍ରକାର ନିଶା ସୃଷ୍ଟିକାରୀ ଛତୁକୁ ଏଥିପାଇଁ ବ୍ୟବହାର କରୁଥିଲେ। ୨ୟ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ଖେଳାଳି ଆନାବୋଲିକ ଷ୍ଟିରଏଡ ଯୁକ୍ତ ଔଷଧକୁ ବ୍ୟବହାର କରି ଅତି ସରଳ ଉପାୟରେ ବିଜୟ ହାସଲ କଲେ ତେଣୁ ପରୋକ୍ଷରେ ଏହା ଖେଳାଳିମାନଙ୍କ ସହିତ କୋଚ ଓ ଟ୍ରେନରଙ୍କୁ ବି ପ୍ରୋତ୍ସାହିତ କଲା। ଏହି ଔଷଧର ବ୍ୟବହାର କେବଳ ମନ ନୁହଁ ବରଂ ଶରୀରର ମାଂସପେଶିର ଆକାର, ଶକ୍ତି ଓ ଗଠନରେ ବି ପରିବର୍ତ୍ତନ ଆଣେ। ୧୯୮୮ ମସିହା ପର୍ଯ୍ୟନ୍ତ ଏହାକୁ ଚିହ୍ନଟ କରି ହେଉ ନଥିଲା। କିନ୍ତୁ ପ୍ରଥମେ ୧୯୮୮ ମସିହା ସିଓଲ ଅଲିମ୍ପିକ ସମୟରେ କାନାଡାର ଦୌଡାଳୀ ବେନ ଜନସନ ଏହି ପରୀକ୍ଷଣରେ ଧରା ପଡିବାରୁ ତାଙ୍କଠୁ ସ୍ୱର୍ଣ୍ଣପଦକ ଫେରାଇ ନିଆଯାଇଥିଲା। ଏହାକୁ ବ୍ୟବହାର କଲାପରେ ଶରୀରର ଆକାର ବଢିବା ସଙ୍ଗେ ସଙ୍ଗେ ସେମାନେ ଅଧିକ ଶକ୍ତିଶାଳୀ ଓ ଯୌନ ଉତ୍ତେଜିତ ହେବାର ଅନୁଭୂତି ପାଆନ୍ତି। ଏଗୁଡିକର ପାର୍ଶ୍ୱ ପ୍ରତିକ୍ରିୟା ତା'ର ମାତ୍ରା ଉପରେ ନିର୍ଭର କରେ। ଅଭଦ୍ର ବ୍ୟବହାର, ଉତ୍ତେଜିତ ହେବା ଏବଂ ମାନସିକ ଅବସ୍ଥାର ଅସନ୍ତୁଳନ ଏହାର ଫଳ ଭାବେ ଦୃଷ୍ଟିକୁ ଆସେ। ତା' ଛଡା ମୁହଁରେ ବ୍ରଣ ହେବା, ଲିଭର ସଂକ୍ରମଣ ଯୋଗୁଁ ଜଣ୍ଡିସ ହେବା ଏହାର ଅନ୍ୟ ଲକ୍ଷଣ ଅଟେ। ଖେଳାଳିମାନଙ୍କ ମୂତ୍ର ପରୀକ୍ଷଣରୁ ଏହା ଜଣାପଡିଥାଏ। ଅଫିମ, ଆମ୍ଫିଟାମିନ, କୋକେନ, ମାରିଜୁଆନା ଓ ବେଞ୍ଜୋଡାୟାଜେପିନ୍ସ ଭଳି ପଦାର୍ଥର ପରୀକ୍ଷଣ ପାଇଁ ଆଜିକାଲି ଟେଷ୍ଟିଙ୍ଗ କିଟ୍ ମିଳୁଛି। ରକ୍ତ ନମୁନା ପରୀକ୍ଷଣକୁ ଡୋପିଙ୍ଗ କୁହାଯାଏ। ଏଥିପାଇଁ ୱାର୍ଲଡ ଆଂଟି ଡୋପିଙ୍ଗ ଏଜେନ୍ସି ବା ୱାଡା ନାମକ ଅନ୍ତର୍ଜାତୀୟ ସଂସ୍ଥା ରହିଛି ଯିଏ ପ୍ରତିବର୍ଷ ନିଷିଦ୍ଧ ପଦାର୍ଥମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ସହିତ ଏହାର ପରୀକ୍ଷଣର ଉପାୟ ମଧ୍ୟ ବତାଇଥାଏ। ପ୍ରୋଷ୍ଟେଟ କ୍ୟାନ୍ସର ଓ ଚନ୍ଦାପଣ ଦୂର କରିବାକୁ ବ୍ୟବହାର ହେଉଥିବା ଫିନେଷ୍ଟେରାଇଡ ନାମକ ଔଷଧକୁ ମଧ୍ୟ ଖେଳ ସମୟରେ କିମ୍ବା ପରୀକ୍ଷଣ ପୂର୍ବରୁ ବ୍ୟବହାରକୁ ନିଷେଧ କରାଯାଇଛି କାରଣ ଏଥିରେ ଥିବା ଆଲଫା ରିଡକ୍ଟେଜ ଇନହିବିଟର ପରୀକ୍ଷଣ ବେଳେ ଏକ ମାସ୍କ ଭଳି କାମ କରେ। ସେହିପରି ସାଲବୁଟାମଲ ପରି ବିଟା-୨ ଏଗୋନିଷ୍ଟକୁ ମଧ୍ୟ ଏହି ତାଲିକାଭୁକ୍ତ କରାଯାଇଛି ସେହିପରି ଏଫିଡ୍ରିନ୍ ଯୁକ୍ତ କେତେକ ହର୍ବାଲ ଓ ନ୍ୟୁଟ୍ରିସନାଲ ସପ୍ଲିମେଂଟକୁ ବି ଏଠାରେ ନିଷିଦ୍ଧ କରାଯାଇଛି। ନିଜର କାର୍ଯ୍ୟଦକ୍ଷତା ବଢାଇ ସୁଫଳ ଅର୍ଜନ କରିବା ଏକାନ୍ତ ବାଞ୍ଛନୀୟ, କିନ୍ତୁ ପରୀକ୍ଷଣ ପରେ ଲଜ୍ଜିତ ହେବା ଉଭୟ ଦେଶ ଓ ବ୍ୟକ୍ତି ପାଇଁ ନିନ୍ଦନୀୟ ଅଟେ। ତେଣୁ ପ୍ରସ୍ତୁତି ପୂର୍ବରୁ ଆପଣ ନିଜ ଡାକ୍ତରଙ୍କ ସହିତ ପରାମର୍ଶ ପୂର୍ବକ ଔଷଧ ନେବା ଉଚିତ।

**ଟିକ୍ରାପଡା, ବଲାଙ୍ଗୀର-୭୬୭୦୦୧**

## ସମ୍ବାଦ ବିଚିତ୍ରା

୧. ସଡକ ଓ ପରିବହନ କୋମଳମତି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବିଭାଗ ସ୍କୁଲ ବସ ପାଇଁ ବାଧ୍ୟତାମୂଳକ ନିୟମାବଳୀ ଜାରୀ କରାଯାଇଛି।

୨. ଆଦିତ୍ୟଏଲ-୧ ସାଟେଲାଇଟ ନିର୍ଦ୍ଧାରିତ ଏଲ୧ ପଏଣ୍ଟର ହେଲୋ ଅର୍ବିଟରେ ପହଞ୍ଚି ସାରିଛି। ଏବେ ଆଦିତ୍ୟ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ରହିଛି। ୨ ସେପ୍ଟେମ୍ବର ୨୦୨୩ରେ ଆରମ୍ଭ ହୋଇଥିବା ଆଦିତ୍ୟର ଯାତ୍ରା ଶେଷ ହୋଇଛି। ୪ ଶହ କୋଟି ଟଙ୍କା ଖର୍ଚ୍ଚରେ ଭାରତର ଏହି ମିଶନ ସାରା ଦୁନିଆର ସାଟେଲାଇଟକୁ ସୂର୍ଯ୍ୟଝଡ଼ରୁ ସୁରକ୍ଷା ଦେବ।

୩. ୨୨ ଜାନୁଆରୀ ୨୦୨୪ରେ ଅଯୋଧ୍ୟାରେ ନୂତନ ଭାବରେ ନିର୍ମିତ ରାମ ମନ୍ଦିରରେ ଭଗବାନ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ହେବ।

୪. ଆସନ୍ତା ୧୭ ତାରିଖରେ ବହୁପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ।

୫. ହିଣ୍ଡେନବର୍ଗ-ଆଦାନୀ ମାମଲାରେ ସେବିର ତଦନ୍ତ ରିପୋର୍ଟରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି।

୬. ଦେଶରେ କରୋନା ନୂଆ ସବ୍‌ଭାରିଆଣ୍ଟ ଜେଏନ-୧ ସଂକ୍ରମଣ ମାମଲାରେ ଲାଗୁନି ବ୍ରେକ୍।

୭. ଆସନ୍ତା ଫେବୃୟାରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ।

୮. ମଣିପୁରରେ ଥମୁନି ହିଂସା। ପୋଲିସ ଓ ଉଗ୍ରବାଦୀ ମୁହାଁମୁହିଁରେ ମୃତାହତଙ୍କ ସଂଖ୍ୟା ବଢୁଛି। କୌଣସି ପ୍ରକାରର ଶାନ୍ତି ସମାଧାନର ରାସ୍ତା ଅସ୍ପଷ୍ଟ।

୯. ବ୍ରିଟେନରେ ବଢୁଥିବା ପ୍ରବାସୀ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଋଷି ସୁନକ ଭିସା ନିୟମକୁ କଡାକଡି କରିବାକୁ ଘୋଷଣା କରିଛନ୍ତି। ଯାହାକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି ଭାରତୀୟ ଛାତ୍ରଛାତ୍ରୀ।

୧୦. ଉତ୍ତର କୋରିଆ ୨୦୦ରୁ ଅଧିକ ତୋପ ବୋମା (ଆର୍ଟିଲରି ସେଲ୍) ନିକ୍ଷେପ କରିବାରୁ ୟେଓନ୍‌ପିୟେଓଙ୍ଗ୍ ଦ୍ୱୀପରୁ ଜନସ୍ଥାନାନ୍ତରଣ ପାଇଁ ଦକ୍ଷିଣ କୋରିଆ ନିର୍ଦ୍ଦେଶ ଦେଇଥିବା କଥା 'ୟୋନ୍‌ହାପ୍' ନିଉଜ୍ ଏଜେନ୍‌ସି ରିପୋର୍ଟ କରିଛି।

୧୧. ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାର ସିବିଆଇ ତଦନ୍ତ ଦାବି ମାମଲା ନେଇ ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସିବିଆଇ ତଦନ୍ତ ଦାବି ସଂପର୍କରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

୧୨. ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ଆବଶ୍ୟକତା ନାହିଁ ବୋଲି କହିଛନ୍ତି କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ମେଘୱାଲ।

୧୩. ଓଡ଼ିଶା ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦ରେ ପହଞ୍ଚିଛି । ତାଲିକାରେ ୧୨ ଲକ୍ଷ ୯୭ ହଜାର ୯୫୪ ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି ।

୧୪. ୨୦୨୪ ବର୍ଷ ଭାରତୀୟ ଖେଳାଳିଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଏହି ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ରିକେଟରେ ଟି -୨୦ ବିଶ୍ୱକପଠାରୁ ଆରମ୍ଭ କରି ଫୁଟବଲରେ ଏଫ୍‌ସି ଏସିଆନ୍ କପ୍ ପର୍ଯ୍ୟନ୍ତ ଭାରତୀୟ ଖେଳାଳିଙ୍କୁ ଅନେକ ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ।

୧୫. ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ମେଟ୍ରୋ ରେଲ୍‌ର ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ ପାଇଁ ଭିତ୍ତି ସ୍ଥାପନ କରିଛନ୍ତି। ୨୬ କି.ମି. ଏହି ପ୍ରକଳ୍ପରେ ୨୦ଟି ଷ୍ଟେସନ ରହିବ।

୧୬. ନୂଆବର୍ଷରୁ ଓଡ଼ିଶାର ପ୍ରମୁଖ ମନ୍ଦିରଗୁଡିକରେ ବଦଳିଛି କେତେ ନିୟମ। ଅଶାଳୀନ ପୋଷାକ ଉପରେ ରୋକ ଲଗାଯିବା ସହ ପଲିଥିନ ବ୍ୟବହାର ଏବଂ ପାନ, ଗୁଟଖା, ସିଗାରେଟ୍ ଭଳି ତମାଖୁ ଜାତୀୟ ପଦାର୍ଥ ନେବା ଉପରେ କଟକଣା ଲାଗୁ କରାଯାଇଛି।

୧୭. କଟକ ଏସସିବି ମେଡିକାଲର ରୂପାନ୍ତରଣ କରାଯାଇଛି। ଏବେ ଏହାକୁ ଭାରତରେ ୫ନମ୍ବର ବଡ଼ ହସପିଟାଲ କରାଯାଇଛି।

୧୮. ୧ ଜାନୁଆରୀ ୨୦୨୪ ଦିନ ଇସ୍ରୋ ଏକ ନୂତନ ଇତିହାସ ସୃଷ୍ଟି କରି ୬୦ତମ ଉତକ୍ଷେପଣ ଭାବରେ ପିଏସଏଲଭି-ସି୫୮/ଏକ୍ସପୋସାଟ ଉତକ୍ଷେପଣ କରିଛି, ଯାହା ମହାକାଶ ଏବଂ ବ୍ଲାକ ହୋଲର ରହସ୍ୟ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ।

୧୯. ଭାରତର ୮ ପୂର୍ବତନ ନୌସେନା କର୍ମଚାରୀଙ୍କୁ କାତାରର ଏକ କୋର୍ଟ ଦେଇଥିବା ମୃତ୍ୟୁ ଦଣ୍ଡାଦେଶକୁ ନେଇ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଭାରତ ସରକାରଙ୍କ ଆବେଦନ କ୍ରମେ ସମସ୍ତ ୮ ଜଣଙ୍କ ଫାଶୀ ଦଣ୍ଡାଦେଶ ଉପରେ ରୋକ ଲଗାଯାଇଛି।

୨୦. କୋଲୋରାଡୋ ସୁପ୍ରିମକୋର୍ଟ ଆମେରିକାର ସମ୍ବିଧାନ ଅନୁଯାୟୀ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ଦୌଡ଼ରେ ସବୁଠାରୁ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚିତ ହୋଇଥିବା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ ହାଉସ ପାଇଁ ଅଯୋଗ୍ୟ ବୋଲି ଘୋଷଣା କରିଛନ୍ତି।

୨୧. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅଧୀନରେ ମଜୁରି ପ୍ରଦାନ ଏବେ କେବଳ ଆଧାର ଆଧାରିତ ଦେୟ ବ୍ୟବସ୍ଥା (ଏବିପିଏସ୍) ମାଧ୍ୟମରେ କରାଯିବ।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - କେନ୍ଦୁଝର
୨.ଗଠନ - ୧ ଜାନୁଆରୀ୧୯୪୮
୩.କ୍ଷେତ୍ରଫଳ - ୮୩୦୩ ବର୍ଗ କି.ମି
୪.ଜନସଂଖ୍ୟା - ୧୮୦୨୭୭୭ (ପୁରୁଷ - ୯୦୭୧୩୫, ମହିଳା - ୮୯୫୬୪୨)
୫.ଉପଖଣ୍ଡ - ୩ | ୬.ତହସିଲ - ୧୩
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୧୩ | ୮.ଗ୍ରାମ ପଞ୍ଚାୟତ - ୨୮୬
୯.ଗ୍ରାମ - ୨୧୨୩ | ୧୦.ଥାନା - ୨୫
୧୧.ପୌରସଂସ୍ଥା - ୩
୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୧
୧୩.ବିଧାନସଭା ଆସନ - ୬ (୨୦. ତେଲକୋଇ (ତ.ଜା.), ୨୧. ଘାସିପୁର, ୨୨. ଆନନ୍ଦପୁର (ତ.ଜା.), ୨୩. ପାଟଣା (ତ.ଜା.), ୨୪.କେନ୍ଦୁଝର, ୨୫. ଚମ୍ପୁଆ)
୧୪.ଲୋକସଭା ଆସନ ସଂଖ୍ୟା - ୧
୧୫.ସାକ୍ଷରତା ହାର - ୬୯% (ପୁରୁଷ - ୭୯.୨୨%, ମହିଳା - ୫୮.୭୦%)
୧୬.ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୫୩୪୧୮(୯୫୭)
୧୭.ଜନସଂଖ୍ୟା ଘନତ୍ୱ - ୨୧୭/ବର୍ଗ କି.ମି
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୫.୪୨%
୧୯.ଲିଙ୍ଗ ଅନୁପାତ - ୯୮୭ ମହିଳା /୧୦୦୦ ପୁରୁଷ
୨୦.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୫୨
୨୧.ନିଆଁଳିଭା କେନ୍ଦ୍ର - ୭
୨୨.ଜଙ୍ଗଲ ଜମି - ୨୫୨୫.୦୮ ବର୍ଗ କି.ମି
୨୩.ହାରାହାରି ତାପମାତ୍ରା - ସର୍ବନିମ୍ନ ୫.୨° - ସର୍ବୋଚ୍ଚ ୪୩.୦°
୨୪.ସାଧାରଣ ବୃଷ୍ଟିପାତ - ୧୫୩୪.୫୨ ମି.ମି.
୨୫.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୦୯
୨୬.ପର୍ଯ୍ୟଟନ ସ୍ଥଳୀ - ବଡ଼ଘାଗରା, ଦେଓଗାଁ, ଘଟଗାଁ, ଗୋନାସିକା, ଗୁଣ୍ଡିଚାଘାଇ, ହାଡ଼ଗଡ଼ା, ହାଣ୍ଡିଭଙ୍ଗା, କାଞ୍ଜିପାଣି, ଖଣ୍ଡାଧାର, ମୁର୍ଗା ମହାଦେବ, ରାଜନଗର, ସାନଘାଗରା, ସରାଇ, ସିତାବିଞ୍ଜି

## ABBREVIATION

1. IGBC - Indian Green Building Council
2. MMPA - Migration and Mobility Partnership Arrangement
3. CRIF - Central Road and Infrastructure Fund
4. IDRCL - India Debt Resolution Co Ltd
5. AERDC - Aero Engine Research and Development Centre
6. ICFRE - Indian Council of Forestry Research and Education
7. AIIB - Asian Infrastructure Investment Bank
8. SEIIT - Sustainable Energy Infrastructure Investment Trust
9. D-SIBs - Domestic Systemically Important Banks
10. IBBI - Insolvency and Bankruptcy Board of India

## ପୁସ୍ତକ

୧. ଆଜିର ଦିନ ମୋର - ବିଜୟ ଅମୃତା କୁଲାଙ୍ଗେ
୨. ଗୋଧୂଳିର ବାଘ - ମନୋଜ ଦାସ
୩. ଅମାବାସ୍ୟାର ଚନ୍ଦ୍ର - ଗୋବିନ୍ଦ ଦାସ
୪. ନୀଳଶୈଳ - ସୁରେନ୍ଦ୍ର ମହାନ୍ତି
୫. ମୁଁ ସତ୍ୟାଧର୍ମା କହୁଛି - ଚନ୍ଦ୍ରଶେଖର ରଥ
1. The East Indian - Brinda Charry
2. Fire Bird - Perumal Murugan
3. Following A Prayer - Sundar Sarukkai
4. Quarterlife - Devika Rege
5. Wayel Kati - Linthoi Chanu

## କେନ୍ଦ୍ର ଶାସିତ ଅଞ୍ଚଳ

୧. ନାମ - ଦାଦ୍ରା, ନଗର ହବେଲୀ, ଡାମନ ଓ ଡିଉ
୨. ମୁଖ୍ୟ ସଚିବ - ଗୌରବ ସିଂହ ରାଜାୱତ୍
୩. ଗଠନ - ୨୬ ଜାନୁୟାରୀ ୨୦୨୦
୪. କ୍ଷେତ୍ରଫଳ - ୬୦୩ ବର୍ଗ କି.ମି.
୫. ରାଜଧାନୀ ଏବଂ ମୁଖ୍ୟ ସହର - ଡାମନ ଏବଂ ସିଲ୍‌ଭାସା
୬. ଲୋକସଭା ସଭ୍ୟ ସଂଖ୍ୟା - ୨
୭. ଉଚ୍ଚ ନ୍ୟାୟାଳୟ - ମୁମ୍ବାଇ
୮. ମୁଖ୍ୟ ଭାଷା - ହିନ୍ଦୀ, ଇଂରାଜୀ, ଗୁଜୁରାଟି
୯. ଜନସଂଖ୍ୟା ସମୁଦାୟ - ୫,୮୫,୭୬୪ (୨୦୧୧)
୧୦. ଜନସଂଖ୍ୟା ଘନତ୍ୱ - ୯୭୦/ବର୍ଗ କି.ମି
୧୧. ଲିଙ୍ଗ ଅନୁପାତ - ୭୭୪ ମହିଳା/୧୦୦୦ ପୁରୁଷ
୧୨. ସାକ୍ଷରତା ହାର - ୭୭.୬୫%
୧୩. ଜିଲ୍ଲା - ୩
୧୪. ପର୍ଯ୍ୟଟନ ସ୍ଥଳୀ - ବନଗଙ୍ଗା ଉଦ୍ୟାନ (ସିଲ୍‌ଭାସା), ସେଣ୍ଟ ଥୋମାସ୍ ଚର୍ଚ୍ଚ (ଦାମନ), ଦାମନଗଙ୍ଗା ନଦୀ (ସିଲ୍‌ଭାସା), ଦିଉ ଦୁର୍ଗ, ସେଣ୍ଟ ଜେମ୍‌ସ ଚର୍ଚ୍ଚ (ଦାମନ), ନଇଦା ଗୁମ୍ଫା (ଦିଉ)

## ସମ୍ମାନ/ପୁରସ୍କାର

୧. ସ୍ୱର୍ଗତ ଭାଇସ୍ ଆଡମିରାଲ୍ ବେନୋଇ ରୟ ଚୌଧୁରୀ - ମରଣୋତ୍ତର ବୀର ଚକ୍ର
୨. ହିନ୍ଦୀ ଲେଖକ ପୁଷ୍ପା ଭାରତୀ - ୩୩ତମ ବ୍ୟାସ ସମ୍ମାନ, ୨୦୨୩
୩. କବି ସୁକ୍ରିତା ପଲ୍ କୁମାର - ରବୀନ୍ଦ୍ରନାଥ ଟାଗୋର ସାହିତ୍ୟ ପୁରସ୍କାର, ୨୦୨୩
୪. ଚନ୍ଦ୍ରଯାନ-୩ ମିଶନ (ଇସ୍ରୋ) - ଲେଫ୍ ଏରିକ୍ସନ୍ ଲୁନାର ପୁରସ୍କାର (ଆଇସଲ୍ୟାଣ୍ଡ)
୫. ଡାନିଏଲ ବାରେନବୋଇମ ଏବଂ ଅଲି ଆବୁ ଆୱାଦ - ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର, ୨୦୨୩

## ନିଯୁକ୍ତି

୧. ନୀନା ସିଂ - ପ୍ରଥମ ମହିଳା ମହାନିର୍ଦ୍ଦେଶକ - କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ
୨. ଭିଟା ଦାନି - ପ୍ରଥମ ଭାରତୀୟ ପରିଚାଳନା ସଦସ୍ୟ - ଅନ୍ତର୍ଜାତୀୟ ଟେବୁଲ୍ ଟେନିସ୍ ଫେଡେରେସନ୍
୩. ମହେଶ୍ୱର ଦିନଲ - ନୂତନ ମହାନିର୍ଦ୍ଦେଶକ - ଭାରତୀୟ ଜେଲ ଏବଂ ସଂଶୋଧନ ସେବା
୪. କାଞ୍ଚନ ଦେବୀ - ପ୍ରଥମ ମହିଳା ମହାନିର୍ଦ୍ଦେଶକ - ଭାରତୀୟ ବନବିଭାଗ ଅନୁସନ୍ଧାନ ଏବଂ ଶିକ୍ଷା
୫. ସମୀର ଶାହ - ନୂତନ ଅଧ୍ୟକ୍ଷ - ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍

## ଦେହାନ୍ତ

୧. ଆର. ସୁଭଲକ୍ଷ୍ମୀ (୮୭) - ଲୋକପ୍ରିୟ ମାଲାୟାଲମ୍ ଅଭିନେତ୍ରୀ ଏବଂ ସଂଗୀତଜ୍ଞ
୨. ଜୁନିଅର ମେହମୁଦ (୬୭) - ବରିଷ୍ଠ ଚରିତ୍ର ଅଭିନେତା
୩. ଡ. ଗାଓ ୟାଓଜୀ (୯୫) - ଜଣାଶୁଣା ଚୀନ ଡାକ୍ତର ତଥା ଏଡସ୍ କାର୍ଯ୍ୟକର୍ତ୍ତା
୪. ଡ. ଭି ମୋହିନୀ ଗିରି (୮୬) - ଜଣାଶୁଣା ଓକିଲ (ମହିଳା ଅଧିକାର)
୫. ବିଜୟକାନ୍ତ (୭୧) - ତାମିଲ ସୁପରଷ୍ଟାର ତଥା ରାଜନେତା

## ଓଡ଼ିଶା

୧. ଓଡ଼ିଶାର କେଉଁଠି ଧଳାବାଘ ଦେଖିବାକୁ ମିଳେ ?

(କ) ସିମିଳିପାଳ (ଖ) ନନ୍ଦନକାନନ

(ଗ) ଚନ୍ଦକା (ଘ) ଟିକରପଡ଼ା

୨. 'ଗାଁ ମଜଲିସ୍'ର ଲେଖକ କିଏ ?

(କ) ଯଦୁନାଥ ଦାସ ମହାପାତ୍ର (ଖ) ହରେକୃଷ୍ଣ ମହତାବ

(ଗ) ଗୋଦାବରୀଶ ମିଶ୍ର (ଘ) ଗୋଦାବରୀଶ ମହାପାତ୍ର

୩. ଓଡ଼ିଶାର ପକ୍ଷୀବିହାର କେଉଁଠି ଅଛି ?

(କ) ଅଂଶୁପା (ଖ) ଚିଲିକା

(ଗ) ବିନ୍ଦୁସାଗର (ଘ) ଚନ୍ଦନ ପୋଖରୀ

୪. ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେଉଁ ମସିହାରେ ଜନ୍ମ ହୋଇଥିଲେ ?

(କ)୧୮୬୬ (ଖ)୧୮୮୮୪ (ଗ)୧୮୯୬ (ଘ)୧୯୦୩

୫. 'ପ୍ରଧାନ ପାଟ'ଜଳପ୍ରପାତ କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?

(କ) ବୌଦ୍ଧ (ଖ) ଦେଓଗଡ଼ (ଗ) ବରଗଡ଼ (ଘ) ବଲାଙ୍ଗିର

୬. ନୀଳମାଧବ ମନ୍ଦିର କେଉଁଠାରେ ଅବସ୍ଥିତ ?

(କ) ଘଟଗାଁ (ଖ) ଖିଚିଙ୍ଗ୍ (ଗ) କଣ୍ଟିଲୋ (ଘ) ଖରିଆର

୭. ବଣ୍ଡାଜାତି ନିମ୍ନରେ ଦର୍ଶାଯାଇଥିବା କେଉଁ ଜିଲ୍ଲାରେ ଦେଖାଯାଆନ୍ତି ?

(କ) ମାଲକାନ୍‌ଗିରି (ଖ) କେନ୍ଦୁଝର

(ଗ) ମୟୂରଭଞ୍ଜ (ଘ) ଦେଓଗଡ଼

୮. ଓଡ଼ିଶାର ପରମ ଆରାଧ୍ୟ ଦେବତା କିଏ ?

(କ) ଶିବ (ଖ) ଗଣେଶ (ଗ) ଜଗନ୍ନାଥ (ଘ) ଶ୍ରୀକୃଷ୍ଣ

୯. ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି କିଏ ?

(କ) ଲାଲ ମୋହନ ପଟ୍ଟନାୟକ (ଖ) ମୁକୁନ୍ଦ ପ୍ରସାଦ ଦାସ

(ଗ) ଲିଙ୍ଗରାଜ ପାଣିଗ୍ରାହୀ (ଘ) ସତ୍ୟପ୍ରିୟ ମହାନ୍ତି

୧୦. ଓଡ଼ି -୦୫ କେଉଁ ସହରର ମୋଟର ଯାନର ରେଜିଷ୍ଟ୍ରେସନ ନମ୍ବର ପୂର୍ବରୁ ଲେଖାଯାଏ ?

(କ) କଟକ (ଖ) ଭୁବନେଶ୍ୱର (ଗ) ଚଣ୍ଡିଖୋଲ (ଘ) ପୁରୀ

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ ?

ଛୁରୀ, ବର୍ଚ୍ଛା, କଟୁରୀ, ଧନୁ,

(କ) ଛୁରୀ (ଖ) ବର୍ଚ୍ଛା (ଗ) କଟୁରୀ (ଘ)ଧନୁ

୨. ACEG : DFHJ :: QSUW : ?

(କ) KMNP (ଖ) MNPR (ଗ) TQST (ଘ) TVXZ

୩. ଆଖି : ମୋତିଆ ବିନ୍ଦୁ : : ଦାନ୍ତ : ?

(କ) ପାଇରିଆ (ଖ) କାଟାରାଟ (ଗ) ଟ୍ରାକୋମା (ଘ)ଏକ୍‌ଜିମା

୪. ପ୍ରଶ୍ନବାଚକ ଚିହ୍ନଟି କେତେ ?

୬,୧୧, ୨୧, ୩୬, ୫୬, ?

(କ) ୪୨ (ଖ) ୫୧ (ଗ) ୮୧ (ଘ) ୯୧

୫. ଶୂନ୍ୟସ୍ଥାନଟି କେତେ ?

| | | | | | | | | |
|---|---|---|---|---|---|---|---|---|
| | ୩ | | | ୭ | | | ୧ | |
| ୬ | ୨୫ | ୨ | ୧୧ | ୭୦ | ୮ | ୪ | -୧୨ | ୫ |
| | ୪ | | | ୬ | | | | |

(କ) ୧୦ (ଖ) ୬ (ଗ) ୨ (ଘ) ୧

୬. ଯଦି ଗୁଣନ ମିଶାଣ, ହରଣ ବିୟୁକ୍ତ, ମିଶାଣ ଗୁଣନ ଏବଂ ବିୟୋଗ ହରଣ ହୁଏ, ତେବେ ୨୦ X ୮÷୮-୪+୨=?

(କ) ୫ (ଖ)୨୪ (ଗ) ୨୫ (ଘ) ୮୦

୭. ନିମ୍ନଲିଖିତ ଶବ୍ଦଗୁଡ଼ିକୁ କ୍ରମାନୁସାରେ ସଜାଅ ?

୧-ଜନ୍ମ ୨-ବାର୍ଦ୍ଧକ୍ୟ ୩-ମୃତ୍ୟୁ ୪-ବିବାହ ୫-ଶିକ୍ଷା

(କ) ୪,୫,୩,୧,୨ (ଖ)୨,୩,୪,୫,୧

(ଗ) ୧,୫,୪,୨,୩ (ଘ)୧,୩,୪,୫,୨

୮. A, B, D, G, ?

(କ) M (ଖ) L (ଗ) K (ଘ) H

୯. ଗୋଟିଏ ଟ୍ରେନର ସବୁବେଳେ କ'ଣ ଥାଏ ?

(କ) ଇଞ୍ଜିନ (ଖ)ଡ୍ରାଇଭର (ଗ) ପାସେଞ୍ଜର (ଘ) ରେଳ ଲାଇନ

୧୦.କେଉଁଟି ଭିନ୍ନ ?

AXUW, CEGY, FITZ, HJOQ

(କ) AXUW (ଖ) CEGY (ଗ) FITZ (ଘ) HJOQ

**ଉତ୍ତର**

**୧.(ଖ) ନନ୍ଦନକାନନ, ୨.(ଖ) ହରେକୃଷ୍ଣ ମହତାବ, ୩.(ଖ) ଚିଲିକା, ୪.(ଗ)୧୮୯୬, ୫.(ଖ) ଦେଓଗଡ଼, ୬.(ଗ) କଣ୍ଟିଲୋ, ୭.(କ) ମାଲକାନ୍‌ଗିରି, ୮.(ଗ) ଜଗନ୍ନାଥ, ୯.(ଖ) ମୁକୁନ୍ଦ ପ୍ରସାଦ ଦାସ, ୧୦.(କ) କଟକ**

**୧.(ଘ) ଧନୁ, ୨.(ଘ) TVXZ, ୩.(କ) ପାଇରିଆ, ୪.(ଗ) ୮୧, ୫.(ଗ) ୨୯, ୬.(ଖ) ୨୪, ୭.(ଗ) ୧,୫,୪,୨,୩, ୮.(ଗ) କ, ୯.(କ) ଇଞ୍ଜିନ, ୧୦.(କ) AXUW**



ଯଦି ତୁମେ ନିଜ ମନକୁ ପବିତ୍ର ଓ ନିର୍ମଳ ରଖ, ତେବେ ସବୁବେଳେ ଈଶ୍ୱରଙ୍କୁ ତୁମ ପାଖେ ପାଖେ ଥିବାର ଅନୁଭବ କରିବ। - ଶ୍ରୀ ଅରବିନ୍ଦ

## ଇତିହାସ

୧.କେତେ ମସିହାରେ ଗାନ୍ଧିଜୀ 'ଜାତୀୟ ଭାରତୀୟ କଂଗ୍ରେସ' ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ କରିଥିଲେ ?

(କ) ୧୮୭୦ (ଖ) ୧୯୧୨ (ଗ) ୧୮୯୪ (ଘ) ୧୭୦୮

୨.କିଏ ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ ?

(କ) ହିଟଲର (ଖ) ଅରବିନ୍ଦ ଘୋଷ

(ଗ) ସର୍ଦ୍ଦାର ପଟେଲ (ଘ) ରବୀନ୍ଦ୍ରନାଥ ଠାକୁର

୩.କେଉଁଟି ଗାନ୍ଧିଜୀଙ୍କ ଦ୍ୱାରା ସଂଗଠିତ ପ୍ରଥମ ଆନ୍ଦୋଳନ ?

(କ) ଭାରତଛାଡ (ଖ) ଅସହଯୋଗ

(ଗ) ଚମ୍ପାରନ (ଘ) ଆଇନ ଅମାନ୍ୟ

୪.କେଉଁ ଆନ୍ଦୋଳନଟି ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତର ପ୍ରଥମ ସଫଳ ଅହିଂସା ଆନ୍ଦୋଳନ ଥିଲା ?

(କ)ବର୍ଦ୍ଦୋଲୀ (ଖ) ଖେଡା (ଗ) ଅହମ୍ମଦାବାଦ (ଘ) ଚମ୍ପାରଣ

୫.କେଉଁ ଲେଖା ପାଇଁ ଗୋପବନ୍ଧୁଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା ?

(କ) ସତ୍ୟ ସଂହାର (ଖ) ସତ୍ୟ ହେଲେ ସାଂଘାତିକ

(ଗ) ଦିର୍ନୀତି ନିବାରଣ (ଘ) ଇଂରେଜୀ ସମାଲୋଚନା

୬.ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଘଟଣାକୁ କେଉଁ କମିଟି ତଦନ୍ତ କଲା ?

(କ) ହଂଟର କମିଟି (ଖ) ଓ'ଡନେଲ କମିଟି

(ଗ) ଲରେନସ କମିଟି (ଘ) ଉଡ କମିଟି

୭.'ଅଳକା ଆଶ୍ରମ' କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?

(କ) ପୁରୀ (ଖ) କଟକ (ଗ) ଜଗତସିଂହପୁର (ଘ) ବାଲେଶ୍ୱର

୮.ଇଞ୍ଚୁଡିଠାରେ ଲବଣ ଆଇନ୍ କିଏ ଭଙ୍ଗ କରିଥିଲେ ?

(କ) ବିନୋବା ଭାବେ (ଖ) ଆଚାର୍ଯ୍ୟ ହରିହର

(ଗ) ରମା ଦେବୀ (ଘ) ମାଳତୀ ଦେବୀ

୯.କେବେ ଔପଚାରିକ ଭାବେ ଆଇନ ଅମାନ୍ୟ ଆନ୍ଦୋଳନର ପରିସମାପ୍ତି ଘଟିଥିଲା ?

(କ) ୧୯୯୩ (ଖ) ୧୯୩୫ (ଗ) ୧୯୩୪ (ଘ) ୧୯୩୬

୧୦.କେଉଁଠାରେ ଗୋବିନ୍ଦବଲ୍ଲଭ ପନ୍ଥ ପୋଲିସ ଲାଠି ମାଡର ଶିକାର ହୋଇଥିଲେ ?

(କ) ପାଟନା (ଖ)ଲକ୍ଷ୍ନୌ (ଗ) ନାଗପୁର (ଘ) କାନପୁର

## ବାଣିଜ୍ୟ

୧.ବିଶ୍ୱବ୍ୟାଙ୍କ କେବେ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୪୪ (ଖ) ୧୯୪୬ (ଗ) ୧୯୫୩ (ଘ) ୧୯୬୨

୨.ଭାରତୀୟ ରିଜର୍ଭ ବ୍ୟାଙ୍କ କେବେ ଜାତୀୟକରଣ ହେଲା ?

(କ) ୧୯୩୫ (ଖ) ୧୯୬୮ (ଗ) ୧୯୪୯ (ଘ) ୧୯୮୦

୩.ଭାରତରେ କିଏ ପ୍ରଥମେ ଇଂରାଜୀ ସମ୍ବାଦପତ୍ର ଆରମ୍ଭ କରିଥିଲେ ?

(କ) ବାଲ ଗଙ୍ଗାଧର ତିଲକ (ଖ) ଜେ.ଏ.ହିକି

(ଗ) ରାଜା ରାମ ମୋହନ ରାୟ (ଘ) ଉଇଲିୟମ ବେଣ୍ଟିକ୍

୪.ଭାରତ ସରକାର ବିଶ୍ୱ ବଜାରରେ ଭାରତୀୟ ସାମଗ୍ରୀଗୁଡ଼ିକର ପ୍ରୋତ୍ସାହନ ପାଇଁ 'ଭାରତ ପାର୍କ' କେଉଁ ଦେଶରେ ଗଠନ କରିବେ ?

(କ) ୟୁଏଇ (ଖ) ୟୁକେ (ଗ) ସାଉଦୀ ଆରବ (ଘ) ଆଫ୍ରିକା

୫.ଶତାବ୍ଦୀ ଏକସ୍‌ପ୍ରେସ୍ ଟ୍ରେନ କେବେ ଚାଲିଥିଲା ?

(କ) ୧୯୮୪ (ଖ) ୧୯୮୮ (ଗ) ୧୯୮୨ (ଘ) ୧୯୯୬

୬.ସର୍ବାଧିକ ବର୍ଷ କାର୍ଯ୍ୟ କରିଥିବା ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର କିଏ ?

(କ) ସାର ବେନେଗାଲ ରାମାରାଉ (ଖ) ସି. ରଙ୍ଗରାଜନ

(ଗ) ଏ ଘୋଷ୍ (ଘ) ମନମୋହନ ସିଂହ

୭.ରେଳବାଇ ଷ୍ଟାଫ୍ କଲେଜ କେଉଁଠାରେ ଅବସ୍ଥିତ ?

(କ) ବାଙ୍ଗାଲୋର (ଖ) ସିକନ୍ଦରାବାଦ୍

(ଗ) ଚେନ୍ନାଇ (ଘ) ବରୋଦା

୮. କେଉଁ ବ୍ୟାଙ୍କ ଅଧିନରେ ନ୍ୟାସନାଲ ହାଉସିଂ ବ୍ୟାଙ୍କ ଗଠିତ ହୋଇଥିଲା ?

(କ) ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ (ଖ) ବ୍ୟାଙ୍କ ଅଫ୍ ବରୋଦା

(ଗ) ଜୀବନ ବୀମା ନିଗମ (ଘ) ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ

୯.ଭାରତରେ ବଜେଟ ପ୍ରସ୍ତାବନା କାହା ସମୟରେ ଆରମ୍ଭ ହୋଇଥିଲା ?

(କ) କ୍ୟାନିଙ୍ଗ୍ (ଖ) ଡେଲ ହାଉସି (ଗ) ରିପନ୍ (ଘ) ଏଲ୍‌ଜିନ୍

୧୦.ସାଧାରଣ ବଜେଟଠାରୁ ରେଳବାଇ ବଜେଟ କେବେ ପୃଥକ ହେଲା ?

(କ) ୧୯୨୪-୨୫ (ଖ) ୧୯୪୧-୪୨

(ଗ) ୧୯୪୭-୪୮ (ଘ) ୧୯୫୦-୫୧

### ଉତ୍ତର

**୧.(ଗ) ୧୮୯୪, ୨.(ଘ) ରବିନ୍ଦ୍ରନାଥ ଠାକୁର, ୩.(ଗ) ଚମ୍ପାରଣ, ୪.(ଘ) ଚମ୍ପାରନ, ୫.(ଖ) ସତ୍ୟ ହେଲେ ସାଂଘାତିକ, ୬.(କ) ହଂଟର କମିଟି, ୭.(ଘ) ବାଲେଶ୍ୱର, ୮.(ଖ) ଆଚାର୍ଯ୍ୟ ହରିହର, ୯.(ଗ) ୧୯୩୪, ୧୦.(ଖ) ଲକ୍ଷ୍ନୌ**

**୧.(କ) ୧୯୪୪, ୨.(ଗ) ୧୯୪୯, ୩.(ଖ) ଜେ.ଏ.ହିକି, ୪.(କ) ୟୁଏଇ, ୫.(ଖ) ୧୯୮୮, ୬.(କ) ସାର ବେନେଗଲ ରାମାରାଉ, ୭.(ଘ) ବରୋଦା, ୮.(ଘ) ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ୯.(କ) କ୍ୟାନିଙ୍ଗ୍, ୧୦.(କ) ୧୯୨୪-୨୫**

## ଅର୍ଥନୀତି

୧. ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁସାରେ ମେ ୧୯, ୨୦୨୩ ସୁଦ୍ଧା ପ୍ରଚଳନରେ ଥିବା ୨୦୦୦ ଟଙ୍କିଆ ନୋଟ୍ ମଧ୍ୟରୁ କେତେ ପ୍ରତିଶତ ନୋଟ ବ୍ୟାଙ୍କ୍‌କୁ ଫେରସ୍ତ ଆସିଯାଇଛି ?
(କ) ୮୦.୮ ପ୍ରତିଶତ (ଖ) ୮୫.୫ ପ୍ରତିଶତ
(ଗ) ୯୫.୩ ପ୍ରତିଶତ (ଘ) ୯୭.୩ ପ୍ରତିଶତ

୨. ଅର୍ଥନୀତିରେ ଯଦି ସମସ୍ତ ବ୍ୟାଙ୍କକୁ ଜାତୀୟ କରଣ କରାଯିବ ତେବେ ବ୍ୟାଙ୍କର ଜମା କଣ ହେବ ?
(କ) ବଢ଼ିବ (ଖ) କମିବ (ଗ) ବଢ଼ିବନି କି କମିବନି

୩. ଜୁଲାଇ, ୧୯୮୨ରେ ଏଗ୍ରିକଲଚର ରିଫାଇନାନସ୍ ଆଣ୍ଡ ଡେଭଲପ୍‌ମେଣ୍ଟ କରପୋରେସନ୍ କାହା ସହ ମିଶିଥିଲା ?
(କ) ଭାରତୀୟ ରିଜର୍ଭ ବ୍ୟାଙ୍କ (ଖ) ନାବାର୍ଡ଼
(ଗ) ଫିଗ୍ ଜିମ୍ ବ୍ୟାଙ୍କ (ଗ) ବିଶ୍ୱ ବ୍ୟାଙ୍କ

୪. ପେପର କରେନ୍ସୀ ଭାରତରେ କେବେ ଆରମ୍ଭ ହେଲା ?
(କ) ୧୮୬୧ (ଖ) ୧୫୪୨ (ଗ) ୧୬୦୧ (ଘ) ୧୮୮୦

୫. କେଉଁଠାରେ ଷ୍ଟକ୍ ଏକ୍ସଚେଞ୍ଜ ନାହିଁ ?
(କ) ଦିଲ୍ଲୀ (ଖ) ମୁମ୍ବାଇ (ଗ) ଅହମଦାବାଦ (ଘ) ଉଦୟପୁର

୬. ଭାରତର ଇନସୁରାନ୍ସ ସେକ୍ଟର ରେଗୁଲେଟର କିଏ ?
(କ) ନାବାର୍ଡ଼ (ଖ) ଆଇଆରଡ଼ିଏ
(ଗ) ଭାରତୀୟ ରିଜର୍ଭ ବ୍ୟାଙ୍କ (ଘ) ଏଏମ୍‌ଏଫ୍‌ଆଇ

୭. କମୋଡ଼ିଟି ମାର୍କେଟକୁ ଭାରତରେ କିଏ ନିୟନ୍ତ୍ରଣ କରିଥାଏ ?
(କ) ଭାରତୀୟ ରିଜର୍ଭ ବ୍ୟାଙ୍କ (ଖ) ସେବି
(ଗ) ଫରୱାର୍ଡ଼ ମାର୍କେଟ କମିଶନ (ଘ) କୌଣସିଟି ନୁହେଁ

୮. କେବେଠାରୁ ଫେମା (FEMA-Foreign Exchange Management Act) କାର୍ଯ୍ୟକାରୀ ହୋଇଛି ?
(କ) ୧୯୯୭ (ଖ) ୧୯୯୮ (ଗ) ୧୯୯୯ (ଘ) ୨୦୦୦

୯. ଭାରତର କେଉଁଟି ପ୍ରଥମ ଅଏଲ୍ ରିଫାଇନାରୀ ଅଟେ ?
(କ) ଗୌହାଟୀ (ଖ) ବିଶାଖାପାଟନମ୍ (ଗ) ଦିଗବୋଇ (ଘ) ବରୁଣେଇ

୧୦. କେଉଁ ଅର୍ଥ ମନ୍ତ୍ରୀ ନିଜର ଜନ୍ମଦିନରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ ?
(କ) ମନମୋହନ ସିଂହ (ଖ) ମୋରାରଜୀ ଦେଶାଇ
(ଗ) ଯଶବନ୍ତ ସିହ୍ନା (ଘ) ଯଶବନ୍ତ ସିଂହ

## କ୍ରୀଡ଼ା

୧.ଏଥର ଖେଳରତ୍ନ ପୁରସ୍କାର ପାଇଥିବା ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ହାଙ୍ଗଝାଉ ଏସିଆଡରେ କେଉଁ ପଦକ ପାଇଥିଲେ ?
(କ) ସ୍ୱର୍ଣ୍ଣ (ଖ) ରୌପ୍ୟ (ଗ) କାଂସ୍ୟ (ଘ) ପଦକ ପାଇନଥିଲେ

୨.ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିବା ପ୍ରଥମ ବ୍ୟାଡମିଣ୍ଟନ ଖେଳାଳିଙ୍କ ନାମ କଣ ?
(କ) ପ୍ରକାଶ ପାଦୁକୋନ୍ (ଖ) ପୁଲ୍ଲେଲା ଗୋପୀଚନ୍ଦ
(ଗ) ସାଇନା ନେହୱାଲ (ଘ) ପି. ଭି. ସିନ୍ଧୁ

୩. ୨୦୨୩ର ବିଶ୍ୱ ମହିଳା ର୍‌ୟାପିଡ୍ ଚେସ୍ ପ୍ରତିଯୋଗିତାରେ ଭାରତର କୋନେରୁ ହମ୍ପି କେଉଁ ପଦକ ହାସଲ କରିଛନ୍ତି ?
(କ) ସ୍ୱର୍ଣ୍ଣ (ଖ) ରୌପ୍ୟ (ଗ) ବ୍ରୋଞ୍ଜ (ଘ) ପଦକ ପାଇନାହାନ୍ତି

୪.ଏପ୍ରିଲ ୨୦୨୪ରେ ହେବାକୁ ଥିବା ବିଶ୍ୱ ଚେସ୍ ଚମ୍ପିଆନଶିପର କ୍ୟାଣ୍ଡିଡେଟ୍‌ସ ଟୁର୍ଣ୍ଣାମେଣ୍ଟରେ ଭାରତର ତିନିଜଣ ଖେଳାଳି ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ କିଏ ସେଥିରେ ସାମିଲ ନାହାନ୍ତି ?
(କ) ଆର. ପ୍ରଜ୍ଞାନାନନ୍ଦ (ଖ) ବିଦିତ ସନ୍ତୋଷ ଗୁଜରାଟି
(ଗ) ଡି. ଗୁକେଶ (ଘ) ବିଶ୍ୱନାଥନ ଆନନ୍ଦ

୫.ଡିସେମ୍ବରରେ ଭାରତୀୟ ମହିଳା କ୍ରିକେଟ ଦଳ ଇଂଲାଣ୍ଡକୁ ଏକ ଟେଷ୍ଟ ମ୍ୟାଚରେ ସର୍ବାଧିକ ରନ ବ୍ୟବଧାନରେ ହରାଇବାର ରେକର୍ଡ କରିଛି। ଭାରତ ଏହି ମହିଳା ଟେଷ୍ଟରେ କେତେ ରନରେ ବିଜୟୀ ହୋଇଛି ?
(କ) ୩୨୭ ରନ (ଖ) ୩୩୭ ରନ (ଗ) ୩୪୭ ରନ (ଘ) ୩୫୭ ରନ

୬.ଇଂଲାଣ୍ଡ ବିରୁଦ୍ଧରେ ଏହି ମହିଳା ଟେଷ୍ଟ ମ୍ୟାଚରେ ଅର୍ଦ୍ଧଶତକ ସହିତ ନଅଟି ୱିକେଟ ନେଇ କିଏ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଛନ୍ତି ?
(କ) ସତୀଶ ଶୁଭା (ଖ) ହରମନପ୍ରୀତ କୌର
(ଗ) ସ୍ନେହ ରାଣା (ଘ) ଦୀପ୍ତି ଶର୍ମା

୭.ଡିସେମ୍ବର-୨୦୨୩ରେ ମଧ୍ୟ ଭାରତ ଆଉ ଏକ ମହିଳା ଟେଷ୍ଟରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଅଷ୍ଟ୍ରେଲିଆ ବିରୁଦ୍ଧରେ ମହିଳା ଟେଷ୍ଟ କ୍ରିକେଟ ମ୍ୟାଚରେ ଏହା ଭାରତର କେତେତମ ବିଜୟ ଥିଲା ?
(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୮. ଜୁନ୍ ୨୦୨୪ରେ ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ ୱେଷ୍ଟଇଣ୍ଡିଜ୍ ସହିତ ଆଉ କେଉଁ ଦେଶରେ ଆୟୋଜିତ ହେବ ?
(କ) କାନାଡ଼ା (ଖ)ଯୁକ୍ତରାଷ୍ଟ୍ର ଆମେରିକା (ଗ)ବରମୁଡ଼ା (ଘ)ଦକ୍ଷିଣ ଆଫ୍ରିକା

୯. ୨୦୨୪ର ଜାନୁଆରୀ-ଫେବ୍ରୁଆରୀ ମାସରେ ଏ.ଏଫ.ସି. ଏସିଆ କପ ଫୁଟବଲ ପ୍ରତିଯୋଗିତା କେଉଁ ଦେଶରେ ଆୟୋଜିତ ହେଉଛି ?
(କ) ୟୁ.ଏ.ଇ. (ଖ) କାତାର୍ (ଗ) ଚୀନ୍ (ଘ) ଜାପାନ

୧୦.୨୦୨୪ର ଏସିଆ କପ ଫୁଟବଲରେ କେତେଟି ଦେଶ ଖେଳୁଛନ୍ତି ?
(କ) ୧୬ଟି (ଖ) ୧୮ଟି (ଗ) ୨୦ଟି (ଘ) ୨୪ଟି

### ଉତ୍ତର

**୧.(ଘ) ୯୭.୩ ପ୍ରତିଶତ, ୨.(ଗ) ବଢ଼ିବନି କି କମିବନି, ୩.(ଖ) ନାବାର୍ଡ଼, ୪.(କ) ୧୮୬୧, ୫.(ଘ) ଉଦୟପୁର, ୬.(ଖ) ଆଇଆରଡ଼ିଏ, ୭.(ଗ) ଫରୱାର୍ଡ଼ ମାର୍କେଟ କମିଶନ, ୮.(ଘ) ୨୦୦୦, ୯.(ଗ) ଦିଗ୍‌ବୋଇ, ୧୦.(ଖ) ମୋରାରଜୀ ଦେଶାଇ**

**୧.(କ) ସ୍ୱର୍ଣ୍ଣ, ୨.(ଖ) ପୁଲ୍ଲେଲା ଗୋପୀଚନ୍ଦ, ୩.(ଖ) ରୌପ୍ୟ, ୪.(ଘ) ବିଶ୍ୱନାଥନ ଆନନ୍ଦ, ୫.(ଗ) ୩୪୭ ରନ, ୬.(ଘ) ଦୀପ୍ତି ଶର୍ମା, ୭.(କ) ପ୍ରଥମ, ୮.(ଖ) ଯୁକ୍ତରାଷ୍ଟ୍ର ଆମେରିକା, ୯.(ଖ) କାତାର୍, ୧୦.(ଘ) ୨୪ଟି**

## ସାହିତ୍ୟ, କଳା ଓ ସଂସ୍କୃତି

୧.ପିଲାଙ୍କ ପାଇଁ ଲେଖାଯାଇଥିବା ପ୍ରସିଦ୍ଧ ପୁସ୍ତକ 'ଏଲିସ୍ ଇନ୍ ୱଣ୍ଡରଲାଣ୍ଡ'ର ଲେଖକଙ୍କ ନାମ କଣ ?
(କ) ରୁଡ଼ିୟାଡ କିପ୍‌ଲିଙ୍ଗ (ଖ) ଲୁଇସ୍ କ୍ୟାରୋଲ
(ଗ) ଏଲିସ୍ ମୁନ୍‌ରୋ (ଘ) ଏଚ. ଜି. ୱେଲସ

୨.ହିନ୍ଦୀ ଭାଷାର ଉପନ୍ୟାସ 'ମୁଝେ ପହଚାନୋ' ପାଇଁ ୨୦୨୩ର କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଥିବା ଲେଖକଙ୍କ ନାମ କଣ ?
(କ) ସଂଜୀବ (ଖ) ବଦ୍ରି ନାରାୟଣ
(ଗ) ବିଜୟ ଶୁକ୍ଳ (ଘ) ଇନ୍ଦିରା ଡାଙ୍ଗି

୩.ବର୍ଷ- ୨୦୨୩ରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଥିବା କବିଙ୍କ ନାମ କଣ ?
(କ) ଗୋପାଳ ରଥ (ଖ) ଗାୟତ୍ରୀବାଳା ପଣ୍ଡା
(ଗ) ଆଶୁତୋଷ ପରିଡ଼ା (ଘ) ରକ୍ଷକ ନାୟକ

୪.ବର୍ଷ-୨୦୨୩ରେ ବଙ୍ଗଳା ଭାଷା ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଥିବା ଲେଖକଙ୍କ ନାମ କଣ ?
(କ) ଚିନ୍ମୟ ଗୁହା (ଖ) ବ୍ରତ୍ୟ ବସୁ
(ଗ) ଆଲୋ ସରକାର (ଘ) ସ୍ୱପ୍ନମୟ ଚକ୍ରବର୍ତ୍ତୀ

୫.ବିଶ୍ୱ ପ୍ରସିଦ୍ଧ ମଧୁବଣୀ ଚିତ୍ରକଳା କେଉଁ ରାଜ୍ୟର ଐତିହ୍ୟ ?
(କ) ଆସାମ (ଖ) ବିହାର (ଗ) ଛତିଶଗଡ଼ (ଘ) ପଶ୍ଚିମ ବଙ୍ଗ

୬.ବିଶ୍ୱପ୍ରସିଦ୍ଧ ଚିତ୍ରକର ପାବ୍ଲୋ ପିକାଶୋ କେଉଁ ଦେଶର ବାସିନ୍ଦା ଥିଲେ ?
(କ) ଫ୍ରାନ୍ସ (ଖ) ଜର୍ମାନୀ (ଗ) ସ୍ପେନ୍ (ଘ) ଇଟାଲୀ

୭.କେଉଁ ଦିନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ମକର ଚୌରାଶି ବେଶରେ ସଜ୍ଜିତ କରାଯାଇଥାଏ ?
(କ) ମକର ସଂକ୍ରାନ୍ତି ଦିନ (ଖ) ମକର ସଂକ୍ରାନ୍ତି ପୂର୍ବ ଦିନ
(ଗ) ପୌଷ ପୂର୍ଣ୍ଣିମା ଦିନ (ଘ) ମକର ସଂକ୍ରାନ୍ତି ପର ଦିନ

୮.ନିମ୍ନଲିଖିତ ମଧ୍ୟରୁ କେଉଁ ନୃତ୍ୟଟି ଏକ ଶାସ୍ତ୍ରୀୟ ନୃତ୍ୟ ଅଟେ ?
(କ) ମଣିପୁରୀ (ଖ) ଭାଙ୍ଗଡ଼ା (ଗ) ଗରବା (ଘ) ଛଉ

୯.କେଉଁ ଧର୍ମର ଧର୍ମଗ୍ରନ୍ଥର ନାମ ଜେନ୍ଦ୍ ଆଭେସ୍ତା ?
(କ) ଜୈନ ଧର୍ମ (ଖ) ପାର୍ସି ଧର୍ମ
(ଗ) ଇହୁଦି ଧର୍ମ (ଘ) ତାଓ ଧର୍ମ

୧୦.ପଣ୍ଡିତ ହରିପ୍ରସାଦ ଚୌରାସିଆ କେଉଁ ବାଦ୍ୟଯନ୍ତ୍ର ବାଦନ ପାଇଁ ପ୍ରସିଦ୍ଧ ?
(କ) ବୀଣା (ଖ) ସରୋଦ (ଗ) ବଂଶୀ (ଘ) ସିତାର

## ଭୂଗୋଳ

୧.ସମ୍ବଳ ପ୍ରକୃତି ଅନୁସାରେ କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?
(କ) ଅର୍ଥ ଲଗାଣ (ଖ) ଶିଳ୍ପ (ଗ) ଅର୍ଥ ସଂଚାଳନ (ଘ) ଖଣିଜ

୨.ଜ୍ଞାନକୌଶଳ ଅଭାବରୁ ଅବ୍ୟବହୃତ ସମ୍ବଳକୁ କ'ଣ କୁହାଯାଏ ?
(କ) ସାଂସ୍କୃତିକ ସମ୍ବଳ (ଖ) ଅବିରାମ ସମ୍ବଳ
(ଗ) ସମ୍ବଳ ଭଣ୍ଡାର (ଘ) ଗଚ୍ଛିତ ସମ୍ବଳ

୩.କେଉଁ ଅଞ୍ଚଳରେ ଅଧିକ କୃଷିକାର୍ଯ୍ୟ ହୋଇଥାଏ ?
(କ) ପାର୍ବତ୍ୟ ଭୂମି (ଖ) ମାଳଭୂମି
(ଗ) ଗଡ଼ାଣିଆ ଭୂମି (ଘ) ସମତଳ ଭୂମି

୪. କେଉଁଟି ଅପୂରଣୀୟ ସମ୍ବଳ ଅନ୍ତର୍ଗତ ?
(କ) ବାୟୁ (ଖ) ଖଣିଜ ପଦାର୍ଥ
(ଗ) ଜୁଆର ଶକ୍ତି (ଘ) ସୌରଶକ୍ତି

୫.ଭାରତ ସମୁଦାୟ ଭୂ-ଭାଗର ଶତକଡ଼ା କେତେ ଭାଗ ମାଳଭୂମି ?
(କ) ୪୩ (ଖ) ୫୫ (ଗ) ୩୦ (ଘ) ୨୭

୬.ଭାରତର କେଉଁଠାରେ ସର୍ବାଧିକ ଚାରଣ ଭୂମି ରହିଛି ?
(କ) ଓଡ଼ିଶା (ଖ) ଆନ୍ଧ୍ରପ୍ରଦେଶ (ଗ) ଗୋଆ (ଘ) ହିମାଚଳ ପ୍ରଦେଶ

୭.ଭାରତର କେଉଁ ଭୂମି ସମୁଦାୟ ଆୟତନର ଶତକଡ଼ା ୩୦ ଭାଗ ?
(କ) ଅରଣ୍ୟ (ଖ) ଗୋଚର (ଗ) ପାର୍ବତ୍ୟ (ଘ) ଅଣକୃଷି

୮.ବୃଷ୍ଟିଜଳ ପ୍ରକ୍ଷାଳନ କେଉଁ ମୃତ୍ତିକାରେ ଅଧିକ ହୋଇଥାଏ ?
(କ) ପଟୁ (ଖ) କୃଷ୍ଣ (ଗ) ଲାଟେରାଇଟ୍ (ଘ) ପୀତ

୯.ଓଡ଼ିଶାର କେଉଁ ଜିଲ୍ଲାରେ ଲାଟେରାଇଟ୍ ମୃତ୍ତିକା ଦେଖାଯାଏ ନାହିଁ ?
(କ) କୋରାପୁଟ (ଖ) ଗଞ୍ଜାମ (ଗ) ଢେଙ୍କାନାଳ (ଘ) ସମ୍ବଲପୁର

୧୦.ଆଲାପୁଜା ଓ କୋଟାୟାମ ଜିଲ୍ଲାରେ ଦେଖାଯାଉଥିବା ପିଟ୍ ଓ ଜଳାଭୂମି ମୃତ୍ତିକାକୁ କ'ଣ କୁହାଯାଏ ?
(କ) ଉସର (ଖ) ବରି (ଗ) ରେଗୁର (ଘ) ଭାବର

**ଉତ୍ତର**

**୧.(ଖ) ଲୁଇସ୍ କ୍ୟାରୋଲ, ୨.(କ) ସଂଜୀବ, ୩.(ଗ) ଆଶୁତୋଷ ପରିଡ଼ା, ୪.(ଘ) ସ୍ୱପ୍ନମୟ ଚକ୍ରବର୍ତ୍ତୀ, ୫.(ଖ) ବିହାର, ୬.(ଗ) ସ୍ପେନ୍, ୭.(ଖ) ମକର ସଂକ୍ରାନ୍ତି ପୂର୍ବଦିନ, ୮.(କ) ମଣିପୁରୀ, ୯.(ଖ) ପାର୍ସି ଧର୍ମ, ୧୦.(ଗ) ବଂଶୀ**

**୧.(ଘ) ଖଣିଜ, ୨.(ଗ) ସମ୍ବଳ ଭଣ୍ଡାର, ୩.(ଖ) ମାଳଭୂମି, ୪.(ଖ) ଖଣିଜ ପଦାର୍ଥ, ୫.(ଘ) ୨୭, ୬.(ଘ) ହିମାଚଳ ପ୍ରଦେଶ, ୭.(ଗ) ପାର୍ବତ୍ୟ, ୮.(ଖ) କୃଷ୍ଣ, ୯.(ଘ) ସମ୍ବଲପୁର, ୧୦.(ଖ) ବରି**

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧.ରାଣୀ ଭିକ୍ଟୋରିଆଙ୍କ ୧୮୭୭ ମସିହାରେ ଭାରତର ସାମ୍ରାଜ୍ଞୀ ରୂପେ ଘୋଷଣା କରିବା ପାଇଁ ଦିଲ୍ଲୀଠାରେ କେଉଁ ଇଂରେଜ ଶାସକ ପ୍ରଚୁର ଅର୍ଥବ୍ୟୟ କରି ଏକ ଆଡ଼ମ୍ବରପୂର୍ଣ୍ଣ ଦରବାର ଆୟୋଜନ କରିଥିଲେ ?
(କ) ଲର୍ଡ଼ ରିପନ୍ (ଖ) ଲର୍ଡ଼ କର୍ଜନ
(ଗ) ଲର୍ଡ଼ ଲିଟନ୍ (ଘ) କେହି ନୁହେଁ

୨.ସମ୍ବିଧାନ ପ୍ରଣୟନ ସଭାର ମୋଟ ସଭ୍ୟ (୩୮୯) ମଧ୍ୟରୁ ଦେଶୀୟ ରାଜ୍ୟମାନଙ୍କରୁ କେତେ ଜଣ ସଭ୍ୟ ଥିଲେ ?
(କ) ୯୦ (ଖ) ୯୧ (ଗ) ୯୨ (ଘ) ୯୩

୩.ଆମ ସମ୍ବିଧାନରେ ୪୪ ତମ ସଂଶୋଧନ କେଉଁ ମସିହାରେ ହୋଇଥିଲା ?
(କ) ୧୯୭୧ (ଖ) ୧୮୭୪ (ଗ) ୧୯୭୬ (ଘ) ୧୯୭୮

୪.ଅସ୍ପୃଶ୍ୟତା ନିବାରଣ ସମ୍ବିଧାନର କେଉଁ ଧାରାରେ ବର୍ଣ୍ଣନା କରାଯାଇଛି ?
(କ) ୧୪ (ଖ) ୧୫ (ଗ) ୧୬ (ଘ) ୧୭

୫.ଆଇନ ପ୍ରଣୟନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସଂପର୍କ ସମ୍ବିଧାନର ସପ୍ତମ ଅନୁସୂଚୀରେ ପ୍ରଦତ୍ତ କେତୋଟି ତାଲିକା ବର୍ଣ୍ଣନା କରାଯାଇଛି ?
(କ) ୩ଟି (ଖ) ୪ଟି (ଗ) ୫ଟି (ଘ) ୬ଟି

୬.ଆସାମ, ବିହାର, ପଶ୍ଚିମବଙ୍ଗ ପରି ଓଡ଼ିଶା କ'ଣ ରପ୍ତାନୀ କରି କେନ୍ଦ୍ରଠାରୁ ସହାୟକ ଅନୁଦାନ ପାଏ ?
(କ) ଚ଼ (ଖ) ନଡ଼ିଆ (ଗ) କପା (ଘ) ଝୋଟ

୭.ପ୍ରତି ପାଞ୍ଚ ବର୍ଷରେ ଥରେ କିଏ ଜାତୀୟ ସ୍ତରରେ ଅର୍ଥ ଆୟୋଗ ନିଯୁକ୍ତି କରନ୍ତି ?
(କ) ସଂସଦ (ଖ) ପ୍ରଧାନମନ୍ତ୍ରୀ (ଗ) ରାଷ୍ଟ୍ରପତି (ଘ) ଉପରାଷ୍ଟ୍ରପତି

୮.ଭୋଟରମାନଙ୍କ ସର୍ବନିମ୍ନ ବୟସସୀମା ୨୧ରୁ ୧୮କୁ କେଉଁ ସମ୍ବିଧାନ ସଂଶୋଧନରେ ହ୍ରାସ କରାଯାଇଥିଲା ?
(କ)୫୨ ତମ (ଖ) ୫୪ ତମ (ଗ) ୬୧ ତମ (ଘ) ୭୩ ତମ

୯.ଜଣେ ବ୍ୟକ୍ତି ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀହେବାକୁ ହେଲେ ତାଙ୍କୁ ଅନ୍ୟୁନ କେତେ ଟଙ୍କା ଅମାନତ ରାଶି ହିସାବରେ ଜମା ଦେବାକୁ ପଡ଼ିବ ?
(କ) ଟ.୧୦,୦୦୦ (ଖ) ଟ.୨୦,୦୦୦
(ଗ) ଟ.୩୦,୦୦୦ (ଘ) ଟ.୩୫,୦୦୦

୧୦.୧୯୩୬ ମସିହା କେଉଁ ମାସଠାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ?
(କ) ଜାନୁଆରୀ -୧ (ଖ) ଫେବୃୟାରୀ-୧
(ଗ) ମାର୍ଚ୍ଚ-୧ (ଘ) ଏପ୍ରିଲ -୧

## କମ୍ପ୍ୟୁଟର ଶିକ୍ଷା

୧. ସର୍ବପ୍ରଥମେ ଆବାକସ କେଉଁ ଦେଶରେ ପ୍ରଚଳିତ ହୋଇଥିଲା ?
(କ) ଚୀନ (ଖ) ଭାରତ (ଗ) ୟୁରୋପ (ଘ) ଗ୍ରୀସ

୨. ପ୍ରଥମ ଗାଣିତିକ ହିସାବ ଯନ୍ତ୍ର କିଏ ଉଦ୍ଭାବନ କରିଥିଲେ ?
(କ) ୱିଲିୟମ୍ ଅଟରେଡ୍ (ଖ) ଚାର୍ଲସ ବାବେଜ
(ଗ) ବ୍ଲେଜ ପାସ୍କାଲ (ଘ) ଲେଇ ବନିସ୍

୩. ବହୁଦେଶୀୟ କମ୍ପ୍ୟୁଟରର ନିର୍ମାଣକାରୀ ସଂସ୍ଥା ଆ.ଇ.ବି.ଏମ୍.ର ପ୍ରତିଷ୍ଠାତା କିଏ ଥିଲେ ?
(କ) ଆନାଲ ଟୁରିଂ (ଖ) ନିକୋଲାସ୍ ୱର୍ଥ
(ଗ) ଡ. ହରମ୍ୟାନ ହୋଲେରିଥ୍ (ଘ) ଚାର୍ଲସ ବାବେଜ

୪. କେଉଁ କମ୍ପୁଟରଟି ପ୍ରଥମ ପିଢିର କମ୍ପ୍ୟୁଟର ଅଟେ ?
(କ) ମାର୍କ-୧ (ଖ) ଏନିଆକ୍ (ଗ) ଏଡ୍‌ଭାକ୍ (କ) ୟୁନିଭାକ୍-୧

୫. କମ୍ପ୍ୟୁଟର ତଥ୍ୟରେ ରହୁଥିବା ତ୍ରୁଟିକୁ କ'ଣ କୁହାଯାଏ ?
(କ) ଚିପ୍‌ସ୍ (ଖ) ସ୍ୱାଇଟ୍ (ଗ) ବିଟସ୍ (ଘ) ବଗ୍

୬. ପ୍ରଥମ ବ୍ୟବସାୟିକ ମାଇକ୍ରୋ ପ୍ରୋସେସର ଚିପସ୍‌ର ନାମ କ'ଣ ଥିଲା ?
(କ) ଇନଟେଲ୍-୪୦୪୦ (ଖ) ଇନଟେଲ୍-୪୦୦୪
(ଗ) ଇନଟେଲ୍-୮୦୮୦ (ଘ) ଇନଟେଲ୍-୮୦୦୮

୭. ଯେଉଁ କମ୍ପ୍ୟୁଟର ମନିଟରର ରଙ୍ଗୀନ ଛବି ଆସେ ନାହିଁ ସେ ପ୍ରକାରର ମନିଟରକୁ କ'ଣ କୁହନ୍ତି ?
(କ) କଳାଧଳା (ଖ) ମନୋକ୍ରୋମ ମନିଟର
(ଗ) ପରଦା (ଘ) ଅଣ ରଙ୍ଗୀନ ମନିଟର

୮. କମ୍ପ୍ୟୁଟର ଭାଇରସ୍ ଶବ୍ଦ ପ୍ରଥମେ କିଏ ପ୍ରଚଳନ କରିଥିଲେ ?
(କ) ଜନ୍ ମାକାର୍ଥି (ଖ) ଫ୍ରେଡି କୋହେନ୍
(ଗ) ହାୱାର୍ଡ ଆକେନ (ଘ) ଜେ.ଏସ୍ .କିଲବି

୯. ପ୍ରଥମେ ଭାରତକୁ କେଉଁ ମସିହାରେ କମ୍ପ୍ୟୁଟର ଆସିଥିଲା ?
(କ) ୧୯୪୫ (ଖ) ୧୯୪୬ (ଗ) ୧୯୫୮ (ଘ) ୧୯୬୪

୧୦.ଭାରତରେ ନିର୍ମାଣ ହୋଇଥିବା ସବୁଠାରୁ ସୁପର କମ୍ପ୍ୟୁଟରର ନାମ କ'ଣ ?
(କ) ASCII (ଖ) ISI-JU
(ଗ) PARAM-PADMA (ଘ) TIFER

### ଉତ୍ତର

**୧.(ଗ) ଲର୍ଡ଼ ଲିଟନ୍, ୨.(ଘ) ୯୩, ୩.(ଘ)୧୯୭୮, ୪.(ଘ)୧୭, ୫.(କ) ୩ଟି, ୬.(ଘ) ଝୋଟ, ୭. (ଗ)ରାଷ୍ଟ୍ରପତି, ୮.(ଗ) ୬୧ ତମ, ୯.(କ) ଟ.୧୦,୦୦୦, ୧୦.(ଘ) ଏପ୍ରିଲ-୧**

**୧.(କ)ଚୀନ, ୨.(ଗ) ବ୍ଲେଜ ପାସ୍କାଲ, ୩.(ଗ) ଡ. ହରମ୍ୟାନ ହୋଲେରିଥ୍, ୪.(ଖ) ଏନିଆକ୍, ୫.(ଘ) ବଗ୍, ୬.(କ) ଇନଟେଲ୍-୪୦୪୦, ୭.(ଖ) ମନୋକ୍ରୋମ ମନିଟର, ୮.(ଖ) ଫ୍ରେଡି କୋହେନ୍, ୯.(ଖ) ୧୯୪୬, ୧୦.(ଗ) PARAM-PADMA**

## ସାଧାରଣ ବିଜ୍ଞାନ

୧.କଲିକତା ସ୍ଥିତ ରାଷ୍ଟ୍ରୀୟ ଭୌତିକ ବିଜ୍ଞାନ ସଂସ୍ଥାର ପ୍ରତିଷ୍ଠାତା କିଏ ?
(କ) ହୋମି ଜାହାଙ୍ଗିର ଭାବା (ଖ) ଜାନକୀନାଥ ବୋଷ
(ଗ) ବିକ୍ରମ ସରାଭାଇ (ଘ) ମେଘନାଦ ଶାହା

୨. ଆମ ଶରୀରରେ କାହା ଯୋଗୁଁ ହୃତପିଣ୍ଡ, ଫୁସଫୁସ୍, ବୃକକ୍ ତଥା ପାକସ୍ଥଳି ଆଦି କାର୍ଯ୍ୟ ପରିଚାଳିତ ହୋଇଥାଏ ?
(କ) ବୃହତ ମସ୍ତିଷ୍କ (ଖ) ସହସ୍ରାର ଅନୁମସ୍ତିଷ୍କ
(ଗ) ସୁଷୁମ୍ନା ଶୀର୍ଷକ (ଘ) କୌଣସିଟି ନୁହେଁ

୩. ସାଇବରନେଟିକ ଓ ଅର୍ଗାନିଜମ୍ ଶବ୍ଦ ଦୁଇଟିର ସମାହାର କ'ଣ ?
(କ) ସାଇବର ନିଜମ୍ (ଖ) ସାଇଅର୍ଗା
(ଗ) ସାଇବର୍ଗ (ଘ) ଅର୍ଗାନେଟିକ୍

୪. କେଉଁ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଶିଶୁଟିଏ ହାରାହାରି ୪୦୦ ଥର ଶୁଣିଥାଏ ?
(କ) କାଲିଫର୍ଣ୍ଣିଆ (ଖ) ହାର୍ଭାଡ (ଗ) ଟେକ୍ସାସ (ଘ) ଫିଲାଡେଲ୍‌ଫିଆ

୫. ରୋବୋକପ୍, ସୁପରବଟ୍, ରେଡ଼ହକ୍ ଓ ବ୍ଲାକ୍ କ୍ୟାଟ ନାମରେ ବିଭିନ୍ନ ରୋବୋଟ୍ ସବୁ ବଜାରକୁ ଛାଡୁଥିବା ମିଲାଗ୍ରୋ ହ୍ୟମାନ୍‌ଟେକ୍ କମ୍ପାନୀ କେଉଁଠି ଅବସ୍ଥିତ ?
(କ) ମୁମ୍ବାଇ (ଖ) କୋଲକତା (ଗ) ବାଙ୍ଗାଲୋର (ଘ) ଗୁରଗାଓଁ

୬. କେଉଁ ଧାତୁ ବୁଲେଟ୍ ପ୍ରୁଫ୍ ପ୍ରସ୍ତୁତିରେ ଲାଗୁଥିବା ଷ୍ଟିଲ ତିଆରି ପାଇଁ ଆବଶ୍ୟକ ହୁଏ ?
(କ) ଟଙ୍ଗଷ୍ଟେନ୍ (ଖ) ଜିରକୋନିୟମ୍ (ଗ) ଟିଟାନିୟମ୍ (ଘ) ଭାନାଡିଅମ୍

୭. କେଉଁ ଓଡ଼ିଆ ରସାୟନ ବିଜ୍ଞାନୀଙ୍କୁ ଭାରତ ସରକାର ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଛନ୍ତି ?
(କ) ଡ. ପ୍ରଫୁଲ୍ଲ କୁମାର ଜେନା (ଖ) ଡ. ଗୋକୁଳାନନ୍ଦ ମହାପାତ୍ର
(ଗ) ଡ. ନିଖିଳ ମୋହନ ପଟ୍ଟନାୟକ (ଘ) ଡ. ରମେଶ ଚନ୍ଦ୍ର ପରିଡା

୮. କେଉଁଟା ଏକ ତାରକାପୁଞ୍ଜ (Cluster) ?
(କ) ରୋହିଣୀ (ଖ) ବଶିଷ୍ଠ (ଗ) କୃତ୍ତିକା (ଘ) ଆଲଫା ସେଣ୍ଟାଉରୀ

୯.ଆମ ଦେଶରେ ପରମାଣୁ ଶକ୍ତି ଆୟୋଗ କେବେ ପ୍ରତିଷ୍ଠା ହୋଇଥିଲା ?
(କ) ୪ ଅଗଷ୍ଟ ୧୯୫୯ (ଖ) ୩ ଅଗଷ୍ଟ ୧୯୫୪
(ଗ) ୨୦ ଜାନୁଆରୀ ୧୯୫୭ (ଘ) ୧୦ ଅଗଷ୍ଟ ୧୯୪୮

୧୦. ଗାଡ଼ିଚାଳକ ପଛ ପାଖର ଯାନବାହାନକୁ ଦେଖିବାପାଇଁ ଗାଡ଼ିରେ କେଉଁ ପ୍ରକାର ଦର୍ପଣ ଲାଗିଥାଏ ?
(କ) ସମତଳ ଦର୍ପଣ (ଖ) ଉତ୍ତଳ ଦର୍ପଣ
(ଗ) ଅବତଳ ଦର୍ପଣ (ଘ) କେଉଁଟି ନୁହେଁ

## ଗଣିତ

୧.ଯେ କୌଣସି ଏକ ସଂଖ୍ୟାର କେତେ ଘାତର ମୂଲ୍ୟ ୧ ସହ ସମାନ ?
(କ) ୧ (ଖ) ୧/୨ (ଗ) ୧/୪ (ଘ) ୦

୨.Mathematics ଶବ୍ଦରୁ ସ୍ୱରବର୍ଣ୍ଣ (Vowel) ବାଛିବାର ସମ୍ଭାବ୍ୟତା କେତେ ?
(କ) ୧/୨ (ଖ) ୩/୧୧ (ଗ) ୪/୧୧ (ଘ) ୨/୭

୩.ବେପରୱା ହୋଇ ଗାଡ଼ି ଚଳାଇଲେ ଜୋରିମାନା ପରିମାଣ ନିଶାସକ୍ତ ହୋଇ ଗାଡ଼ି ଚଳାଇବା ଜୋରିମାନା ପରିମାଣର କେତେ ଗୁଣ ?
(କ) ୨ (ଖ) ୧/୨ (ଗ) ୧/୧୦ (ଘ) ସମାନ

୪.ଏକ ଟ୍ରାପିଜିଅମ୍‌ର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ ଟ୍ରାପିଜିୟମଟି କ'ଣ ହେବ ?
(କ) ବୃତ୍ତାନ୍ତର୍ଲିଖିତ (ଖ) ସାମନ୍ତରିକ ଚିତ୍ର
(ଗ) ବର୍ଗ ଚିତ୍ର (ଘ) ରମ୍ବସ

୫.୩ ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ ସର୍ବାଧିକ କେତେ ସେ.ମି ଜ୍ୟା ଅଙ୍କନ କରାଯାଇପାରିବ ?
(କ) ୫ (ଖ) ୬ (ଗ) ୮ (ଘ) ୧୦

୬.ଗୋଟିଏ ସ୍ତମ୍ଭର ଉଚ୍ଚତା ଏହାର ଛାଇର ଦୈର୍ଘ୍ୟ ସହ ସମାନ ହେଲେ, ସେହି ସମୟର ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ କେତେ ଥିଲା ?
(କ) ୪୫୦ (ଖ) ୩୦୦ (ଗ) ୬୦୦ (ଘ) ୧୫୦

୭. ଗୋଟିଏ କୋନ୍‌ର ବ୍ୟାସାର୍ଦ୍ଧ ଏବଂ ବକ୍ର ଉଚ୍ଚତା ଯଥାକ୍ରମେ ୭ ସେ.ମି. ଓ ୨୫ ସେ.ମି. ହେଲେ କୋନ୍‌ର ଉଚ୍ଚତା କେତେ ସେ.ମି ?
(କ) ୩୨ (ଖ) ୧୮ (ଗ) ୨୪ (ଘ) ୩୬

୮. ୩x୨+X-୨=୦ ସମୀକରଣର X ଓ Y, ଦୁଇଟି ବୀଜ ହେଲେ ୧/x+୧/yର ମାନ କେତେ ?
(କ) ୩/୪ (ଖ)୧/୨ (ଗ) ୧/୪ (ଘ) ୩/୨

୯.କେଉଁ ମସିହାରେ ଶ୍ରୀନିବାସ ରାମାନୁଜନ୍ କ୍ରେମ୍ବ୍ରିଜ୍ ଦର୍ଶନ ସୋସାଇଟି, ଲଣ୍ଡନର ରୟାଲ ସୋସାଇଟି ଓ ଟ୍ରିନିଟି କଲେଜର ଫେଲୋଭାବେ ନିର୍ବାଚିତ ହୋଇଥିଲେ ?
(କ) ୧୯୧୬ (ଖ) ୧୯୧୭ (ଗ) ୧୯୧୮ (ଘ) ୧୯୧୯

୧୦.କେଉଁ ପ୍ରାଚୀନ ଭାରତୀୟ ଗଣିତଜ୍ଞ ପ୍ରାୟ ୮୫୦ ଖ୍ରୀଷ୍ଟାବ୍ଦ ବେଳକୁ 'ଗଣିତ ସାର ସଂଗ୍ରହ' ପୁସ୍ତକ ରଚନା କରିଥିଲେ ?
(କ) ଆର୍ଯ୍ୟଭଟ୍ଟ (ଖ) ପ୍ରଥମ ଭାସ୍କର
(ଗ) ବ୍ରହ୍ମଗୁପ୍ତ (ଘ) ମହାବୀର

### ଉତ୍ତର

**୧.(ଘ) ମେଘନାଦ ଶାହା, ୨.(ଗ) ସୁଷୁମ୍ନା ଶୀର୍ଷକ, ୩.(ଗ) ସାଇବର୍ଗ, ୪.(କ) କାଲିଫର୍ଣ୍ଣିଆ, ୫.(ଘ) ଗୁରଗାଓଁ, ୬.(ଖ) ଜିରକୋନିୟମ୍, ୭.(ଖ) ଡ. ଗୋକୁଳାନନ୍ଦ ମହାପାତ୍ର, ୮.(ଗ) କୃତ୍ତିକା, ୯.(ଘ) ୧୦ ଅଗଷ୍ଟ ୧୯୪୮, ୧୦.(ଖ) ଉତ୍ତଳ ଦର୍ପଣ**

**୧.(ଘ) ୦, ୨.(ଗ) ୪/୧୧, ୩.(ଖ) ୧/୨, ୪.(କ) ବୃତ୍ତାନ୍ତଲିଖିତ, ୫.(ଖ) ୬, ୬.(କ) ୪୫୦, ୭.(ଗ) ୨୪, ୮.(ଖ) ୧/୨, ୯.(ଗ) ୧୯୧୮, ୧୦.(ଘ) ମହାବୀର**



ଗୃହରେ ବସି ସତ୍‌ଚିନ୍ତା କଲେ, ସାଧୁ ସଙ୍ଗର ଫଳ ମିଳେ, କିନ୍ତୁ ସାଧୁମାନଙ୍କ ସଙ୍ଗରେ ରହି ବିଷୟାଳାପ କଲେ, ତାହା ସତ୍‌ସଙ୍ଗରେ ଗଣ୍ୟ ହୁଏନାହିଁ । - ସ୍ୱାମୀ ବିବେକାନନ୍ଦ

# ପର୍ବପର୍ବାଣୀ

## ଜାନୁୟାରୀ
(ଧନୁ ଦି୧୭ନ-ମକର ଦି୧୭ନ)
(ପୌଷ କୃଷ୍ଣ ପଞ୍ଚମୀ-ମାଘ କୃଷ୍ଣ ପଞ୍ଚମୀ)

ତା୦୭. ସଫଳା ଏକାଦଶୀ
ତା୧୦. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା
ତା୧୧. ବକୁଳ ଅମାବାସ୍ୟା, ଶ୍ରୀଯଜ୍ଞ ବରାହ ଜନ୍ମ, ଶରଣ ପଞ୍ଚକ ଆରମ୍ଭ
ତା୧୨. ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା
ତା୧୪. ମାସାନ୍ତ, ନବାଙ୍କ ବେଢ଼ା
ତା୧୫. ମକର ସଂକ୍ରାନ୍ତି, ପୋଙ୍ଗଲ, ଶରଣ ଶେଷ
ତା୧୬. ବରଗଡ଼ରେ ଧନୁଯାତ୍ରା ଆରମ୍ଭ
ତା୨୦. ଶାମ୍ବ ଦଶମୀ (ସୂର୍ଯ୍ୟ ପୂଜା)
ତା୨୧. ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ
ତା୨୫. ପୌଷ ପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, ପୁଷ୍ୟ ପୁନି, ଦେବାଭିଷେକ
ତା୨୬. ପୁଷ୍ୟାଭିଷେକ, ମାଘ ସ୍ନାନ ଆରମ୍ଭ
ତା୨୯. ସଙ୍କଟ ଚତୁର୍ଥୀ ବ୍ରତ

## ଫେବୃଆରୀ
(ଧନୁ ଦି୧୭ନ-ମକର ଦି୧୭ନ)
(ପୌଷ କୃଷ୍ଣ ପଞ୍ଚମୀ-ମାଘ କୃଷ୍ଣ ପଞ୍ଚମୀ)

ତା୦୨. ଅଷ୍ଟକା ଶ୍ରାଦ୍ଧ
ତା୦୬. ଷଟ୍‌ତିଳା ଏକାଦଶୀ ଓ ହଳ ନିଷେଧ
ତା୦୮. ରଟନ୍ତୀ ଚତୁର୍ଦ୍ଦଶୀ ଉପବାସ, ରଟନ୍ତୀ କାଳିକା ପୂଜା, ସବେ- ମେରାଜ (ପୂର୍ବରାତ୍ରି), ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ଶରଣ ଆରମ୍ଭ
ତା୦୯. ତ୍ରିବେଣୀ ଅମାବାସ୍ୟା, ମା'ବିରଜା ଦେବୀଙ୍କ ଜନ୍ମୋତ୍ସବ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା୧୦. ଶ୍ରୀ ଜୀଉଙ୍କ ପଦ୍ମ ବେଶ
ତା୧୧. ଚନ୍ଦ୍ରଦର୍ଶନ ଓ ପୂଜା
ତା୧୨. ଶରଣ ଶେଷ
ତା୧୩. କୁମ୍ଭ ସଂକ୍ରାନ୍ତି, ବରଦା ଚତୁର୍ଥୀ ଓ ହଳ ନିଷେଧ
ତା୧୪. ସରସ୍ୱତୀ ପୂଜା, ଶ୍ରୀ ପଞ୍ଚମୀ ଓ ବସନ୍ତୋତ୍ସବ
ତା୧୬. ମାଘ ସପ୍ତମୀ, (କୋର୍ଣାକ) ଚନ୍ଦ୍ରଭାଗା ତୀର୍ଥେ ସ୍ନାନ, ଭୀଷ୍ମାଷ୍ଟମୀ ଓ ଶ୍ରୀମନ୍ଦିରରେ ଜଗତସିଂହପୁର ମହାପୁରୁଷ ବୃନ୍ଦାବନ ଦାସଙ୍କ ଜନ୍ମୋତ୍ସବ
ତା୨୦. ଭୈମୀ ଏକାଦଶୀ (ବଡ଼) ଉପବାସ, ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ ଓ ହଳ ନିଷେଧ
ତା୨୨. ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବଚତୁର୍ଦ୍ଦଶୀ ଉପବାସ
ତା୨୩. ଅଗ୍ନ୍ୟୁତ୍ସବ ଓ ଯୋରନ୍ଦା ମେଳା
ତା୨୪. ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ଚନ୍ଦ୍ରପୂଜା ଓ ଉପବାସ
ତା୨୬. ସବେ-ବରାତ୍ (ପୂର୍ବରାତ୍ରି)

# ମୁଖ୍ୟ ଦିବସ

ତା୦୧. ଇଂରାଜୀ ନୂଆ ବର୍ଷ, ବିଶ୍ୱ ପରିବାର ଦିବସ, ବିଶ୍ୱ ଶାନ୍ତି ଦିବସ
ତା୦୩. ସାବିତ୍ରୀବାଇ ଫୁଲେ ଜୟନ୍ତୀ, ନିରବତା ଦିବସ
ତା୦୪. ବିଶ୍ୱ ବ୍ରେଲ ଦିବସ
ତା୦୫. ଗୁରୁ ଗୋବିନ୍ଦ ସିଂ ଜୟନ୍ତୀ
ତା୦୬. ବିଶ୍ୱ ଯୁଦ୍ଧ ଅନାଥ ଶିଶୁ ଦିବସ
ତା୦୯. ପ୍ରବାସୀ ଭାରତୀୟ ଦିବସ
ତା୧୦. ବିଶ୍ୱ ହିନ୍ଦୀ ଦିବସ
ତା୧୧. ଲାଲବାହାଦୂର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ଜାତୀୟ ସଡକ ସୁରକ୍ଷା ସପ୍ତାହ
ତା୧୨. ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦ ଜୟନ୍ତୀ
ତା୧୪. ସଶସ୍ତ୍ରବାହିନୀ ବୟୋବୃଦ୍ଧ (ଭେଟେରାନ୍ସ) ଦିବସ, ଫକୀର ମୋହନ ଜୟନ୍ତୀ
ତା୧୫. ଭାରତୀୟ ସ୍ଥଳସେନା ଦିବସ
ତା୧୯. ଜାତୀୟ ପୋଲିଓ ଟିକାକରଣ ଦିବସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଦିବସ
ତା୨୩. ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଜୟନ୍ତୀ, ସାହସିକତା ଦିବସ
ତା୨୪. ଜାତୀୟ ବାଳିକା ଶିଶୁ ଦିବସ, ଅନ୍ତର୍ଜାତୀୟ ଶିକ୍ଷା ଦିବସ
ତା୨୫. ଜାତୀୟ ମତଦାତା ଦିବସ, ଭାରତୀୟ ପର୍ଯ୍ୟଟନ ଦିବସ
ତା୨୬. ସାଧାରଣତନ୍ତ୍ର ଦିବସ, ଅନ୍ତର୍ଜାତୀୟ ସୀମାଶୁଳ୍କ ଦିବସ
ତା୨୭. ଆନ୍ତର୍ଜାତୀୟ ପ୍ରଳୟସ୍ମୃତି (ହୋଲକୋଷ୍ଟ) ଦିବସ, ଅଭିରାମ ପରମହଂସ ଜୟନ୍ତୀ
ତା୨୮. ଲାଲା ଲଜପତ ରାୟଙ୍କ ଜନ୍ମ ଦିବସ, ତଥ୍ୟ ସୁରକ୍ଷା ଦିବସ, (ଜାନୁଆରୀର ଶେଷ ରବିବାର) ବିଶ୍ୱ କୁଷ୍ଠରୋଗ ନିରାକରଣ ଦିବସ
ତା୨୯. ବର୍ଣ୍ଣବୋଧ ଦିବସ, ଭକ୍ତକବି ମଧୁସୂଦନ ଦାସଙ୍କ ଜୟନ୍ତୀ
ତା୩୦. ଶହୀଦ ଦିବସ (ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ)

ତା୦୧. ଭାରତୀୟ ତଟରକ୍ଷୀ ବାହିନୀ ଦିବସ
ତା୦୨. ବିଶ୍ୱ ଆଦ୍ରଭୂମି ଦିବସ
ତା୦୪. ବିଶ୍ୱ କର୍କଟ ଦିବସ, ଶ୍ରୀଲଙ୍କା ଜାତୀୟ ଦିବସ
ତା୦୫. ସନ୍ଥ ରବିଦାସ ଜନ୍ମ ଦିବସ
ତା୦୬. ମହିଳା ଶୋଷଣ ବିରୁଦ୍ଧରେ ଅନ୍ତର୍ଜାତୀୟ ଦିବସ, ଜାମ୍ମୁ-କାଶ୍ମୀର ଜାତୀୟ ଦିବସ
ତା୦୭. ଅନ୍ତର୍ଜାତୀୟ ବିକାଶ ସପ୍ତାହ
ତା୧୦. ବିଶ୍ୱ ଡାଲି ଜାତୀୟ ଶସ୍ୟ ଦିବସ
ତା୧୧. ଅନ୍ତର୍ଜାତୀୟ ବିଜ୍ଞାନରେ ମହିଳା ଏବଂ ବାଳିକା ଦିବସ
ତା୧୨. ଜାତୀୟ ଉତ୍ପାଦକ ଦିବସ
ତା୧୩. ସରୋଜିନୀ ନାଇଡୁଙ୍କ ଜୟନ୍ତୀ, ବିଶ୍ୱ ରେଡିଓ ଦିବସ
ତା୧୪. ପୁଲୱାମା ଆକ୍ରମଣ ବାର୍ଷିକୀ ଦିବସ, ଭାଲେଣ୍ଟାଇନ ଦିବସ
ତା୧୫. ଅନ୍ତର୍ଜାତୀୟ ଶିଶୁ କର୍କଟ ଦିବସ
ତା୧୫. ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ
ତା୧୮-୨୭. ତାଜ୍ ମହୋତ୍ସବ (ଆଗ୍ରା)
ତା୧୯. ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀ
ତା୨୦. ବିଶ୍ୱ ସାମାଜିକ ନ୍ୟାୟ ଦିବସ
ତା୨୧. ଆନ୍ତର୍ଜାତୀୟ ମାତୃଭାଷା ଦିବସ
ତା୨୪. କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ଏକ୍ସାଇଜ)ଦିବସ
ତା୨୭. ବିଶ୍ୱ ଏନ.ଜି.ଓ. ଦିବସ
ତା୨୮. ଜାତୀୟ ବିଜ୍ଞାନ ଦିବସ

# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ SAHAJOG HOSPITAL ସେବାରେ ଶେଷ)

| | | | |
|---|---|---|---|
| ପ୍ରତିଦିନ ସନ୍ଧ୍ୟା ୬ ରୁ ୯ ସ୍ତ୍ରୀରୋଗ ଓ ସର୍ଜରୀ କ୍ଲିନିକ୍ | ଆଡ୍‌ଭାନ୍ସଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର | ପ୍ରତ୍ୟେକ ଶନିବାର ପ୍ଲାଷ୍ଟିକ୍ ସର୍ଜରୀ ପରାମର୍ଶ ଓ ଅପରେସନ୍ | ପ୍ରତ୍ୟେକ ରବିବାର ଇ.ଏନ୍.ଟି ପରାମର୍ଶ ଓ ଅପରେସନ୍ |

ପ୍ରତ୍ୟେକ ପ୍ରକାରର ସ୍ତ୍ରୀରୋଗ ଅପରେସନ୍, ସାଧାରଣ ସର୍ଜରୀ, ଇ.ଏନ୍.ଟି ସର୍ଜରୀ
ପରିଶ୍ରା ବିଭାଗ ସର୍ଜରୀ, ଗ୍ୟାଷ୍ଟ୍ରୋ ସର୍ଜରୀ, କ୍ୟାନ୍ସର ସର୍ଜରୀ, ଶିଶୁରୋଗ ସର୍ଜରୀ ଓ ପ୍ଲାଷ୍ଟିକ୍ ସର୍ଜରୀ

## ଏଠାରେ ''ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା'' ଓ ''ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'' ରୋଗୀମାନଙ୍କର ଅପରେସନ୍ ଓ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯାଏ ।

## ରୋଗୀ ମାନଙ୍କ ପାଇଁ ସୁଷମ ଖାଦ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ମାଗଣାରେ

**ଅପରେସନ୍ ରୋଗୀମାନଙ୍କର ଡିସ୍‌ଚାର୍ଜ୍ ପରେ ମାଗଣାରେ ଘରେ ନେଇ ଛାଡ଼ି ଆସିବାର ବ୍ୟବସ୍ଥା**

ଯୋଗାଯୋଗ:-୦୬୭୫୫-୨୨୧୩୨୧, ୯୪୩୭୪୨୧୭୮୮
୯୪୩୭୨୭୧୮୩୨, ୯୯୩୮୪୪୬୩୦୯, ୯୯୩୭୩୩୧୫୦୦

Volume - 14 ● Issue No. 7 ● Monthly ● January - 2024 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA KHORDHA

# ARYAVART ANCIENT ACADEMY

## (A Senior Secendary School)

**Affiliated to CBSE, New Delhi - 1530380**

**BHUBANESWAR, KHORDHA**











Plot No. 684, Haldipada, Khordha, Pin - 752056, Contact : **9124654094, 7978898594**
Email : aryavartaa.krd@gmail.com, Website : www.aaaschool.in


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From
M1/5, MPHB Colony, P.O. - P.N College, Khordha - 752057